

## ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ, ଭୁବନେଶ୍ୱର

# ଇ ପତ୍ରିକା

ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା, ୧ ଅଗଷ୍ଟ ୨୦୨୩
Vol. - II, 2nd Issue, 1st August 2023





- ସ୍ୱଭାବକବି ଗଙ୍ଗାଧର ମେହେର
(କବିଙ୍କ ନିଜ ହସ୍ତାକ୍ଷର)

**Publisher : Newtra Creations, Bhubaneswar**

Email : epatrika.cspursahityasansad@gmail.com
Website: www.newtracreations.com / www.cspursahityasansad.com

# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ଇ-ପତ୍ରିକା

ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା, ୧ ଅଗଷ୍ଟ ୨୦୨୩
Vol . - II, Issue - II, 1st August 2023



**ଉପଦେଷ୍ଟା :**
ପ୍ରଫେସର୍ ଅଭୟ କୁମାର ବେହେରା
ପ୍ରଫେସର ଅଶୋକ କୁମାର ମହାନ୍ତି
ଜ୍ୟୋତି ପ୍ରକାଶ ଗଡ଼ତ୍ୟା
ଡକ୍ଟର୍ ସଂଘମିତ୍ରା ଭଞ୍ଜ

**ମୁଖ୍ୟ ସମ୍ପାଦକ :**
ବସନ୍ତ ମାଝି

**ସମ୍ପାଦକ :**
ସରୋଜ କୁମାର ଶତପଥୀ

**ସମ୍ପାଦନା ମଣ୍ଡଳୀ :**
ପ୍ରଫେସର୍ ବୀଣାପାଣି ତ୍ରିପାଠୀ
ଯଶୋବନ୍ତ ସେଠୀ
ବିଦ୍ୟାଧର ଗୁରୁ
କ୍ଷଣପ୍ରଭା ମହାନ୍ତି

**ଅଳଙ୍କରଣ ଓ ପ୍ରଚ୍ଛଦ :**
ସରୋଜ କୁମାର ଶତପଥୀ



**ପ୍ରକାଶକ :**
ନ୍ୟୁଟ୍ରା କ୍ରିଏସନ୍ସ,
ପ୍ଲଟ୍ ନଂ -୫, ଜୟଦେବ ନଗର,
ଲୁଇସ୍ ରୋଡ୍, ଭୁବନେଶ୍ୱର-୦୨
ମୋ - ୯୯୩୭୧୨୮୫୪୭
e-mail : newtracreations@gmail .com
website : www.newtracreations.com



**ସମ୍ପର୍କ :**
ସମ୍ପାଦକ: ଇ-ପତ୍ରିକା,
୭/୧୩-ଟାଇପ୍ 'ବି'(ରିଭାଇଜ୍ଡ)
ୟୁନିଟ୍ -୯, ଭୁବନେଶ୍ୱର-୨୨
ଫୋନ -୯୪୩୮୬୨୧୯୨୫/୯୯୩୭୧୨୮୫୪୭
e-mail : epatrika@cspursahityasansad.com
website : www.cspursahityasansad.com



**Patron:**
Prof. Avaya Kumar Behera
Prof. Ashok Kumar Mohanty
Jyoti Prakash Gadtya
Dr. Sanghamitra Bhanja

**Chief Editor :**
Basanta Majhi

**Editor :**
Saroj Kumar Satpathy

**Editorial Board :**
Prof. Binapani Tripathy
Jashobanta Sethi
Bidyadhar Guru
Kshyanaprabha Mohanty

**Illustration & Cover design :**
Saroj Kumar Satpathy



**Publisher :**
Newtra Creations
Plot no-5, Jayadev Nagar
Bhubaneswar - 751002
Mob : 9937128547
e-mail : newtracreations@gmail.com
website : www.newtracreations.com




**Contact :**
Editor - ePatrika,
7/13- Type 'B' (Revised), Unit-9,
Bhubaneswar - 751022
Mob : 9438621925 / 9937128547
Email : epatrika@cspursahityasansad.com
website : www.cspursahityasansad.com

ଇ-ପତ୍ରିକା
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା, ୧ ଅଗଷ୍ଟ ୨୦୨୩



**ସ୍ୱଭାବକବି ଗଙ୍ଗାଧର ମେହେର ଜୟନ୍ତୀ ଅବସରରେ
ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ତରଫରୁ ସମସ୍ତଓଡ଼ିଶାବାସୀ ତଥା ଓଡ଼ିଆ ପ୍ରେମୀଙ୍କୁ
ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।**



– ଗଙ୍ଗାଧର ମେହେର
(କବିଙ୍କ ନିଜ ହସ୍ତାକ୍ଷର)

## ଭକ୍ତି

ବିଶ୍ୱ ଜୀବନ ହେ ତୁମ୍ଭଙ୍କୁ କରୁଣା ସିନ୍ଧୁ
ବୋଲିବାକୁ ମନ ବଳୁ ନାହିଁ ଯେଣୁ
ସିନ୍ଧୁ ତୁମ୍ଭ କୃପାବିନ୍ଦୁ ।
ତୁମ୍ଭ ଭଜନରେ ହେବିନାହିଁ ନାଥ
ମାଳା ଜପିବାକୁ ବାଧ,
କୋଟି କୋଟି ଗ୍ରହ କଣ୍ଠି ସେ ମାଳର
କେ ଜପି କରିବ ସାଧ ?
ଦେଇ ନାହିଁ ବଳ ପାଦଧୂଳି ଘେନି
ପାରିବ ନାହିଁ ମୋ ମୁଣ୍ଡ,
କୋଟି କୋଟି ରବି ଧୂଳିରୂପେ ତୁମ୍ଭ
ପାଦେ ହୋଇଛନ୍ତି ଲୁଣ୍ଠ ।
ହୃଦୟର କଥା ଜାଣିବାକୁ ଅଛି
ତୁମ୍ଭର ଅସୀମ ଶକ୍ତି,
ସେତିକି ଘେନିବ ଯେତିକି ଅଛି ମୋ
ହୃଦେ ତୁମ ପ୍ରତି ଭକ୍ତି ।
ଥାପିବାକୁ ତୁମ୍ଭ ମୂରତି ମୋ କ୍ଷୁଦ୍ର
ହୃଦୟରେ ନାହିଁ ସ୍ଥାନ,
ସର୍ଷପ ଗରଭେ ରହିକି ପାରଇ
ହିମାଳୟ ସାନୁମାନ?
କି ଦେଇ ପୂଜିବି ଯାହା ମୁଁ ଦେଖୁଛି
ସବୁ ତୁମ୍ଭରି ପ୍ରସାଦ,
ଯାହା ପରସାଦ ତାଙ୍କୁ ଅରପିଲେ
ହେବ ସିନା ଅପରାଧ !
ମୁଁ କାର ମାତର ମୋର ନୁହେଁ ବୋଲି
କହିବାକୁ ନାହିଁ ବାଟ,
ଦୂରୁ ଶ୍ରୀଚରଣେ ଅର୍ପଣ କରୁଛି
ଘେନ ତା' ବିଶ୍ୱ-ସମ୍ରାଟ !

■■■



**୭୭ତମ ସ୍ୱାଧୀନତା ଦିବସ ପାଳନ ଅବସରରେ**
**ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ତରଫରୁ ସମସ୍ତ ଦେଶବାସୀଙ୍କୁ**
**ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।**

## ସମ୍ପାଦକୀୟ...



# କଣ୍ଟକିତ ପଥରେ ସାହିତ୍ୟ !

ମୁଷ୍ଟିମେୟ ଲୋକଙ୍କ ହାତମୁଠାରୁ ସାହିତ୍ୟ ସାମନ୍ତ ସମାଜର ହାତରେ କଳୁଷିତ ହେବା ଏବଂ ଏହାପରେ ସାହିତ୍ୟ ମୁକୁଳି ଜନ ଦରବାରରେ ପହଞ୍ଚିବାର ପଥ ହେଉଛି ସୁଦୀର୍ଘ, କଣ୍ଟକିତ ତଥା ରକ୍ତକ୍ଷୟୀ । ଶମ୍ବୁକଙ୍କ ଠାରୁ ଆରମ୍ଭ କରି ଦୀନକବି ଦ ୀନକୃଷ୍ଣଙ୍କ ପର୍ଯ୍ୟନ୍ତ ବହୁ ଉଦାହରଣକୁ ଇତିହାସ ତା' ଛାତିରେ ସାଇତି ରଖିଛି । ଜନଦରବାରେ ସାହିତ୍ୟ ପହଞ୍ଚିବା ପରେ ଏହି ମୌଳିକ ଲକ୍ଷ୍ୟ ଓ ଆଦର୍ଶକୁ ପୂରଣ କରିବାରେ ସକ୍ଷମ ହୋଇଛି କି ବୋଲି ପ୍ରଶ୍ନ ଉଠେ । ଏହି ପ୍ରଶ୍ନ ଉଠିବାର କାରଣ ହେଉଛି, ଜନ ଜୀବନର ପ୍ରସଙ୍ଗ ଠାରୁ ସାହିତ୍ୟ ଦୂରେଇ ଯାଇ ଏକ ବିନୋଦନର ବିଷୟ ହୋଇଉଠୁଛି । କଲମ ଚାଳନା କଲାବେଳେ ଆମ ପ୍ରିୟ ଲେଖକମାନଙ୍କୁ ଏ' ଦିଗ ପ୍ରତି ବିଶେଷ ଦୃଷ୍ଟି ଦେବା ବିଧେୟ ।

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଯେତେବେଳେ ଉତ୍କର୍ଷ ଲାଭ କରୁଛି, ସେତେବେଳେ ଏହି ବିଦ୍ୟାର ଉପଯୋଗ ମାଧ୍ୟମରେ ସାହିତ୍ୟକୁ ବହୁଳ ସଂଖ୍ୟକ ଲୋକଙ୍କ ପାଖରେ ପହଞ୍ଚାଇବାର ସଂକଳ୍ପ ଗ୍ରହଣର ଆବଶ୍ୟକତା ରହିଛି । ଆମ ସଂସଦର ମାସିକ ଡିଜିଟାଲ ପତ୍ରିକା "ଇ-ପତ୍ରିକା" ସେହି ସଂକଳ୍ପ ପଥରେ ଅଟଳ ରହି କାର୍ଯ୍ୟ କରିଚାଲିଛି । ଆପଣ ମାନଙ୍କୁ ସେ' ବିନୀତ ଅନୁରୋଧ କରେ ତା'ର ସହଯାତ୍ରୀ ହୁଅନ୍ତୁ । ଆମ ଭାଷା-ସାହିତ୍ୟର ବିକାଶ ଓ ପ୍ରସାରରେ ଜଣେ ଜଣେ ସ୍ୱେଚ୍ଛା ସୈନିକ ହୁଅନ୍ତୁ ।ଏହି ଅଙ୍ଗୀକାର ବିନା ଆମ ଭାଷା-ସାହିତ୍ୟକୁ ସୁଦୂର ପ୍ରସାରୀ କରାଇ ପାରିବା ସମ୍ଭବ ନୁହେଁ ।

ଚଳିତ ମାସ ହେଉଛି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ । ତାଙ୍କ ଅବଦାନ ଓ କୃତି ସମୂହ ବାବଦରେ ଆମେ ଅଧ୍ୟୟନ ମାଧ୍ୟମରେ ସଚେତନ ହୋଇ ଅନ୍ୟମାନଙ୍କୁ ଏହି ଚେତନା ପ୍ରବାହ ଦ୍ୱାରା ଅନୁପ୍ରାଣିତ କରିବା । ତାଙ୍କର ମର୍ମସ୍ପର୍ଶୀ ବାଣୀକୁ ହୃଦୟବତ୍ତା ସହ ଗ୍ରହଣ କରି କହିବାକୁ ଦ୍ୱିଧା ପ୍ରକଟ କରିବୁ ନାହିଁ ଯେ,

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା ।"

*** *** ***

"ମାତୃଭୂମି ମାତୃଭାଷାରେ ମମତା ଯା' ହୃଦେ ଜନମି ନାହିଁ
ତାକୁ ଯେବେ ଜ୍ଞାନୀଗଣରେ ଗଣିବା ଅଜ୍ଞାନ ରହିବେ କାହିଁ ।"



■■■

ସରୋଜ କୁମାର ଶତପଥୀ
ସମ୍ପାଦକ

ଇ ପତ୍ରିକା
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା, ୧ ଅଗଷ୍ଟ ୨୦୨୩

# ମୁଖ ଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ସମ୍ପାଦକୀୟ : କଣ୍ଟକିତ ପଥରେ ସାହିତ୍ୟ | ସରୋଜ କୁମାର ଶତପଥୀ | ୦୫ |
| | **ବ୍ୟାକରଣ ବିଭାଗ** | | |
| ୨. | ଉପସର୍ଗ | ଡ. ଦେବାଶିଷ ମହାପାତ୍ର | ୦୯ |
| | **ଗଦ୍ୟ ବିଭାଗ** | | |
| ୦୩. | ଏକ ନିଃଶବ୍ଦ ବିସ୍ଫୋରଣ | ମଣୀନ୍ଦ୍ର କୁମାର ମେହେର | ୧୩ |
| ୦୪. | ଗଙ୍ଗାଧରଙ୍କ ସଂକ୍ଷିପ୍ତ ଜୀବନୀ ଓ ଇତିହାସ | ସରୋଜ କୁମାର ଶତପଥୀ | ୧୬ |
| ୦୫. | ଅପ୍ରାକୃତ ପ୍ରେମମୂର୍ତ୍ତି | ବସନ୍ତ ମାଝି | ୨୧ |
| ୦୬. | ଭଉଣୀ ଆମକୁ କ୍ଷମା କର ! | ଛନ୍ଦା ମିଶ୍ର | ୨୨ |
| ୦୭. | ପରୀକ୍ଷା | ବିନୋଦିନୀ ଗଉଡ଼ | ୨୪ |
| ୦୮. | ଅହ୍ୟସୁଲକ୍ଷଣୀ | ଡ. ପ୍ରବୀଣା ପରିଡା | ୨୬ |
| ୦୯. | ସାଧୁ ସାବଧାନ | ଅଧାପକ ଅଜୟ ପଟ୍ଟନାୟକ | ୨୮ |
| ୧୦. | ନୈତିକତା | ଗୀତାଞ୍ଜଳି ସାଇଁ | ୩୦ |
| ୧୧. | ଗଞ୍ଜା ରଜା | ମନୋଜ କୁମାର ମହାପାତ୍ର | ୩୧ |
| ୧୨. | ବନୀତା | ପ୍ରଜ୍ଞା ମହାନ୍ତି | ୩୫ |
| ୧୩. | ଜୁଲି ମଏନା (କୋଶଲୀ ଗପ) | ନରସିଂହ ସାହୁ | ୩୬ |
| ୧୪. | ଯୋଗୀରାଜ ତ୍ରୈଲଙ୍ଗ ସ୍ୱାମୀ | ମୀନୁ ହୋତା | ୩୮ |
| | **ପଦ୍ୟ ବିଭାଗ** | | |
| ୧୫. | ଗଙ୍ଗାଧର ମେହେର ଜୟନ୍ତୀ | ରୀତା ମିଶ୍ର | ୪୪ |
| ୧୬. | ବର୍ଷା | ଇଂ. ଶଶିଭୂଷଣ ରଥ | ୪୫ |
| ୧୭. | ସାରା ଆକାଶ ତୁମପରି | ଶିବପ୍ରିୟା ମିଶ୍ର | ୪୬ |
| ୧୮. | ଭିଜା ମାଟି ଭିଜା ମନ | ପିନାକୀ ମିଶ୍ର | ୪୭ |
| ୧୯. | ଜୀବନ ଦି' ଦିନର | ବିଦ୍ୟାଧର ଗୁରୁ | ୪୮ |
| ୨୦. | ପ୍ରେମ | ଡ. ସଂଘମିତ୍ରା ଭଞ୍ଜ | ୪୯ |
| ୨୧. | ମୋ ପାଖେ ଖବର ନାହିଁ | ବସନ୍ତ କୁମାର ଦାସ | ୫୦ |
| ୨୨. | ଲିଖିତ ଦସ୍ତାବିଜ୍ | ଅଞ୍ଜଳି ଆଚାର୍ଯ୍ୟ | ୫୧ |
| ୨୩. | ସେଇ ଗୀତ ପଦକ | ଜୟନ୍ତିକା | ୫୨ |
| ୨୪. | ଆଷାଢ଼ ଆକାଶେ | ମନୋରମା ମିଶ୍ର | ୫୩ |
| ୨୬. | ତ୍ରିମୂର୍ତ୍ତି ଚେତନା | ଡ. ଲାଲା ସେନାପତି | ୫୪ |
| ୨୭. | ଦିଅ ଟିକେ କୃପାବାରି | ଶ୍ରୀମତୀ ଶୁଭ୍ରା ନନ୍ଦ | ୫୫ |
| ୨୮. | ସ୍ୱଭାବକବି ଗଙ୍ଗାଧର | ଶରତ କୁମାରୀ ମିଶ୍ର | ୫୬ |
| ୨୯. | ମେଘ | ଗଜାନନ ମିଶ୍ର | ୫୭ |
| ୩୦. | ଡୋରି | ଜ୍ୟୋତିପ୍ରକାଶ ଗଡ଼ତ୍ୟା | ୫୮ |

ଇ-ପତ୍ରିକା
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା, ୧ ଅଗଷ୍ଟ ୨୦୨୩

# ମୁଖ ଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୩୧. | ଆସ୍ (କୋଶଲୀ କବିତା) | ଯୋଗେଶ ଚନ୍ଦ୍ର ମିଶ୍ର | ୫୯ |
| ୩୨. | ଶେଷହୀନ ଯାତ୍ରା | ପ୍ର.ବୀଣାପାଣି ତ୍ରିପାଠୀ | ୬୦ |
| ୩୩. | ଆନ୍ଦୋଳନ | ବିଷ୍ଣୁପ୍ରିୟା ମହାପାତ୍ର | ୬୧ |
| ୩୪. | ପ୍ରତୀକ୍ଷା | ନିହାରୀକା ରାୟ ବରାଳ | ୬୨ |
| ୩୫. | ଶ୍ରାବଣୀ | ଶୁଭଶ୍ରୀ ସିଂ | ୬୩ |
| ୩୬. | ବର୍ଷାରାଣୀ | ସରୋଜାଲକ୍ଷ୍ମୀ ମହାନ୍ତି | ୬୪ |
| ୩୭. | କବିତା | ଯଜ୍ଞଦତ୍ତ ସାମନ୍ତରାୟ | ୬୫ |
| ୩୮. | ତମ ଦୃଷ୍ଟିରେ ପ୍ରେମ | ଡ. ନଳିନୀ ବେହେରା | ୬୬ |
| ୩୯. | ନାରୀ | ଅନ୍ନଦା ମିଶ୍ର | ୬୭ |
| ୪୦. | ପ୍ରିୟତମ | ପ୍ରବାସିନୀ ମିଶ୍ର | ୬୮ |
| ୪୧. | ସ୍ୱଭାବ କବି | ବୀରେଶ୍ୱର ମହାନ୍ତି | ୬୯ |
| ୪୨. | ଆସ ଆଜି ବର୍ଷାରେ ଭିଜିବା | ସ୍ୱର୍ଣ୍ଣଲତା ମହାପାତ୍ର | ୭୦ |
| ୪୩. | ପ୍ରେମ | ନୀଳମଣି ଚାନ୍ଦ | ୭୧ |
| ୪୪. | ମିଛ | ଆଶୁତୋଷ ଦାଶ | ୭୨ |
| ୪୫. | କଳ୍ପନାର କଳ୍ପବଟ | ବାସନ୍ତୀ ବାରିକ୍ | ୭୩ |
| ୪୬. | ଭାଗ୍ୟର ଭଗ୍ନାଂଶ | ମାନଗୋବିନ୍ଦ ବାରିକ | ୭୪ |
| ୪୭. | ନୀରବତା | ଡ. ପ୍ରିୟମ୍ବଦା ସାମଲ | ୭୫ |
| ୪୮. | ଅନ୍ତରର ଭାବନା | ଗୀତା ପଟ୍ଟନାୟକ | ୭୬ |
| ୪୯. | ବାୟା ଚଢ଼େଇ | କବିତା ନାୟକ | ୭୭ |
| ୫୦. | ଶବ୍ଦ | ପ୍ରିୟଦର୍ଶିନୀ ନାୟକ | ୭୮ |
| ୫୧. | ପ୍ରୀତି | ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ | ୭୯ |
| ୫୨. | କବିତ୍ୱର ପରିଚୟ | ମଧୁସ୍ମିତା ସାହୁ | ୮୦ |
| ୫୩. | ନିଦାଘର ପ୍ରୀତି | ମଧୁସ୍ମିତା ମହାପାତ୍ର | ୮୧ |
| ୫୪. | ତ୍ରିରଙ୍ଗା ଉଡୁଛି ଫରଫର | ତରୁଣବାଳା ମହାପାତ୍ର | ୮୨ |
| ୫୫. | ମୋ ଗାଆଁ | କମଳିନୀ ଦେବୀ | ୮୩ |
| ୫୬. | ଆହାଃ | ସୁଧୀର ମେହେର | ୮୪ |
| ୫୭. | ମା | ମଣିରାଜ ମହାରଣା | ୮୫ |
| ୫୮. | ଚାଲ ଫେରିଯିବା ଗାଁ କୁ | କ୍ଷଣପ୍ରଭା ମହାନ୍ତି | ୮୬ |
| ୫୯. | ମୁକ୍ତିର ମହା ଆନନ୍ଦ | ଡ. ମନୋରଞ୍ଜନ ବିଷୋୟୀ | ୮୭ |
| ୬୦. | ବର୍ଷା ପାଇଁ | ପ୍ରମୋଦ କୁମାର ମହାପାତ୍ର | ୮୮ |
| ୬୧. | କହିଛି ତ ! ସେଇ କଥା | ଧର୍ମ କୁମାର ଶତପଥୀ | ୮୯ |
| ୬୨. | ଶ୍ରାବଣ ସନ୍ଧ୍ୟା | ସମିତା ସାଇଁ | ୯୦ |
| ୬୩. | ଚାଷୀ ଭାଇ | ଡ.ସୁଶାନ୍ତ କୁମାର ପରିଡ଼ା | ୯୧ |
| ୬୪. | ସମୟର ଆହ୍ୱାନ | ଅଞ୍ଜଳା ପରମଗୁରୁ | ୯୨ |
| ୬୫. | ଅବୁଝାପଣ | ମମତାବାଳା ହୋତା | ୯୩ |
| ୬୬. | ଆଜିର ନାରୀ | ଅନସୂୟା ବାରିକ | ୯୪ |
| ୬୭. | ଶ୍ରାବଣୀ ଗୋ | ନିରଞ୍ଜନ ସାହୁ | ୯୫ |
| ୬୮. | ଚାରୋଟି ଏକପଦୀ | ଶ୍ରୀ କୁଞ୍ଜବିହାରି ସାହୁ | ୯୬ |
| ୬୯. | ଧୋକା | କରିସ୍ମା ତ୍ରୀପାଠି | ୯୭ |
| ୭୦. | ବର୍ଷାର ସ୍ୱର୍ଶ | ବୀଣାପାଣୀ ଚୌଧୁରୀ | ୯୮ |
| ୭୧. | ତେଲ | ଶମ୍ଭୁନାଥ ରାଉଳ | ୯୯ |
| ୭୨. | ଇ-ପତ୍ରିକାର ଦ୍ୱିତୀୟ ବର୍ଷ, ପ୍ରଥମ ସଂଖ୍ୟା(ଜୁଲାଇ ସଂଖ୍ୟା) ଉନ୍ମୋଚନ ସମୟର କିଛି ସ୍ମୃତି । | | ୧୦୦ |

ଇ-ପତ୍ରିକା
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା, ୧ ଅଗଷ୍ଟ ୨୦୨୩

# ବ୍ୟାକରଣ ବିଭାଗ





# ଉପସର୍ଗ

ଡ. ଦେବାଶିଷ ମହାପାତ୍ର

ବିଶେଷ୍ୟ ବା ବିଶେଷଣ ପଦ ପୂର୍ବରୁ ଭିନ୍ନ ଭିନ୍ନ ପ୍ରତ୍ୟୟ ଯୋଗ କରାଯାଇ ନୂଆ ପଦ ବା ଶବ୍ଦ ଗଠନ କରାଯାଏ । ଏହି ପୂର୍ବ ପ୍ରତ୍ୟୟକୁ ଉପସର୍ଗ କହୁ । ଆମ ଉପସର୍ଗ ସମୁଦାୟ କୋଡ଼ିଏଟି । ଏହି କୋଡ଼ିଏଟିଯାକ ଉପସର୍ଗ ସଂସ୍କୃତ ଉପସର୍ଗ ହୋଇଥିବାରୁ ଏହା ତତ୍‌ସମ ଶବ୍ଦରେ ଯୋଗ କରାଯାଇପାରେ । ଯଥା: ପ୍ର, ପରା, ଅପ, ସମ୍, ନି, ଅଧି, ସୁ, ନିର୍, ଦୂର୍, ଉତ୍, ଅତି, ପରି ପ୍ରତି, ଅବ, ଅନୁ, ବି, ଅଭି, ଉପ, ଅପି ଓ ଆ ଏହିପରି ସମୁଦାୟ କୋଡ଼ିଏଟି ଉପସର୍ଗ । ଧାତୁର ପୂର୍ବରେ ବସି ଅର୍ଥ ପରିବର୍ତ୍ତନ କରୁଥିବା ପଦ ।

ଉଦାହରଣ -

ପ୍ର + ଶାସନ = ପ୍ରଶାସନ
ପ୍ର + ଚେଷ୍ଟା = ପ୍ରଚେଷ୍ଟା
ପରା + ଜୟ = ପରାଜୟ
ପରା + ମର୍ଶ = ପରାମର୍ଶ
ଅପ + ମିଶ୍ରିଣ = ଅପମିଶ୍ରଣ
ଅପ + କାର = ଅପକାର
ସମ୍ + ମତ = ସମ୍ମତ
ସମ୍ + ଭବ = ସମ୍ଭବ
ନି + ଯୁକ୍ତ = ନିଯୁକ୍ତ
ନି + ବାରଣ = ନିବାରଣ
ଅଧି + ନାୟକ = ଅଧିନାୟକ
ଅଧି + ଗ୍ରହଣ = ଅଧିଗ୍ରହଣ
ସୁ + ଗୁଣ = ସୁଗୁଣ
ସୁ + ଯୋଗ = ସୁଯୋଗ
ନିର୍ + ଭୟ = ନିର୍ଭୟ
ନିର୍ + ଗତ = ନିର୍ଗତ
ଉତ୍ + କୃଷ୍ଟ = ଉତ୍କୃଷ୍ଟ
ଉତ୍ + କ୍ଷିପ୍ତ = ଉତ୍‌କ୍ଷିପ୍ତ
ପରି + ବେଷଣ = ପରିବେଷଣ
ପରି + ଦର୍ଶନ = ପରିଦର୍ଶନ
ପ୍ରତି + କୂଳ = ପ୍ରତିକୂଳ
ପ୍ରତି + କାର = ପ୍ରତିକାର
ଅବ + ଗତି = ଅବଗତି
ଅବ + ଶେଷ = ଅବଶେଷ
ଅନୁ + ତାପ = ଅନୁତାପ
ଅନୁ + ଗତ = ଅନୁଗତ
ଦୁର୍ + ଗନ୍ଧ = ଦୁର୍ଗନ୍ଧ
ବି + ଭେଦ = ବିଭେଦ
ବି + ଫଳ = ବିଫଳ
ଅଭି + ନୟ = ଅଭିନୟ
ଅଭି + ଶାପ = ଅଭିଶାପ
ଅତି + ସାର = ଅତିସାର
ଅତି + କ୍ରମ = ଅତିକ୍ରମ
ଅପି + ହିତ = ଅତହିତ
ଅପି + ଧାନ = ଅପିଧାନ
ଉପ + କାର = ଉପକାର
ଉପ + ସାଗର = ଉପସାଗର

## ଉପସର୍ଗ ତାଲିକା

ପ୍ର- ପ୍ରବେଶ, ପ୍ରତିଷ୍ଠା, ପ୍ରଶଂସା ।
ପରା- ପରାକାଷ୍ଠା, ପରାଜୟ, ପରାକ୍ରମ ।
ଅପ- ଅପକାର, ଅପମାନ, ଅପରାଧ ।
ସମ୍- ସମ୍ବାଦ, ସନ୍ନିଧାନ, ସମ୍ବେଦନା ।
ନି- ନିରବ, ନିକ୍ଷେପ, ନିମଗ୍ନ ।
ଅଧି- ଅଧିପତି, ଅଧିନାୟକ, ଅଧିଷ୍ଠାନ ।


| | |
|---|---|
| ସୁ- | ସୁଶାନ୍ତ, ସୁଦର୍ଶନ, ସୁଗମ । |
| ନିର୍- | ନିର୍ମମ, ନିର୍ଜଳ, ନିର୍ମଳ । |
| ଦୁର୍- | ଦୁର୍ବଳ, ଦୁର୍ଭିକ୍ଷ, ଦୁର୍ଗନ୍ଧ । |
| ଉତ୍- | ଉତ୍କର୍ଷ, ଉତ୍ପୀଡ଼ନ, ଉତ୍କ୍ଷେପଣ । |
| ଅତି- | ଅତିଶୟ, ଅତିଭକ୍ତି, ଅତିବାହିତ । |
| ପରି- | ପରିଶ୍ରମ, ପରିତ୍ୟାଗ, ପରିହାର । |
| ପ୍ରତି- | ପ୍ରତିଦିନ, ପ୍ରତିଦାନ, ପ୍ରତିଯୋଗିତା । |
| ଅବ- | ଅବଜ୍ଞା, ଅବନତି, ଅବହେଳା । |
| ଅନୁ- | ଅନୁତାପ, ଅନୁକୂଳ, ଅନୁକରଣ । |
| ବି- | ବିପକ୍ଷ, ବିକଳ୍ପ, ବିହାର । |
| ଅଭି- | ଅଭିମାନ, ଅଭିଳାଷ, ଅଭିଯାନ । |
| ଅପି- | ଅପିଚ, ଅପିଧାନ । |
| ଉପ- | ଉପହାସ, ଉପବାସ, ଉପହାର । |
| ଆ- | ଆକର୍ଷଣ, ଆହାର, ଆଦାନ । |

ବିଶେଷ୍ୟ ବା ବିଶେଷଣ ପଦ ପୂର୍ବରୁ ଭିନ୍ନ ଭିନ୍ନ ପ୍ରତ୍ୟୟ ଯୋଗ ହୋଇ ପଦ ବା ଶବ୍ଦ ଗଢ଼ାଯାଏ । ଏହି ପୂର୍ବ ପ୍ରତ୍ୟୟ ହେଉଛି ଉପସର୍ଗ । ମୌଳିକ ଶବ୍ଦରେ ଉପସର୍ଗ ଯୋଗ କରାଯାଇ ଯେଉଁ ନୂଆ ଶବ୍ଦ ଗଢ଼ାଯାଏ, ତାହା ଅଲଗା ଅର୍ଥ ପ୍ରକାଶ କରିଥାଏ।

ଓଲ୍ଡ ଟାଉନ୍ , ଭୁବନେଶ୍ୱର

■■■

## ନ୍ୟୁଟ୍ରା କ୍ରିଏସନ୍ସ ଓ ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ସହଭାଗିତାରେ ଜୁନ୍ ମାସରେ ପ୍ରକାଶିତ ପୁସ୍ତକ






## ଭାଷା, ସାହିତ୍ୟ ଓ ସଂସ୍କୃତି ର ବିକାଶ ଦିଗରେ
## ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ବିଭିନ୍ନ ପ୍ରଗତିମୂଳକ ପଦକ୍ଷେପ

ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

ଚିହ୍ନ

ଆଲାପ

ମାନବୀ

ଅଙ୍କୁର

# ଇପତ୍ରିକା

ପତ୍ରିକା
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା, ୧ ଅଗଷ୍ଟ ୨୦୨୩

# ଗଦ୍ୟ ବିଭାଗ



ଇ-ପତ୍ରିକା

ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା, ୧ ଅଗଷ୍ଟ ୨୦୨୩

# ଏକ ନିଃଶବ୍ଦ ବିସ୍ଫୋରଣ

ପ୍ର. ମଣୀନ୍ଦ୍ର କୁମାର ମେହେର



ଏବେ ବବନ କ'ଣ କରୁଥିବ ? ଭୁବନେଶ୍ୱରରୁ କାର୍ ଯୋଗେ ବାପା, ମାଆ ଓ ମୁଁ ଫେରି ଆସୁଥିଲୁ ବରପାଲିକୁ । ମାତ୍ର ଆମ ତିନିଜଣଙ୍କ ମନ ରହିଯାଇଥିଲା ଭୁବନେଶ୍ୱରରେ, ବବନ ପାଖରେ ବନ୍ଧା ହୋଇ ।

ଯେଉଁ ଦିନଠାରୁ ବରପାଲି ଛାଡି ଆସିଲେ ମିହିର ଦାଦା, ଭାଉଜ, ବବଲୁ ଓ ବବନ ସେହି ଦିନଠାରୁ ବରପାଲି ଘର ମନେହେଉଥିଲା ଶୂନ୍ୟ । ବିଶେଷତଃ ମାଆଙ୍କ ମୁହଁକୁ ଅନାଇବା ଥିଲା ମୋ ପାଇଁ ଅତ୍ୟନ୍ତ କଷ୍ଟଦାୟକ । ଆମ ରହିବା ପ୍ରକୋଷ୍ଠ ଉପରେ ଯେଉଁ ଖପର ଛାତର କ୍ଷୁଦ୍ର ମାଟି ପ୍ରକୋଷ୍ଠଟି ତିଆରି ହୋଇଥିଲା ତାହାହିଁ ବ୍ୟବହୃତ ହେଉଥିଲା ଆମର ରୋଷେଇ ଘର ଭାବରେ । ଏକୁଟିଆ ନୀରବରେ ବସି ମାଆ ସେଠି କରୁଥିଲେ ଖାଦ୍ୟ ପ୍ରସ୍ତୁତି । ମୁଁ ତଳ କୋଠରୀଟିରେ ବସିରହି କେତେବେଳେ ପଢ଼ାପଢ଼ି କରୁଥାଏ । ଆଉ କେତେବେଳେ ବିଶ୍ରାମ ନିଏ ମନ ହେଲେ । ଏହିପରି ସମୟରେ ଦୌଡ଼ି ଆସୁଥିଲା ଏ ପଟକୁ । ମାଆଙ୍କ ଉଦ୍ଦେଶ୍ୟରେ ଛାଡୁଥିଲା ଡାକ – " ନାନୀ, କେଉଁଠି ଅଛ ?" ବୋଲି । ସେତେବେଳେ ତାକୁ ତିନି ବର୍ଷ ବୟସ । ମୋର ବଡବାପା ବିନୋଦ ଚନ୍ଦ୍ର ମେହେରଙ୍କ ସେ ଦ୍ୱିତୀୟ ନାତି । ଆମର ଯୌଥ ପରିବାର । ଜନ୍ମରୁ ଏଇ ବବନଟିକୁ ମାଆ ଅତ୍ୟନ୍ତ ସରାଗରେ ନେଇ ଯାଇଥିଲେ ତାଙ୍କ କୋଳକୁ । ସେ ସମୟରେ ବଡ ମାଆ ଆଉ ନଥିଲେ ସଶରୀରରେ  । ଜେଜେ ମାଆର ସବୁ ସ୍ନେହ ବବନ ପ୍ରତି ଅଜାଡ଼ି ହୋଇ ପଡ଼ିଥିଲା ମାଆଙ୍କ ମଧ୍ୟରୁ ସ୍ୱତଃସ୍ଫୂର୍ତ୍ତ ଭାବରେ ନଈଟିଏ ବୋହିଯିବା ପରି । ବବନ ମୋର ପୁତୁରା । ସେ ମାତ୍ର କିଛି କ୍ଷଣପାଇଁ ରହୁଥିଲା ତା'ର ମାଆ ବା ମୋର ଭାଉଜଙ୍କ ନିକଟରେ । ଅଧିକାଂଶ ସମୟ ତା'ର ବିତୁଥିଲା ଆମ ପ୍ରକୋଷ୍ଠଟିରେ, ତା ଉପରେ ନିର୍ମିତ ରୋଷେଇଘରେ ଓ ତାକୁ ଲାଗି ରହିଥିବା ଘରର କଂକ୍ରିଟ ଛାତ ଉପରେ । ତା'ର ଅଧିକାର ସବୁ ଜିନିଷ ଉପରେ । ଅର୍ଥାତ୍ ସବୁ ସାମଗ୍ରୀକୁ ଇତଃସ୍ତତଃ କରି ଦେବାରେ ତା'ର ଆନନ୍ଦ । ଘରର ଲୁଗାପଟା, ବାସନକୁସନ, ନାନା ପ୍ରକାରର ଜିନିଷ, ସୁରକ୍ଷିତ ଥିବା ଟିଣ ଡବା – ଏସବୁକୁ ନେଇ କଂକ୍ରିଟ ଛାତ ଉପରେ ସେ ତିଆରି କରୁଥିଲା ଘର । ନିଜ ଇଚ୍ଛାମତେ ଖେଳୁଥିଲା ଦରୋଟି ଭାଷାର କଥା କହି କହି ଓ ମା' ତାକୁ ଶିଖାଇଥିବା ଗୀତ ଗାଇ ଗାଇ । ବଡ଼ମାଆ ଚାଲିଯିବା ପୂର୍ବରୁ ସତେକି ମାଆଙ୍କୁ ଦେଇଯାଇଥିଲେ ତାଙ୍କର ବାତ୍ସଲ୍ୟ - ସ୍ନେହ ପରିପୂର୍ଣ୍ଣ ହୃଦୟଟିକୁ। ଏହି ଦୁଇ ଯା ସତେ କି ଥିଲେ ଦୁଇ ଭଉଣୀ । ସେମାନଙ୍କ ପାରସ୍ପରିକ ସ୍ନେହ-ବନ୍ଧନ ବାଲ୍ୟ କାଳରୁ ଦେଖି ଦେଖି ମୁଁ ଅନୁଭବ କରିଛି ଯେ ସେମାନେ ସ୍ଥୂଳ ଆକାରରେ ଥିଲେ ଦୁଇଟି ଭିନ୍ନ ଶରୀର । କିନ୍ତୁ ଆତ୍ମାରେ ଥିଲେ ଏକ ଆଉ ଅଭିନ୍ନ ।  ବବନ ବାପାଙ୍କୁ ସାନ ଦାଦା ବା ଜେଜେ ବୋଲି ଡାକେ । ମାଆଙ୍କୁ ସମ୍ବୋଧନ କରେ 'ନାନୀ ' ଭାବରେ । ଆଉ ମୁଁ ଥିଲି ତାର ଅତିପ୍ରିୟ କାକା । ସେ ଯେତେବେଳେ ଯେକୌଣସି ଜିନିଷ ବା ଖେଳଣା ସକାଶେ ଇଚ୍ଛା ପ୍ରକଟ କରିବ, ସେତେବେଳେ ବାପା ମାଆ କ୍ଷଣେ ମାତ୍ରେ ବିଳମ୍ବ ନକରି ତା'ର ଇଚ୍ଛା ପୂରଣ କରି ଦେଉଥିଲେ ବାତ୍ସଲ୍ୟ-ମମତାର ସ୍ରୋତରେ ଭାସିଯାଇ। ମୁଁ ବରପାଲି କଲେଜରେ ଅଧ୍ୟାପକ ଭାବରେ ଚାକିରି କରି ପାଉଥିଲି ମାସକୁ ପାଞ୍ଚଶତ ପଚିଶ ମାତ୍ର ମାସିକ ଦରମା । ମୋ ଚାକିରି ପାଇବା ବର୍ଷଠାରୁ ବାପା ଛାଡି ସାରିଥିଲେ ତାଙ୍କ ଚାକିରି ,ଯେଉଁଠି ଶେଷ ପର୍ଯ୍ୟାୟରେ ପାଉଥିଲେ ମାସକୁ ମାତ୍ର ସାତଶହ ଟଙ୍କା । କାହାକୁ ବୁଝାଇବାର ଆବଶ୍ୟକତା ନାହିଁ ଯେ, ଆମର ଆର୍ଥିକ ପରିସ୍ଥିତି ଥିଲା କେତେ ଦୁର୍ବଳ। ଏସବୁ ସତ୍ତ୍ୱେ

ବବନର ଇଚ୍ଛା ପୂରଣ କରିବାରେ ବାପା ମାଆ ଥିଲେ ଏକାନ୍ତ ତତ୍ପର । ବବନ ପାଟି କରି ଉଠିଲେ ଘର ଆମର ପ୍ରକମ୍ପିତ ହୁଏ ।  ତାର କ୍ରନ୍ଦନର କାରୁଣ୍ୟରେ ବାପା ମାଆଙ୍କ ଅନ୍ତଃସ୍ଥଳ ଫାଟିଯାଏ ଯେମିତି । ସେଥିପାଇଁ ବବନ ହିଁ ଥିଲା ଆମ ଗୃହର ପ୍ରକୃତ ଜୀବନ-ନାଡି ।

ଏମିତି ବିତିଯାଉଥିଲା ସ୍ନେହ- ସଂଲଗ୍ନ ଜୀବନ ଧାରା । ମିହିର ଦାଦା ଭୁବନେଶ୍ୱରରେ ଚାକିରି କରି ଏକୁଟିଆ ରହୁଥିବାରୁ ତାହା ଆଉ ସବୁଦିନ ପାଇଁ ସମ୍ଭବ ହୋଇଥାନ୍ତା କିପରି ! ଯେଉଁଦିନ ଦାଦା ନିଷ୍ପତ୍ତି ଗ୍ରହଣ କଲେ ଯେ ସେମାନେ ଏଥର ସପରିବାର ରହିବେ ଭୁବନେଶ୍ୱରଠାରେ । ସେହିଦିନ ଠାରୁ ଆମେ ଏକ ପ୍ରକାରର ଆତଙ୍କିତ ହୋଇ ପଡିଥିଲୁ ନିଜ ଅଜାଣତରେ । ମିହିର ଦାଦା ଯଥା ସମୟରେ ସ୍ଥାନାନ୍ତରିତ ହୋଇଗଲେ ଭୁବନେଶ୍ୱରକୁ । ଗଲାବେଳେ ବବନ କାନ୍ଦୁଥାଏ ରାହା ଧରି ଆଉ ବେଳେବେଳେ ଚିତ୍କାର କରି । ତାକୁ ବସ ଭିତରକୁ ନେବା ଥିଲା ଏକ କଠିନ ଆହ୍ୱାନ । କିନ୍ତୁ ଆମେ ଥିଲୁ ସମ୍ପୂର୍ଣ୍ଣ ନିରୁପାୟ । ସେହିଭଳି ଛାତି ଫଟାଇ କ୍ରନ୍ଦନ କରିବା ଅବସ୍ଥାରେ ହିଁ ନିଜ ବାପା ମାଆଙ୍କ ସହିତ ଯାଇଥିଲା ଭୁବନେଶ୍ୱରକୁ । କିଛିଦିନ ପରେ ମିହିର ଦାଦା ଛୁଟି କଟାଇବା ପାଇଁ ବରପାଲିରେ ଛାଡ଼ିଗଲେ ଭାଉଜ ଓ ବବଲୁ ତଥା ବବନକୁ । ବବଲୁ ବୟସରେ ଟିକିଏ ବଡ଼ । ଶିଷ୍ଟ ଶାନ୍ତ । କିନ୍ତୁ ବବନ ଠିକ୍ ତା'ର ଓଲଟା । ଅତି ଅସ୍ଥିର । ଚଳ ଚଞ୍ଚଳ ଓ ଜିଦଖୋର୍। ସେଇ ଛୁଟିଟି କଟିଲା ବବନର ପୂର୍ଣ୍ଣ ସ୍ୱାଧୀନତା ସାବ୍ୟସ୍ତ କରିବାରେ । ଭୁବନେଶ୍ୱରରେ ସେ ଥିବାବେଳେ ଘରର ଗୋଟିଏ ବି ଜିନିଷ ପତ୍ର ଏପଟ ସେପଟ କରିପାରେ ନାହିଁ ଭାଉଜଙ୍କ କଡା ଶାସନ ମଧ୍ୟରେ ବନ୍ଦୀ ହୋଇ । ଡ୍ରଇଂ ରୁମରେ ପଡ଼ିଥିବା ସୋଫା ଆଉ ତା ଉପରର ସୁଦୃଶ୍ୟ ଗଦି ସବୁକୁ ନେଇ ଖେଳିବା ଲାଗି ତା'ର ଇଚ୍ଛା ହେଉଥିଲେ ମଧ୍ୟ ନିଜ ମାଆଙ୍କ ତାଗିଦରେ ସେ ରହେ ଆତଙ୍କିତ ହୋଇ ।

ବରପାଲିକୁ ଛୁଟି କଟାଇବା ପାଇଁ ଆସି ବବନ ସତେକି ପ୍ରବେଶ କରିଯାଇଥିଲା ତା'ର ମୁକ୍ତ ଆକାଶକୁ ସ୍ୱାଧୀନ କକ୍ଷ ବିସ୍ତାର କରି, ଠିକ୍ ଛୋଟ ଏକ ନିଷ୍ପାପ ପକ୍ଷୀଟିଏ ପରି । ଆରମ୍ଭ ହୋଇଯାଇଥିଲା ତା'ର ସେହି ପୂର୍ବର ଖେଳଘର । ଆରମ୍ଭ ହୋଇଯାଇଥିଲା ତା'ର ଚିତ୍କାର,ଦୁଷ୍ଟାମି। ବିଶୃଙ୍ଖଳିତ ବ୍ୟବହାର । ଯାହା ଯାହା ଚାପି ହୋଇ ରହିଯାଇଥିଲା ତାହା ମଧ୍ୟରେ, ସେସବୁ ନିଷ୍କାସିତ ହୋଇଉଠିଲା ହୀରାକୁଦ ଡ୍ୟାମର ବନ୍ୟାଜଳ-ସ୍ରୋତପରି । ଆଉ କାହାକୁ ବି ସେ ଖାତିର କରୁନଥିଲା । ଦିନେ ତ ଆମର ତଳେ ତିଆରି ହୋଇଥିବା ଖପର ଛାତ ଉପରକୁ ଉଠିଯାଇଥିଲା। ଛାତ ସେପଟେ ଥିଲା ଯେଉଁ କର୍ଦ୍ଦମାକ୍ତ ପରିବେଶ ସେଥିରେ ପଡିଗଲେ କ'ଣ ହୋଇଥାନ୍ତା ତା' ଅବସ୍ଥା ! ଏହି ଆଶଙ୍କାରେ ପାଖରେ ଥିବା ପିଜୁଳି ଗଛ ସାହାଯ୍ୟରେ ମୁଁ ଉଠିଯାଇଥିଲି ଛାତ ଉପରକୁ ଓ ସେ ପଛ ପଟକୁ ପହଞ୍ଚିବାର ମାତ୍ର କେତୋଟି କ୍ଷଣ ମଧ୍ୟରେ ଟେକିନେଇ ଆସିଥିଲି ଆଉ ମାଆଙ୍କ କୋଳକୁ ବଢ଼ାଇ ଦେଇଥିଲି ତାକୁ ଛାତ ଉପରେ ବସିରହି । କେତେ ବା ଉଚ୍ଚତା ଥିଲା ସେ ଛାତର ? ସେଠୁ ତଳକୁ ସିଧା ଡେଇଁ ପଡ଼ିବାରେ କିଛି ଆପଦ ବିପଦର କଳ୍ପନା କରି ନପାରି ମୁଁ ତତକ୍ଷଣାତ୍ ତଳକୁ ଲମ୍ଫ ପ୍ରଦାନ କରିଥିଲି । ମୋ ଶରୀର ରହିଥିଲା ସୁରକ୍ଷିତ । ମାତ୍ର ବାମ ଗୋଡର ବୁଢ଼ା ଆଙ୍ଗୁଠି ଏପରି ଭାବରେ ମୋଡ଼ି ହୋଇଗଲା ଯେ, ସେହି ଯନ୍ତ୍ରଣାରେ ତିନି ଚାରିଦିନ ଉଠିପାରିନଥିଲି ଖଟରୁ ।

ଯାହା ବି ହେଉ ଛୁଟି ସମୟ ସରି ଆସିଲା, ମିହିର ଦାଦା ଭୁବନେଶ୍ୱରରୁ ବରପାଲି ଆସିଲେ ତାଙ୍କ ପରିବାରକୁ ନେଇଯିବା ସକାଶେ । ସମସ୍ତେ ତ ଠିକଣା ସମୟରେ ବସଷ୍ଟେସନ ଉଦ୍ଦେଶ୍ୟରେ ବାହାରିଥିଲୁ । ମାତ୍ର ବବନ ତାର ଜିଦରେ ଅଟଳ ଥିଲା ଯେ, ସେ ଯିବ ନାହିଁ ଭୁବନେଶ୍ୱରକୁ । ଛୋଟ ପିଲାମାନେ ଏପରି ଅମାନିଆ ହେବା ସ୍ୱାଭାବିକ । ବସ ଷ୍ଟେସନକୁ ଗଲେ ଆଉ ବସ ଭିତରେ

ମାଆ ବାପାଙ୍କ ସହ ବସି ପଡ଼ିଲେ ସେ ଆଉ ଅଳି ଅଝଟ କରିବ ନାହିଁ ବୋଲି ଜାଣିଥିଲେ ସମସ୍ତେ । ଘଟିଲା କିନ୍ତୁ ବିପରୀତ ଦୃଶ୍ୟ । ଗାଡ଼ି ଷ୍ଟାର୍ଟ ହେବା ବେଳକୁ ବବନ ଆଦୌ ଚଢ଼ିଲା ନାହିଁ ବସ ଉପରକୁ । ଯେଉଁ ବଡ ପାଟିରେ ସେ ଚିତ୍କାର କରି କ୍ରନ୍ଦନ କରିବାକୁ ଲାଗିଲା ସେଥିରେ ପରାସ୍ତ ହୋଇଗଲେ ତା'ର ବାପା ମାଆ । ବସ ଛାଡିଦେଲା । ବବନ ରହିଗଲା ଏକୁଟିଆ ଆମ ସାଙ୍ଗରେ । ଏହାପରେ ଚିତ୍କାରପୂର୍ଣ୍ଣ କ୍ରନ୍ଦନ ହୋଇଯାଇଥିଲା ଠପ୍ । ବାପା ମାଆଙ୍କୁ ବସ ଷ୍ଟେସନରୁ କିଣିବାକୁ ନେଇଯାଇଥିଲା ଖେଳଣା ଦୋକାନକୁ । ଏହାପରେ ଫେରିଲୁ ସମସ୍ତେ ଘରକୁ  । ପରଦିନଠାରୁ ବବନର ମୁକ୍ତ ଆକାଶରେ ଉଡ଼ିବୁଲିବାର ଆନନ୍ଦ ପୁନଶ୍ଚ ଆରମ୍ଭ ହୋଇଯାଇଥିଲା ସାଡ଼ମ୍ବରରେ। ଏମିତି ବିତିଗଲା ଦିନ କେତୋଟି  । ସେ ଆଦୌ ତା' ବାପା ମାଆଙ୍କ କଥା ମନେ ପକାଇଲା ନାହିଁ । କିମ୍ବା ଭୁବନେଶ୍ୱରକୁ ଫେରିଯିବାର ସାମାନ୍ୟତମ ଆଗ୍ରହର ସୂଚନା ମିଳିଲା ନାହିଁ ତା ଠାରୁ । ସେପଟେ ତାର ସ୍କୁଲ୍ ଖୋଲିଯାଇଥିଲା । ଆରମ୍ଭ ହୋଇଯାଇଥିଲା ପଢାପଢ଼ି । ବରପାଲିରେ କିପରି ବା ରହିଥାନ୍ତା ସବୁଦିନ ପାଇଁ ? ତାକୁ ବହୁ ପ୍ରକାର ବୁଝାଇ ସୁଝାଇ ନିଆଗଲା ଏକ ନୂତନ ପଦକ୍ଷେପ । ତାହା ହେଲା ଆମେ ଏକ କାର ରିଜର୍ଭ କରି ଯିବା ଏକ ସଙ୍ଗରେ ଭୁବନେଶ୍ୱର । ଆଉ ସେଠି ଏକତ୍ର ରହିବା ସମସ୍ତେ । ବବନ ରାଜି ହୋଇଗଲା ଏ ପ୍ରସ୍ତାବରେ । ଆମେ କାର ଧରି ବାହାରିଲୁ ଭୁବନେଶ୍ୱର ଅଭିମୁଖେ । ରାସ୍ତାସାରା ବବନର ମଜା କହିଲେ ନସରେ । ମାଆ ବାପା ଓ ମୋ ସହିତ ତାର ଚାଲିଥିଲା ଖେଳ କୌତୁକ ଭୁବନେଶ୍ୱର ପହଞ୍ଚିବା ପର୍ଯ୍ୟନ୍ତ । ଦାଦା ଓ ଭାଉଜ ତଥା ବବଲୁ ଆମକୁ ଦେଖି ଲାଭ କଲେ ଅପାର ଆନନ୍ଦ ଆଉ ଆଶ୍ୱାସନା ।  ବିଶ୍ରାମ ନେଲୁ ରାତିରେ  । ତହିଁ ପରଦିନ ସକାଳୁ ବବନକୁ ସ୍କୁଲ ପଠାଇଦେବାର ବ୍ୟବସ୍ଥା ଥିଲା ସୁପରିକଳ୍ପିତ। ସେ ଆଦୌ ଚାହୁଁ ନଥିଲା ଯିବା ପାଇଁ ସ୍କୁଲକୁ  । କହିଲା- "ଦାଦା,ନାନୀ, କାକା ତୁମେ ସମସ୍ତେ ରହିବ ଏଠି । ମୁଁ ସ୍କୁଲରୁ ଫେରି ଆସିବାବେଳେ ତୁମେ ସମସ୍ତେ ରହିଥିବ ଏଇଠି ।" ଆମେ ସମସ୍ତେ ବବନକୁ ଦେଲୁ ଦୃଢ଼ ପ୍ରତିଶ୍ରୁତି । ଆମର ପ୍ରତିଶ୍ରୁତି ଉପରେ ତାର ଭରସା ମହାସାଗର ପରି । ହସି ହସି ସ୍କୁଲ୍ ବସରେ ଚଢ଼ିଲା ସେ ତା' ବଡ଼ଭାଇ ବବଲୁ ସହିତ ।

ତା ' ପରେ ?

ଭୁବନେଶ୍ୱରରୁ ବରପାଲି ଫେରିବା ବାଟରେ ଦେଖୁଥିଲି ମାଆଙ୍କ ସଜଳ ଆଖି  । ବାପାଙ୍କ ମୁଖ ମଣ୍ଡଳରେ ଭାବାନ୍ତରର ଛାପ । ମୁଁ ଥିଲି ସମ୍ପୂର୍ଣ୍ଣ ଉଦାସ । ଆମେ ତିନିହେଁ ପରସ୍ପର ମଧ୍ୟରେ କିଛି ବାର୍ତ୍ତାଳାପ କରି ପାରୁନଥିଲୁ । କିନ୍ତୁ ତିନି ଜଣହିଁ ପରସ୍ପରକୁ ପଚାରୁଥିଲୁ ଯେ - " ବବନ ଆମର ସ୍କୁଲରୁ ଫେରିଆସି ଯେତେବେଳେ ଘରେ ପ୍ରବେଶ କରିବ ଘରକୁ, ସେତେବେଳେ ତା' ହୃଦୟରେ ଘଟିବ ଯେଉଁ ଭୂମିକମ୍ପ ସେଥିରେ ଆମେ ତିନିହେଁ ଥରୁଥିଲୁ ଏକ ସଙ୍ଗରେ । କେହି କାହାରି ମନର ଭାବନା ବ୍ୟକ୍ତ କରିବା ନଥିଲା ସମ୍ଭବ । ତିନିଜଣଙ୍କ କଣ୍ଠ ବାଷ୍ପରୁଦ୍ଧ ଓ ଆଖିସବୁ ବର୍ଷି ପାରୁନଥିବା ମେଘପରି ଅସହାୟ ସମସ୍ତଙ୍କ ଭାବନାରେ ଦେଖାଯାଉଥିଲା ମାତ୍ର ଗୋଟିଏ ଦୃଶ୍ୟ, ବବନ ସ୍କୁଲରୁ ଫେରିବା ପରେ ଭୁବନେଶ୍ୱରରେ ସେଇ ଛୋଟ ଘରଟିରେ ଘଟି ଯାଇଥିବ ଯେଉଁ ବିସ୍ଫୋରଣ ତାହାର ହିଁ ପୀଡାଦାୟକ ଦୃଶ୍ୟ । ବବନ ସହିତ ଏପରି ଛଳନା ଆଉ ବିଶ୍ୱାସଘାତକତା କରିବାର କେଉଁ ଦୃଷ୍ଟିରୁ ଯଥାର୍ଥ ତା'ର ଉତ୍ତର ଆଜି ପର୍ଯ୍ୟନ୍ତ ମିଳିନାହିଁ ମୋତେ ।


■■■

ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀର ମୋହନ ବିଶ୍ୱବିଦ୍ୟାଳୟ,
ବାଲେଶ୍ୱର - ୮୯
ମୋ -୯୯୩୭୭୩୭୫୬୯୮

# ଗଙ୍ଗାଧରଙ୍କ ସଂକ୍ଷିପ୍ତ ଜୀବନୀ ଓ ଇତିହାସ



ସଂଗ୍ରାହକ - ସରୋଜ କୁମାର ଶତପଥୀ



"ବରପାଲି ଦେଶେ ଅଛି ଗଙ୍ଗାଧର ମେହେର,
ତାହାର କବିତା ପଢ଼ିଅଛି ଢେର ଢେର;
କବିତା ଗୁଡ଼ିକ ପଢ଼ି ମନ ମାନିଯାଏ,
ଆଉ ସେ ଲେଖିବ ବୋଲି ବାଟ ଚାହିଁଥାଏ ।"

("ଉତ୍କଳ ଭ୍ରମଣ" - ବ୍ୟାସକବି ଫକୀର ମୋହନ ସେନାପତି)

କବି ଗଙ୍ଗାଧର ମେହେରଙ୍କ ସମ୍ପର୍କରେ - ବ୍ୟାସକବି "ଉତ୍କଳ ଭ୍ରମଣ" ରେ ଯାହା କହିଛନ୍ତି ତାହା ପ୍ରଣିଧାନ ଯୋଗ୍ୟ । ତତ୍‌କାଳୀନ ବିଶିଷ୍ଟ କବି ଓ ଲେଖକମାନଙ୍କୁ ଗଙ୍ଗାଧରଙ୍କ କାବ୍ୟ କବିତା କିପରି ଭାବରେ ଅଭିଭୂତ କରିପାରିଥିଲା ଉଦ୍ଧୃତାଂଶ ତାହାର ଏକ ଜ୍ୱଳନ୍ତ ଉଦାହରଣ । ବାସ୍ତବିକ ଉତ୍କଳ ର ଜାତୀୟ-ଜୀବନକୁ ଗଙ୍ଗାଧରଙ୍କ ଦାନ ଅବିସ୍ମରଣୀୟ । କିନ୍ତୁ ଅତ୍ୟନ୍ତ ପରିତାପର ବିଷୟ କବିଙ୍କୁ ତାଙ୍କର ଦେଶବାସୀ ଭଲ ଭାବରେ ଚିହ୍ନିପାରି ନାହାନ୍ତି । ଗଙ୍ଗାଧରଙ୍କ ଜୀବନର ଅନେକ ଶିକ୍ଷାପ୍ରଦ ଅଧ୍ୟାୟ ଏବେ ବି ଅଜ୍ଞାତ । ଗଙ୍ଗାଧରଙ୍କ ଜୀବନର ବିଭିନ୍ନ ପର୍ଯ୍ୟାୟକୁ କେନ୍ଦ୍ର କରି ଏ ପର୍ଯ୍ୟନ୍ତ ଉପାଦେୟ ପୁସ୍ତକ ପ୍ରକାଶିତ ହୋଇଥିଲେ ମାଧ୍ୟ ପାଠକଙ୍କ ପାଖରେ ପହଞ୍ଚି ପାରିନାହିଁ ।

ବହୁଦିନ ଧରି କବିଙ୍କର ଜୀବନ ଇତିହାସ ସମ୍ପର୍କରେ କେବଳ କବିଙ୍କର ରଚିତ ଅସମ୍ପୂର୍ଣ୍ଣ "ଆତ୍ମଜୀବନୀ" ପ୍ରାରମ୍ଭିକ କେତେକ ବିଷୟରେ ଆଲୋକପାତ କରିଆସିଛି । କବିଙ୍କର ଜୀବନୀ ସମ୍ପର୍କରେ ଉତ୍କଳର ପାଠକ-ପାଠିକାଙ୍କୁ ଅଧିକ କିଛି କହିବା ପାଇଁ ଶ୍ରୀ ରାଘବ ମିଶ୍ର ତାଙ୍କ କ୍ଷୁଦ୍ର ପୁସ୍ତକ ଜରିଆରେ ଯେଉଁ ଉଦ୍ୟମ କରିଥିଲେ ତାହା ଚୂଡ଼ାନ୍ତ ନହେଲେ ମଧ୍ୟ ଶୁଭାରମ୍ଭ । ଅତ୍ୟନ୍ତ ସୌଭାଗ୍ୟର ବିଷୟ ଗତ ୧୯୫୫ରେ ଶ୍ରୀ ଶିବପ୍ରସାଦ ଦାସ୍ "ଗଙ୍ଗାଧର ପତ୍ରାବଳୀ" ପ୍ରକାଶ କରି କବିଙ୍କର ବ୍ୟକ୍ତିଗତ ତଥା ସାଂସ୍କୃତିକ ମାନସଭୂମି ବିଷୟରେ ବହୁ ଜ୍ଞାତବ୍ୟ ବିଷୟ ଲୋକଲୋଚନର ଗୋଚରୀଭୂତ କରାଇପାରିଛନ୍ତି । ଅଧ୍ୟାପକ ଦେବୀପ୍ରସନ୍ନ ପଟ୍ଟନାୟକଙ୍କର "କବିଲିପି" ମଧ୍ୟ ଏ ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ ।

କୌଣସି କବିର କାବ୍ୟ କବିତାର ଅନୁଶୀଳନ କାଳରେ କବିଙ୍କର ଜୀବନୀ ତଥା ପତ୍ରାବଳୀର ପରିଶୀଳନ ଏକାନ୍ତ କାମ୍ୟ । କବିଙ୍କର ପତ୍ରାବଳୀରୁ କବିଙ୍କ ବ୍ୟକ୍ତିଗତ ଜୀବନର ସ୍ପର୍ଶ ମିଳିବା ସଙ୍ଗେ ସଙ୍ଗେ ବିଭିନ୍ନ ସାହିତ୍ୟିକ କୃତିର ଆଭିମୁଖ୍ୟ, ଉଦ୍ଦେଶ୍ୟ ଓ ଲକ୍ଷ୍ୟ

ସମ୍ପର୍କରେ ମଧ୍ୟ ଏକ ସ୍ପଷ୍ଟ ଧାରଣା ମିଳିଥାଏ । ଏହି ଦୃଷ୍ଟିରୁ "କବିଲିପି" ଓ "ଗଙ୍ଗାଧର ପତ୍ରାବଳୀ"ର ଉପାଦେୟତା ଅପରିହାର୍ଯ୍ୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

୧୮୬୨ ମସିହା ଅଗଷ୍ଟ ମାସ ୯ ତାରିଖ । ଓଡ଼ିଆ ଜାତିର ଇତିହାସରେ ଏକ ଅବିସ୍ମରଣୀୟ ଦିବସ । ସେ ଦିନ ଥିଲା ଶ୍ରାବଣ ପୂର୍ଣ୍ଣିମା । ସେହି ପବିତ୍ର ଦିବସରେ ସମ୍ବଲପୁର ଜିଲ୍ଲାର ବରପାଲି ଗ୍ରାମର ଏକ ତନ୍ତୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଗଙ୍ଗାଧର ମେହେର । ତାଙ୍କ ପିତାଙ୍କ ନାମ ଚୈତନ୍ୟ ମେହେର । ନିଜ ବଂଶ ସମ୍ପର୍କରେ କିଞ୍ଚିତ୍ ଧାରଣା ଦେବା ପାଇଁ ଗଙ୍ଗାଧର ତାଙ୍କ "ଆତ୍ମଜୀବନୀ" ରେ ଲେଖିଛନ୍ତି –

"ମୋର ଅତି ପ୍ରାଚୀନ ପୂର୍ବ ପୁରୁଷମାନେ ସମ୍ବଲପୁର ସହରରେ ବାସ କରୁଥିବାର କିମ୍ବଦନ୍ତୀ ଶୁଣିଥିଲି । ମୋର ପ୍ରପିତାମହ କେଶବ ମେହେର ବରପାଲିରେ ଥିଲେ । ତାଙ୍କର ପାଞ୍ଚ ପୁତ୍ର । ସେହି ଭାଇ ଭାଇ ବିଶିଷ୍ଟ ପରିବାରକୁ ଲୋକେ ପାଞ୍ଚଭାୟା ଘର ବୋଲି ନାମ ଦେଇଥିଲେ । ତାଙ୍କ ଘର ନିକଟରେ ଗୋଟିଏ ଗୁଡ଼ୀ ବା ଭାଗବତ ମଣ୍ଡପ ଥାଇ ସାଧାରଣଙ୍କର ବୈଠକି ଓ ସାଧୁ ସନ୍ନ୍ୟାସୀଙ୍କ ସାମୟିକ ଅବସ୍ଥାନ ରୂପେ ବ୍ୟବହୃତ ହେଉଥିଲା । ତେଣୁ ଲୋକେ ତାଙ୍କୁ ଗିଡ଼ୀ ତଳିଆ ଘର ମଧ୍ୟ କହୁଥିଲେ । ମୋର ପିତାମହ ସେହି ପାଞ୍ଚ ଭାଇ ମଧ୍ୟରୁ ସର୍ବକନିଷ୍ଠ । ତାଙ୍କ ନାମ ଥିଲା ସଦାଶିବ । କିନ୍ତୁ ପିତାମାତା ଓ ଅଗ୍ରଜମାନଙ୍କ ସସ୍ନେହ ଡାକିବା ଅନୁସାରେ ସୁରୁବାବୁ ନାମରେ ଅଭିହିତ ହେଉଥିଲେ । ବସ୍ତ୍ର ବୟନ ତାଙ୍କର ମୁଖ୍ୟ କର୍ମ ଓ ବୈଦ୍ୟପଣ ଗୌଣକର୍ମ ଥିଲା । ଖଡ଼ି ଦେଖିବାରେ, ଜ୍ୟୋତିଷମତେ ଶୁଭାଶୁଭ ଦିନବାର ଗଣନାରେ, ଯାତ୍ରାର ଦିକ୍‌ଶୂଳାଦି ନିର୍ଣ୍ଣୟ କରିବାରେ ମଧ୍ୟ ସେ ଅଭ୍ୟସ୍ତ ଥିଲେ । ସଦାଶିବଙ୍କର ଦୁଇ ପୁତ୍ର । ମୋର ପିତା ଚୈତନ୍ୟ ଜ୍ୟେଷ୍ଠ ଥିଲେ । ପୁତ୍ରଦ୍ୱୟ ସାଧାରଣ ଭାବରେ ବସ୍ତ୍ର ବୟନାଦି ଦ୍ୱାରା ପରିବାର ପୋଷଣରେ ସାମର୍ଥ୍ୟ ହେଲାରୁ ସଦାଶିବଙ୍କ ବସ୍ତ୍ର ବୟନ କାର୍ଯ୍ୟ ବନ୍ଦ ହୋଇ ବୈଦ୍ୟ ବ୍ୟବସାୟ ମୁଖ୍ୟ ହେଲା । ଧାନ ଓ ଟଙ୍କା ଋଣ ଦେବାର, ଗୋଧନ ବୃଦ୍ଧି କରିବାର, ବଳଦ ବିକା ଦେବାର ଭୁଲିଆମାନଙ୍କର ବ୍ୟବସାୟର ଗୋଟିଏ ପ୍ରଧାନ ଅଙ୍ଗ । ମୋର ପ୍ରପିତାମହଙ୍କର ସେହି ବ୍ୟବସାୟ ଉତ୍ତମ ରୂପେ ଚଳୁଥିଲା ବୋଲି ମୁଁ ଶୁଣିଅଛି । କେତେକ ନିଦର୍ଶନ ମଧ୍ୟ ଦେଖିଅଛି । ମୋର ପିତାମହଙ୍କ ସମୟରୁ ତାହା କ୍ରମଶଃ ହ୍ରାସ ପାଇ ଆସିଲା । ମୋର ପିତା ପୈତୃକ ବିଦ୍ୟା ଓ ବ୍ୟବସାୟରେ ଅଭ୍ୟସ୍ତ ହେଲେ । "

"Reading maketh a full man" - ଇଂରାଜୀ ଲେଖକ ବେକୋନ୍‌ଙ୍କ ଏହି ଉକ୍ତିଟି ଅତି ସତ୍ୟ ଅଟେ । ଅଧ୍ୟୟନ ମନୁଷ୍ୟର ଧୀ-ଶକ୍ତିକୁ ବୃଦ୍ଧିକରେ, ଚିନ୍ତା ଶକ୍ତିକୁ ପ୍ର ସାରିତ କରେ, କଳ୍ପନାକୁ ସୁସଂଯତ କରେ ଓ ପ୍ରତିଭାର ବିକାଶ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରେ । ଗଙ୍ଗାଧରଙ୍କ ଶିକ୍ଷା ସମ୍ପର୍କରେ ଆଲୋଚନା କଲେ ଜଣାପଡ଼େ ଯେ,ଗଙ୍ଗାଧରଙ୍କ ପିତା ନିଜ ଗୃହରେ ଗୋଟିଏ ଚାଟଶାଳୀ କରିଥିଲେ । କିନ୍ତୁ ଗଙ୍ଗାଧର ଯେତେବେଳେ ସପ୍ତମ ବର୍ଷରେ ପଦାର୍ପଣ କଲେ, ସେତେବେଳେ ନିଜ ଗୃହର ଚାଟଶାଳୀ ଭଙ୍ଗି ଯାଇଥିଲା । ତେଣୁ ଅନ୍ୟ ଏକ ଚାଟଶାଳୀରେ ତାଙ୍କୁ ଶିକ୍ଷାଲାଭ କରିବାକୁ ପଡ଼ିଥିଲା । ରାସ ପଞ୍ଚାଧ୍ୟାୟର ଚତୁର୍ଥ ଅଧ୍ୟାୟ ପର୍ଯ୍ୟନ୍ତ ସେ ସେଠାରେ ପଢ଼ିଥିଲେ । ଦୁର୍ଭାଗ୍ୟକ୍ରମେ ସେହି ଚାଟଶାଳୀ ମଧ୍ୟ ଭାଙ୍ଗିଯିବାରୁ ପିତାଙ୍କ ପ୍ରଯତ୍ନରେ କବି "ନାମରତ୍ନ ଗୀତା" ପାଠ କରିଥିଲେ । କବି କ୍ରମେ ଭାଗବତ ଓ ରାମାୟଣ ମଧ୍ୟ ପଢ଼ିଥିଲେ ।

ଇତ୍ୟବସରରେ କବିଙ୍କର ଶୁଭପରିଣୟ ଅନୁଷ୍ଠିତ ହୋଇଯିବାରୁ କିଛିଦିନ ଯାଏ ତାଙ୍କର ପାଠପଢ଼ା ବନ୍ଦ ରହିଲା । ପରେ ସେ ପୁଣି ସ୍କୁଲ୍ ରେ ନାମ ଲେଖାଇ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ । ପରବର୍ତ୍ତୀ କାଳରେ( ୧୮୮୨ ମସିହାରେ) ସେ ଦେଶୀୟ ପାଠଶାଳା ସାର୍ଟିଫିକେଟ୍ ପାଇଥିଲେ । କବିଙ୍କର ଆର୍ଥିକ ଜୀବନ ଅତି ଶୋଚନୀୟ ଥିବାରୁ ସେ ପୁସ୍ତକ କିଣି ପଢ଼ିବା ପାଇଁ ସମର୍ଥ ନଥିଲେ । ବହୁ ସମୟରେ ସେ ନିଜ ସହପାଠୀଙ୍କ ଠାରୁ ପୁସ୍ତକ ମାଗିଆଣି ପଢୁଥିଲେ । ସ୍କୁଲ୍ ଜୀବନରୁ ବିଦାୟ ନେବାପରେ କବି ନିଜ କର୍ମବ୍ୟସ୍ତତା ମଧ୍ୟରେ ଯାହା ଅବକାଶ ସମୟ ପାଉଥିଲେ ତାକୁ ବିଭିନ୍ନ ପୁସ୍ତକ ଅଧ୍ୟୟନରେ ବିନିଯୋଗ କରୁଥିଲେ । ତାଙ୍କ ଉପାର୍ଜିତ ଅର୍ଥର ଏକ ବଡ଼ ଭାଗ ପୁସ୍ତକ କ୍ରୟରେ ସେ ବିନିଯୋଗ କରୁଥିଲେ ।

ସ୍କୁଲ୍ ଜୀବନରେ ଗଙ୍ଗାଧର କିପରି ପଦେ ପଦେ ଦାରିଦ୍ର୍ୟର ନିର୍ମମ କଷାଘାତ ସହ୍ୟ କରୁଥିଲେ ତାହା ସେ ତାଙ୍କ ଆତ୍ମ -ଜୀବନୀରେ ଦେଇଛନ୍ତି ।

"ମୋର ପିତାଙ୍କ ଆର୍ଥିକ ଅବସ୍ଥା ବଡ଼ ଶୋଚନୀୟ ଥିଲା । ମୁଁ ସ୍କୁଲରେ ଶିକ୍ଷା ଶେଷ କରିବା ପର୍ଯ୍ୟନ୍ତ ସାମାନ୍ୟ କୁର୍ତ୍ତା ଖଣ୍ଡେ ବି କରି ପାରି ନଥିଲି । ଖଣ୍ଡେ ଶାନ୍ତିପୁରୀ ଚଦର ଅତି ମ୍ଳାନ ହେବା ପର୍ଯ୍ୟନ୍ତ ବ୍ୟବହାର କରିବାକୁ ପଡ଼ିଥିଲା । ହାକିମ ଆସିଲା ଦିନ

ସମସ୍ତେ କୁର୍ତ୍ତା ଲଗାଉଥିଲେ । ମୋ ଭାଗ୍ୟରେ ତାହା କେବେ ଘଟି ନ ଥିଲା । ଭଲ ଧୋତି ଖଣ୍ଡେ ନଥିବାରୁ ପିତାମାତାଙ୍କ ଠାରେ ଅଳି କରିବାରୁ ମୋର ପିତୃବ୍ୟ ତାଙ୍କର ଖଣ୍ଡେ କୋଷା ଧୋତି ବାହାର କରି ମତେ ଦେଇଥିଲେ । ଥରେ ଇନ୍‌ସପେକ୍ଟର୍-ଜେନେରାଲ୍ ଆସିବାରୁ ଅନେକ ଛାତ୍ର କୋଟ୍ ଚପ୍‌କନ୍ ତିଆରି କରାଇଲେ । ସେତେବେଳେ ମୋର ଶିକ୍ଷକ ମୋ ପିତାଙ୍କଠାରୁ ୧ ଟଙ୍କା ନେଇ ଲଙ୍ଗ୍ କ୍ଲଥ୍ କିଣି ଦରଜୀକୁ ଦେଲେ । ଦରଜୀ ତାହା ପୂର୍ଣ୍ଣରୂପେ ସିଲାଇ କରିପାରି ନଥିଲା । ସାହେବ ଆସିଗଲେ । କଞ୍ଚା ସିଲାଇ ଅବସ୍ଥାରେ ସେହି ଚପ୍‌କନ୍ ଲଗାଇ ସାହେବଙ୍କ ଠାରେ ପରୀକ୍ଷା ଦେଲି । ସେହି ଚପ୍‌କନ୍‌ଟି ଆଉ ପୂର୍ଣ୍ଣ ସିଲାଇ ହୋଇପାରିଲା ନାହିଁ । ପରେ ନିଜେ ମୁଁ ହାତରେ ତାକୁ ସିଲାଇ କରିଥିଲି ।" (ଗଙ୍ଗାଧର ଗ୍ରନ୍ଥାବଳୀ - ଆତ୍ମଜୀବନୀ)

ଦାରିଦ୍ର୍ୟ ତଥା ପ୍ରତିକୂଳ ପରିସ୍ଥିତି ତାଙ୍କୁ ଉଚ୍ଚଶିକ୍ଷା ଲାଭ କରିବାରୁ ବଞ୍ଚିତ କରିଥିଲା ସତ କିନ୍ତୁ ଦାରିଦ୍ର୍ୟ ଓ ପ୍ରତିକୂଳ ପରିସ୍ଥିତି ତାଙ୍କ ଅଧ୍ୟୟନ ଓ ଜ୍ଞାନ-ପିପାସାକୁ ରୋକିବାକୁ ସମର୍ଥ ହୋଇ ପାରି ନଥିଲା । ତେଣୁ ସଂସ୍କୃତ ସାହିତ୍ୟ ତଥା ରୂପରସ ଓ ଛନ୍ଦରେ ସମୃଦ୍ଧ ଓଡ଼ିଶାର ପ୍ରାଚୀନ ସାହିତ୍ୟକୁ କବି ଗଭୀର ଭାବରେ ଅଧ୍ୟୟନ କରିଥିଲେ । ଏତଦ୍‌ବ୍ୟତୀତ ବଙ୍ଗଳା ସାହିତ୍ୟରେ ମଧ୍ୟ କବିଙ୍କର ପ୍ରବେଶ ଥିଲା । ଅନ୍ୟାନ୍ୟ ପୁସ୍ତକ ମଧ୍ୟରେ ଋଷିପ୍ରାଣ ବଙ୍କିମ୍‌ଚନ୍ଦ୍ରଙ୍କର ଗ୍ରନ୍ଥାବଳୀ ଗଙ୍ଗାଧର ପାଠ କରିଥିଲେ । ସମ୍ବଲପୁର ଓ ରାଜସ୍ଥାନ ସମ୍ପର୍କରେ କାବ୍ୟକବିତା ପ୍ରଣୟନର ପ୍ରବଳ ବାସନା ଥିବାରୁ ଉକ୍ତ ଦୁଇ ସ୍ଥାନର ଇତିହାସ ମଧ୍ୟ କବି ଆଗ୍ରହ ସହକାରେ ଅଧ୍ୟୟନ କରିଥିଲେ । "ସମ୍ବଲପୁରର ଗେଜେଟିଅର୍" ରୁ ଅନେକ ଜ୍ଞାତବ୍ୟ ତଥ୍ୟ କବି ପାଇ ପାରିଥିଲେ ।

ଗଙ୍ଗାଧର ୧୮୮୫ ମସିହାରୁ କର୍ମକ୍ଷେତ୍ରରେ ପ୍ରବେଶ କରିଥିଲେ । ପ୍ରଥମେ ମାସିକ ୭ ଟଙ୍କା ଦରମାରେ ସେ ବରପାଲି ଜମିଦାରଙ୍କ ସିରସ୍ତାରେ ନିଯୁକ୍ତ ହୋଇଥିଲେ । ୧୮୮୫ ରୁ ୧୯୦୧ ମସିହା ପର୍ଯ୍ୟନ୍ତ ସେ ବରପାଲି ଜମିଦାରଙ୍କ ଅଧୀନରେ କାର୍ଯ୍ୟ କରିଥିଲେ । ଏହି ସମୟରେ ତାଙ୍କୁ ବହୁ କଠିନ ପରିଶ୍ରମ କରିବାକୁ ପଡୁଥିବାରୁ ଜମିଦାରଙ୍କ ଅନିଚ୍ଛା ସତ୍ତ୍ୱେ ସେ ଉକ୍ତ କାର୍ଯ୍ୟକୁ ତ୍ୟାଗ କରିଥିଲେ ।

ପରେ ୧୯୦୧ ରୁ ୧୯୧୨ ପର୍ଯ୍ୟନ୍ତ ସମ୍ବଲପୁର ର ଡେପୁଟି କମିଶନରଙ୍କ ଅଦାଲତରେ ଏବଂ ୧୯୧୩ ରୁ ୧୯୧୪ ପର୍ଯ୍ୟନ୍ତ ଅନରାରୀ ମାଜଷ୍ଟ୍ରେଟ୍‌ଙ୍କ ଅଦାଲତରେ କାର୍ଯ୍ୟ କରିଥିଲେ । ଗଙ୍ଗାଧର ୧୯୧୪ରେ ପଦ୍ମପୁରକୁ ପରିବର୍ତ୍ତିତ ହୋଇଗଲେ ଓ ଚାକିରୀ ଜୀବନର ଅବଶିଷ୍ଟ କାଳ (୧୯୧୭ ପର୍ଯ୍ୟନ୍ତ) ସେ ପଦ୍ମପୁରରେ ହିଁ ଥିଲେ । ୭ଟଙ୍କା ଦରମାରେ ଆରମ୍ଭ କରିଥିବା ଚାକିରୀ ଜୀବନର ଶେଷ ବେଳକୁ ଗଙ୍ଗାଧରଙ୍କ ଦରମା ୩୫ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା ।

ଗଙ୍ଗାଧରଙ୍କ ଜୀବନ ଅତି ଝଡ଼ଝଞ୍ଜାମୟ ଥିଲା । ତାଙ୍କ ଜୀବନର ଅଧିକାଂଶ ମୁହୂର୍ତ୍ତ ଥିଲା ଅଶାନ୍ତିମୟ । ତେଣୁ ସାହିତ୍ୟ ସାଧନାର ପଥରେ ବହୁ ଅନ୍ତରାୟ ସୃଷ୍ଟି ହେଉଥିଲା । ଶ୍ରୀ ବ୍ରଜମୋହନ ପଣ୍ଡାଙ୍କୁ ପ୍ରଦତ୍ତ ଏକ ପତ୍ରରେ ଗଙ୍ଗାଧର ଏକଥା ଅତି ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ।

"କି କରିବି ? ମୋ ଜୀବନ ଅଶାନ୍ତି ତରଙ୍ଗିଣୀର ଭୟଙ୍କର ଆବର୍ତ୍ତରେ ପଡ଼ିଯାଇଛି, କି "ଦେବବ୍ୟାସ", କି "ହୀରାକୁଦ" କାହାରି ସେବା କରିବାକୁ ସମର୍ଥ ହୋଇ ପାରୁନାହିଁ । (୧୮/୦୨/୧୯୧୧) (ଗଙ୍ଗାଧର ପତ୍ରାବଳୀ - ପୃଷ୍ଠା-୪୫)

କବି ଅତି ସରଳ ପ୍ରକୃତିର ଲୋକ ଥିଲେ । ବିଳାସର ସ୍ୱପ୍ନ ସୁଦ୍ଧା ସେ କେବେ ଦେଖି ନ ଥିଲେ । ଅତି ନିରାଡ଼ମ୍ବର ଭାବରେ ତାଙ୍କର ତ୍ୟାଗପୂତ ଜୀବନ ଅତିବାହିତ ହୋଇଥିଲା । ସେ ଦରିଦ୍ର ଥିଲେ । କିନ୍ତୁ ସେଥିପାଇଁ ମନରେ ଆଦୌ କ୍ଷୋଭ ନ ଥିଲା । ସେ ବୁଝିଥିଲେ ମଣିଷ ଜୀବନରେ ସାଧୁତାର ସ୍ଥାନ ଅତି ଉଚ୍ଚରେ ।ତେଣୁ ସେହି ସାଧୁତା ରକ୍ଷା ପାଇଁ ସେ ସତତ ସଚେତନ ଥିଲେ । ବରପାଲିର ଜମିଦାର ବାହାରେ ତାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିଲେ ମଧ୍ୟ ଅନେକ ସମୟରେ କବିଙ୍କ ପ୍ରତି ଶତ୍ରୁତା ଆଚରଣ କରିଥିବାର ଜଣାପଡ଼େ । ୧୯୧୨ ମସିହାରେ ଜମିଦାର ବାବୁ ଜମିକୁ ଆବଶ୍ୟକ ପରିମାଣରେ ଜଳ ଛାଡ଼ିବାରେ ବାଧା ଦେଇଥିବାରୁ ତାଙ୍କ ଏତାଦୃଶ ଆଚରଣ ଗଙ୍ଗାଧରଙ୍କୁ ବ୍ୟଥିତ କରିଥିଲା । ସେ ଏହି ଶତ୍ରୁତାର ଶିକାର ହୋଇ ସେ ବର୍ଷ ଜମିରୁ ଭଲ ଫସଲ ଆଦାୟ କରିପାରି ନ ଥିଲେ । ତଥାପି କବି ତାଙ୍କ ନମ୍ର ସ୍ୱଭାବ ଯୋଗୁଁ ଜମିଦାରଙ୍କ ବିରୁଦ୍ଧରେ ପଦେ ହେଲେ କର୍କଶ ଭାଷା ବ୍ୟବହାର କରି ନ ଥିଲେ ।

ଗଙ୍ଗାଧର ଯଥାର୍ଥରେ ଥିଲେ ଜଣେ ସାଧକ । ବାଣୀ ଆରାଧନା ତାଙ୍କ ମତରେ ଏକ କଠୋର ସାଧନା ।ଏହି ସାଧନା ପଥରେ ଶୃଙ୍ଖଳା ଓ ସଂଯମ ପ୍ରଧାନ ପାଥେୟ ।ଏହି ସାଧନା ପଥରେ ବିଳାସ ବ୍ୟସନର କୌଣସି ସ୍ଥାନ ନାହିଁ । କବି ଏକଥା ବହୁତ ଭଲ

ଭାବରେ ବୁଝିଥିଲେ ଏବଂ ସାହିତ୍ୟ ନିମିତ୍ତ ପରଦତ୍ତ ଅର୍ଥକୁ ବିଳାସରେ ବ୍ୟୟ କରିବାର ଲାଳସା ତାଙ୍କ ମନରେ ଆଦୌ ସ୍ଥାନ ପାଇ ପାରି ନ ଥିଲା । ତେଣୁ ସେ ଲେଖିଛନ୍ତି...

" ମୁଁ କହେଁ ସାହିତ୍ୟ ନିମିତ୍ତ ପରଦତ୍ତ ଅର୍ଥ ମୋର ବିଳାସିତାରେ ବ୍ୟୟ କରିବାର ଅଭିପ୍ରାୟ ନାହିଁ । ତାହା କେବଳ ସାହିତ୍ୟର ଉନ୍ନତିରେ ଲଗାଇ ପାରିଲେ, ସାହିତ୍ୟ ଚର୍ଚ୍ଚା ରୂପକ ମହାପାପର ପ୍ରାୟଶ୍ଚିତ ହୋଇପାରନ୍ତା । ଏଠାରେ ମୋର ମାନହାନିର କୌଣସି ଆଶଙ୍କା ନାହିଁ । ଯାହାର ମାନ ଥାଏ, ତାହାର ହାନି ହୁଏ । ଯାହାର ମାନ ଆଦୌ ନାହିଁ, ହାନି ହେବ କଣ ? ମୋତେ ଯେତେବେଳେ ଯେଉଁ ମାନ ଟିକକ ମିଳେ, ତାକୁ ମୁଁ ତତ୍କ୍ଷଣାତ୍ ଦୂର କରିଦିଏ । ତାହା ଯଦି ମୋ ଠାରେ ରହୁ ଥାଆନ୍ତା, ତେବେ ତାହା ହାନି ହେବାରେ କଷ୍ଟ ଅନୁଭବ ହୁଅନ୍ତା । ମୁଁ ରାଜ ସେବାର ଲାଳସୀ ନୁହେଁ । ଇଂରାଜ ଠାରୁ ବଳି ବଡ଼ ରାଜା କିଏ ଅଛି ? ଯେତେବେଳେ ସେ ରାଜାଙ୍କ ସେବାରେ ବୈରାଗ୍ୟ ଜନ୍ମି ଆସିଲାଣି ଅନ୍ୟ କେଉଁ ରାଜାଙ୍କ ସେବାକୁ ଇଚ୍ଛା କରିବି ?" (ପଦ୍ମପୁରରୁ ବ୍ରଜମୋହନ ବାବୁଙ୍କୁ ପ୍ରଦତ୍ତ ପତ୍ର – ଗଙ୍ଗାଧର ପତ୍ରାବଳୀ – ପୃଷ୍ଠା-୨୦୯)

କବି ଗଙ୍ଗାଧର ମେହେର ତାଙ୍କ ଜୀବନକାଳରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କବି ଓ ଲେଖକମାନଙ୍କର ବନ୍ଧୁତା ଲାଭ କରିଥିଲେ । କବିବର ରାଧାନାଥ ରାୟ, ବ୍ୟାସକବି ଫକୀର ମୋହନ ସେନାପତି ଓ ପଲ୍ଲୀକବି ନନ୍ଦ କିଶୋର ବଳ ଗଙ୍ଗାଧରଙ୍କ କବି ପ୍ରତିଭାର ଭୂୟସୀ ପ୍ରଶଂସା କରିଯାଇଛନ୍ତି । କିନ୍ତୁ କବିଙ୍କର ଜୀବନକୁ ଜଣଙ୍କର ସହଚର୍ଯ୍ୟ ବିଶେଷ ପ୍ରଭାବିତ କରିଥିଲା । ସେ ହେଉଛନ୍ତି ସମ୍ବଲପୁର ଜନନୀଙ୍କ କୃତି-ସନ୍ତାନ ମାନନୀୟ ବ୍ରଜମୋହନ ପଣ୍ଡା ।୧୯୦୯ ମସିହା ଡିସେମ୍ବର ମାସରେ ବ୍ରଜମୋହନ ବାବୁ ଗଙ୍ଗାଧରଙ୍କୁ ପ୍ରଥମେ ପତ୍ର ଲେଖିଥିଲେ । କବି ତାହାର ଯେଉଁ ଉତ୍ତର ଦେଲେ ତାହା ଫଳରେ ଉଭୟଙ୍କ ମଧ୍ୟରେ ସୁସମ୍ପର୍କ ଅତି ଘନିଷ୍ଠ ହୋଇଉଠିଲା ।୧୯୦୩ ସାଲରେ ଗଙ୍ଗାଧର "କୀଚକ ବଧ" ରଚନା କରି ସାରିବା ପରେ ହଠାତ୍ ତାଙ୍କ ଲେଖନୀ ନୀରବ ହୋଇ ରହିଥିଲା । ମଝିରେ ମଝିରେ ସାମୟିକ ଉଚ୍ଛ୍ୱାସବଶତଃ ଯାହା ଲେଖିବାକୁ ଆରମ୍ଭ କରୁଥିଲେ, ତାହା ଅସମାପ୍ତ ହୋଇ ପଡ଼ିର-ହୁଥିଲା । ଦୁଃଖ ଦାରିଦ୍ର୍ୟ ଏବଂ ପାରିବାରିକ ଅଶାନ୍ତିର ପଥରେ କ୍ଷତ ବିକ୍ଷତ ହୋଇ ବାଣୀ ଆରାଧନା ପାଇଁ ଅନୁକୂଳ ବାତାବରଣଟିଏ ପାଇବା ତାଙ୍କପକ୍ଷେ କଷ୍ଟକର ଥିଲା । ତାଙ୍କ ଜୀବନରେ ବ୍ରଜମୋହନ ବାବୁଙ୍କର ଉଦୟ ଶୁକ୍ରତାରା ସଦୃଶ ନୂତନ ପ୍ରଭାତର ଶୁଭ ଇଙ୍ଗିତ ଦେଇଥିଲା । ବ୍ରଜମୋହନ ବାବୁଙ୍କ ବାରମ୍ବାର ଅନୁରୋଧ ଓ ଉତ୍ସାହ ପ୍ରଦାନ ଫଳରେ ଗଙ୍ଗାଧରଙ୍କ ବଳିଷ୍ଠ ଲେଖନୀ ସୃଜନ ସ୍ୱପ୍ନରେ ଅଧୀର ହୋଇ ଉଠିଲା । "କବିତା କଲ୍ଲୋଳ", "ପ୍ରଣୟ ବଲ୍ଲରୀ", "ଅଯୋଧ୍ୟା ଦୃଶ୍ୟ", "ଉତ୍କଳ ଲକ୍ଷ୍ମୀ" ଓ "ତପସ୍ୱିନୀ" ତାହାରି ଫଳ । ଗଙ୍ଗାଧରଙ୍କ ନିଜ ଭାଷାରେ ବ୍ରଜମୋହନ ବାବୁ "କବିଙ୍କୁ ପ୍ରିୟ ବନ୍ଧୁ ରୂପେ ବରଣ କରି କବିଙ୍କର ସାହିତ୍ୟ ଚର୍ଚ୍ଚାର ପଥ ପ୍ରଶସ୍ତ ଓ ସୁଗମ କରିବା ନିମନ୍ତେ ସତତ ଯତ୍ନଶୀଳ ଥିଲେ ।"

ଗଙ୍ଗାଧର ଅତି ଧର୍ମପ୍ରାଣ ବ୍ୟକ୍ତି ଥିଲେ । ତାଙ୍କ କାବ୍ୟ କବିତାରୁ ଏକଥା ଅତି ସ୍ପଷ୍ଟ ଭାବରେ ଜଣାପଡ଼େ । ପିଲାଟି ଦିନରୁ ଭଗବାନଙ୍କ ନାମ ଶୁଣିବା ମାତ୍ରେ ତାଙ୍କର ସର୍ବାଙ୍ଗ ପୁଲକିତ ହୋଇ ଉଠୁଥିଲା । ତେଣୁ ସେ ତାଙ୍କ "ଆତ୍ମ ଜୀବନୀ" ରେ ଲେଖିଛନ୍ତି ..."ମୋର ସ୍ମରଣ ହେଉଛି, ବାଲ୍ୟକାଳରେ ପିତାମହଙ୍କ ସାଙ୍ଗରେ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ ସାରି ଜଗନ୍ନାଥ ଦର୍ଶନ କରି ଆସୁଥିଲି ଓ ପିତୃବ୍ୟଙ୍କ ସଙ୍ଗେ ସନ୍ଧ୍ୟା ସମୟରେ ଜଗନ୍ନାଥ ମନ୍ଦିରରେ ସଂକୀର୍ତ୍ତନରେ ଯୋଗ ଦେଉଥିଲି । ପିତାମହୀ ଓ ମାତାଙ୍କ ଠାରୁ ଶୁଣିଛି ଯେ, ଶୈଶବକାଳରେ ମଧ୍ୟ ମୁଁ ଧୀର ସ୍ୱଭାବର ଥିଲି ଏବଂ ଗୋଟିଏ ଛୋଟ ମୃଦଙ୍ଗ ଧରି ସଂକୀର୍ତ୍ତନବାଲାଙ୍କ ସାଙ୍ଗେ ନାଚୁଥିଲି ।" ବାଲ୍ୟକାଳରୁ କବିଙ୍କ ମନରେ ଯେଉଁ ଧର୍ମାନୁରାଗ ଜାଗି ଉଠିଥିଲା ତାହା ପରବର୍ତ୍ତୀ କାଳରେ ତାଙ୍କ କାବ୍ୟ ଓ କବିତା ଉପରେ ଗଭୀର ପ୍ରଭାବ ପକାଇଥିଲା । ତାଙ୍କ କବିତାର ଅନୁଶୀଳନ କଲେ ଏହାର ସତ୍ୟତା ଉପଲବ୍ଧି ହୁଏ –

"କ୍ଷୀରାବ୍ଧୀ ତନୟା ସୁକୋମଳ କରେ
କରନ୍ତି ଯା'ଙ୍କୁ ମର୍ଦ୍ଦନ,
ଯହୁଁ ସୁରଧୁନୀ ତ୍ରୈଲୋକ୍ୟ ପାବିନୀ
ହୋଇଛନ୍ତି ଉତପନ୍ନ ।
ରଜନୀ ବାସରେ ଯା'ଙ୍କୁ ପ୍ରେମଭରେ
ଭାବନ୍ତି ଯୋଗେନ୍ଦ୍ର ଦଳେ,
ତୁମ୍ଭ ସେ ଚରଣ କମଳେ ମୋ ମନ
ଭ୍ରମର ରହୁ ନିଶ୍ଚଳେ ।"

ପୁଣି -

"ଅନ୍ତର୍ଯ୍ୟାମୀ ହରି ବହୁ ରୂପ ଧରି
ରହିଛ ବ୍ୟାପୀ ସଂସାରେ,
ଜୀବେ ଅହରହ ନେତ୍ର ପାଶେ ରହ
ତଥାପି କେ ଦେଖିପାରେ ।
ଯୋଗର ଅୟନେ ଜ୍ଞାନର ନୟନେ
ଜ୍ଞାନୀ ଦେଖେ ଧ୍ୟାନ ବଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ
ଭ୍ରମର ରହୁ ନିଶ୍ଚଳେ ।"

(ଅହଲ୍ୟା ସ୍ତବ)

ଏ ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ ଯେ, କବିଙ୍କ ଭକ୍ତିମୂଳକ କବିତା ଗୁଡ଼ିକ ଅତି ସୁନ୍ଦର ଓ ହୃଦୟଗ୍ରାହୀ । ଏ କ୍ଷେତ୍ରରେ କବିଙ୍କର ଅପୂର୍ବ ସଫଳତା ମୂଳରେ ଏକ ଦିଗରେ ଯେପରି କବିଙ୍କର ଯାଦୁକାରୀ କବି ପ୍ରତିଭାର ଉଜ୍ଜ୍ୱଳ ସ୍ୱାକ୍ଷର ରହିଛି, ସେହିପରି ଅନ୍ୟ ଦିଗରେ ତାଙ୍କର ଧର୍ମପ୍ରାଣ ପାରିବାରିକ ଜୀବନର ଅନବଦ୍ୟ ଦାନର ସ୍ପଷ୍ଟ ଆଭାସ ମଧ୍ୟ ରହିଛି ।

ଅଭାବ ଅନାଟନର ବନ୍ଧୁର ପଥରେ ଗତିକରି ସୁଦ୍ଧା ଜତୀୟ ସାହିତ୍ୟର ଅଭିବୃଦ୍ଧି ନିମନ୍ତେ ଗଙ୍ଗାଧରଙ୍କର ସାଧନା ପ୍ରଣିଧାନ ଯୋଗ୍ୟ । ତାଙ୍କ ଲେଖନୀ ନିସୃତ "ତପସ୍ୱିନୀ", "ପ୍ରଣୟ ବଲ୍ଲରୀ", "ଇନ୍ଦୁମତୀ", "ଉତ୍କଳ ଲକ୍ଷ୍ମୀ", "ଅଯୋଧ୍ୟା ଦୃଶ୍ୟ", "କବିତା କଲ୍ଲୋଳ", "ଅର୍ଘ୍ୟ ଥାଳୀ","ଅହଲ୍ୟା ସ୍ତବ", "ମହିମା", "ଭାରତୀ ଭାବନା", "କୁମାର ଜନ୍ମୋତ୍ସବ", "ଭକ୍ତି ଉପହାର", "ପଦ୍ମିନୀ", "କୃଷକ ସଙ୍ଗୀତ" ତାଙ୍କ କବି ପ୍ରତିଭାର ଜୟଗାନ କରୁଛି । ଉପରୋକ୍ତ କାବ୍ୟ କବିତାକୁ ବାଦ୍ ଦେଲେ ସ୍ୱଚ୍ଛ ଗଦ୍ୟ ରଚନା ମାଧ୍ୟମରେ ମଧ୍ୟ ଗଙ୍ଗାଧର ନିଜର ଦକ୍ଷତାର ପରିଚୟ ଦେଇଛନ୍ତି । ଯଥା - "ଆତ୍ମଜୀବନୀ", "ନୃପରାଜ ସଂହ", "ପୁରାଣ କବି - ଫକୀରମୋହନ", "ସ୍ୱର୍ଗୀୟ କାଶୀନାଥ ପଣ୍ଡା", "ଏହାକି ପୃଥିବୀର ଶବ୍ଦ" ଏବଂ "ଶିକ୍ଷିତ, ଅଶିକ୍ଷିତ, ଶିକ୍ଷାଭିମାନୀ" ଆଦି ଗଦ୍ୟ ରଚନା ଗଙ୍ଗାଧରଙ୍କ ପାରଦର୍ଶିତା ର ଜ୍ୱଳନ୍ତ ଦ୍ୟୋତକ ।

୧୯୨୪ ମସିହା ଏପ୍ରିଲ ମାସ ୪ ତାରିଖ ଗଙ୍ଗାଧର ପ୍ରାଣପ୍ରିୟ ଦେଶବାସୀଙ୍କୁ ଶୋକ ସାଗରରେ ଭସାଇ ମହାନିଦ୍ରାଭିଭୂତ ହୋଇଗଲେ । ତାଙ୍କର ମାଟିର ଶରୀର ଉତ୍କଳର ପବିତ୍ର ମାଟିରେ ମିଶିଯାଇଛି ସତ, କିନ୍ତୁ ଓଡ଼ିଆ ସାହିତ୍ୟରେ ଏବଂ ଓଡ଼ିଶାର ଜାତୀୟ ଜୀବନରେ ସେ ଚିର ଅମର । ତାଙ୍କର ଜନ୍ମଭୂମି ଓଡ଼ିଆ ଜାତିର ପବିତ୍ର ତୀର୍ଥଭୂମି, ତାଙ୍କର ବାଣୀ ଓଡ଼ିଆର ଜାତୀୟ-ଜୀବନରେ ପୂତମନ୍ତ୍ର ଏବଂ ତାଙ୍କର ସାହିତ୍ୟ ସୃଷ୍ଟି ଏ ଜାତିର ମହାର୍ଘ୍ୟ ସଂପଦ ।

ଇଂରାଜୀ ସାହିତ୍ୟର ଅନ୍ୟତମ ବଳିଷ୍ଠ ପ୍ରତିଭା ମିଲ୍‌ଟନ୍ ପ୍ରସିଦ୍ଧ ନାଟ୍ୟକାର ସେକ୍ସପିଅରଙ୍କ ସମ୍ପର୍କରେ କହିଥିଲେ -

" Shakespeare had built for himself 'a livelong monument' and
a tumb for which kings would wish to die."

ସମ୍ବଲପୁର ଜିଲ୍ଲାର ବରପାଲି ଗ୍ରାମର ଏକ ଦରିଦ୍ର ତନ୍ତୀ ଗଙ୍ଗାଧରଙ୍କ ସମ୍ପର୍କରେ ମଧ୍ୟ ଅନୁରୂପ ମନ୍ତବ୍ୟ ପ୍ରକାଶ କରାଯାଇ ପାରେ...

" Gangadhar had built for himself 'a livelong monument' and
a tumb for which kings would wish to die."

■■■

ସମ୍ପାଦକ, ଇ-ପତ୍ରିକା
ମୋ : ୯୯୩୭୧୨୮୫୪୭

# ଅପ୍ରାକୃତ ପ୍ରେମମୂର୍ତ୍ତି

**ବସନ୍ତ ମାଝି**





ଜେଜେମା ଯେତେବେଳେ ମୋତେ କାହ୍ନା କାହ୍ନା ବୋଲି ଡାକ ପାରୁଥିଲେ ମମି ତାଙ୍କ ଉପରେ ଚିଡ଼ି ଉଠୁଥିଲେ । ଏହାର କାରଣ ମୁଁ ସେ ବୟସରେ ବୁଝିବାକୁ ଅକ୍ଷମ ଥିଲି ।

ମୁହଁ ଅନ୍ଧାର ସଞ୍ଜବେଳେ ଦାଣ୍ଡପିଣ୍ଡାରେ ବୁଢ଼ୀମା କୋଳରେ ମୁଣ୍ଡ ଥୋଇ ଗପ ଶୁଣିବା ବେଳେ ଜେଜେମା କୁ ପଚାରି ଉଠିଲି – ସତ କହ ଜେଜେମା, ମୋତେ ମୁନା ନ ଡାକି କାହିଁକି କାହ୍ନା ବୋଲି ଡକୁଛ ? ମମି କାହିଁକି ଏ ଡାକକୁ ଅସଭ୍ୟ ଓ କୁସଂସ୍କାର ବୋଲି କହୁଛନ୍ତି ?

ଜେଜେମା ମୁଣ୍ଡକୁ ମୋର ଆଉଁସିଦେଇ କହିଲେ ତୋ'ମମିଙ୍କ ଆଖିରେ ଯାହା ଅସଭ୍ୟ ଆଉ କୁସଂସ୍କାର; ତାହାହିଁ ଆମ ସଂସ୍କାର ଓ ସଭ୍ୟତା ।

ତଥାପି ମୁଁ ବୁଝିବାରେ ଅକ୍ଷମ ଥିଲି । ସେ ମୋତେ ବୁଝାଇ କହିଲେ – ଗୋପପୁରରେ କାହ୍ନାର ସମ୍ପର୍କ ସମସ୍ତଙ୍କ ସହିତ ରହିଥିଲା । ତା' ସମ୍ପର୍କ ଯୋଗୁଁ ସେ ଥିଲା ପ୍ରାୟ ସମସ୍ତଙ୍କର ପ୍ରିୟପାତ୍ର । କିନ୍ତୁ ସବୁ ସମ୍ପର୍କର ଉର୍ଦ୍ଧ୍ୱରେ ଥିଲା ରାଧା ଏବଂ କାହ୍ନାର ପ୍ରେମମୟ ସମ୍ପର୍କ । ସେହି ପ୍ରେମମୟ ସମ୍ପର୍କ ଆଧାରରେ ମୁଁ ତୋତେ କାହ୍ନା, କାହ୍ନା ବୋଲି ଡାକିଲେ ତୋ' ମମି ଏହାକୁ ଗ୍ରହଣ କରିପାରେ ନାହିଁ ।

ତଥାପି ଜେଜେମାର ଉତ୍ତର ମୋ' ପାଇଁ ଅବୁଝା ହୋଇ ରହିଥିଲା । ପ୍ରେମମୟ ସମ୍ପର୍କ କ'ଣ ବୋଲି ପଚାରିବାରୁ ଜେଜେମା, ଜୁଳୁ ଜୁଳୁ ଆଖିରେ କହିଥିଲା – ଜଣକ ବିହୁନେ ଅନ୍ୟ ଜଣେ ଅପୂର୍ଣ୍ଣାଙ୍ଗ, ଜଣକ ବିହୁନେ ଜଣେ ଝୁରି ହୁଏ ହୃଦୟରେ । ତାହାହିଁ ପ୍ରେମମୟ ।

ଅଶିକ୍ଷିତା ଜେଜେମାର ଏହି ଦାର୍ଶନିକ ଉତ୍ତର ସବୁ ମୋ ମୁଣ୍ଡକୁ ପ୍ରବେଶ କରି ପାରୁ ନଥିଲା ।ଏବେ କିନ୍ତୁ ମୁଁ ବୁଝି ପାରୁଛି କ'ଣ ରାଧା ଭାବ – " ଓ ବୋଲି ଡାକିଲେ କିଶୋରୀ..." ଏବଂ "ଅପ୍ରାକୃତିକ ପ୍ରେମମୂର୍ତ୍ତି ଜୟ ରାଧା ହରି" ।

■■■

ଏମ୍. ଆଇ. ଜି.(୧) ୧୯/୨ ,ହାଉସିଂ ବୋର୍ଡ କଲୋନୀ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -୭୫୧୦୦୨
ମୋ :୯୪୩୭୮୬୨୧୯୨୫

# ଭଉଣୀ ! ଆମକୁ କ୍ଷମା କର !

**ଛନ୍ଦା ମିଶ୍ର**





ଆମେ ମୁହଁ ଉପରେ ଯେତେ ଫୁଟାଣି ମାରି ପୁଅ ଓ ଝିଅ ସମାନ୍ ବୋଲି କହିଲେ ବି ସତ ହେଉଛି ଯେ, ଯେଉଁଠି ପୁଅଙ୍କ ପାଇଁ ତାଙ୍କ ଶରୀର ପାଲଟେ ସୁରକ୍ଷା କବଚ, ଠିକ୍ ସେଇଠି ଝିଅଙ୍କ ଶରୀର ପାଇଁ ହିଁ ସେମାନେ ହୋଇ ପଡ଼ନ୍ତି ଅସୁରକ୍ଷିତ। ସୃଷ୍ଟି ଆରମ୍ଭରୁ, କାଳେ କାଳେ ନାରୀଟିଏ ନିଜ ଶରୀର ପାଇଁ ହୋଇଛି ଲାଞ୍ଛିତା, ନିର୍ଯ୍ୟାତିତା ଓ ଅତ୍ୟାଚାରିତା । ସାତ ଦିନର କଅଁଳ ଶିଶୁ ଠାରୁ ନେଇ ସତୁରି ବର୍ଷର ମହିଳା ପର୍ଯ୍ୟନ୍ତ, କେହି ବି ବାଦ୍ ପଡି ନାହାନ୍ତି ଏହି ମାନବ ରୂପ ରେ ଥିବା ଅସଭ୍ୟ, ବର୍ବର ନର ପିଶାଚ ମାନଙ୍କ ଆଖିରୁ । ସବୁ ଠାରୁ ବଡ଼ ଲଜ୍ଜାର କଥା ହେଉଛି ଯେ, ଦିନେ ଯେଉଁ ମାଟି ରେ ଉଚ୍ଚାରିତ ହୋଇ ଥିଲା, ଯତ୍ର ନାର୍ଯ୍ୟ ସ୍ତୁ ପୂଜ୍ୟନ୍ତେ... ସେହି ମାଟି ରେ କେବେ ସୀତା, କେବେ ଦ୍ରୌପଦୀ, କେବେ ଲକ୍ଷ୍ମୀ, କେବେ ଅହଲ୍ୟା ଆଉ କେବେ ଛବିରାଣୀ, କେବେ ପରୀ , କେବେ ନିର୍ଭୟା, କେବେ ମମିତା.. ଏ ତାଲିକା ଟି ଖୁବ୍ ଲମ୍ବା ମଣିପୁର ର କୁକୀ ମହିଳାଙ୍କ ପର୍ଯ୍ୟନ୍ତ ।

ସେଦିନମଣିପୁରରେଯେଉଁଘଟଣାଟିଘଟିଗଲା,ବୋଧହୁଏଏପରିକୌଣସିମହିଳାଥିବ,ଯାହାରହୃଦୟହୋଇନଥିବ ରକ୍ତାକ୍ତ ! ତାହା କେବଳ ଦେଶ ପାଇଁ ନୁହେଁ ବରଂ ସମଗ୍ର ପୃଥିବୀର ନାରୀ ଜାତି ପାଇଁ ଘୋର ଲଜ୍ଜା ଓ ଅପମାନ ର ବିଷୟ । ଜଣେ ଆଦିବାସୀ ମହିଳାଙ୍କୁ ଦେଶର ସର୍ବୋଚ୍ଚ ପଦବୀରେ ବସାଇ ଦେଶ ସମ୍ମାନ ପ୍ରଦର୍ଶନ କରିଥିଲା ବେଳେ ସେହି ଦେଶ ର କିଛି ମାନସିକ ବିକାର ଗ୍ରସ୍ତ ଦୁଇଜଣ ଆଦିବାସୀ ମହିଳାଙ୍କୁ ଗଣଦୁଷ୍କର୍ମ ପରେ ଉଲଗ୍ନକରି ରାସ୍ତାରେ ନିର୍ଯ୍ୟାତନା ଦେଇ ଚଲାଇ ଚଲାଇ ନେଇଛନ୍ତି । କିଏ ମୈତେଇ କିଏ କୁକୀ, ଏକଥା ବୁଝିବାର ଆବଶ୍ୟକତା ନାହିଁ, ଖାଲି ଏତିକି ପଚାରିବାର ଅଛି ଯେ, ଏମାନେ ମଣିଷ ତ ? ତା' ଠାରୁ ଆହୁରି ଲଜ୍ଜାର ବିଷୟ ହେଉଛି ଯେ, ଏହି ଘଟଣାରେ, କିଛି ମଣିଷଙ୍କ ହାତ ସେ ମହିଳା ମାନଙ୍କୁ ଏ ବର୍ବରତା ରୁ  ରକ୍ଷା କରିବା ପାଇଁ ନୂହେଁ ବରଂ  ଭିଡିଓ କରିବାରେ  ବ୍ୟସ୍ତ ଥିଲା !  ଆଉ ତା ଠାରୁ ଆହୁରି ଅଧିକ ଲୋକ ଭିଡିଓ ଭାଇରାଲ୍ କରିବା ପାଇଁ ତତ୍ପର ହୋଇ ରହିଥିଲେ । ସତରେ କଣ ସେଦିନ "ମାନବିକତା" ର ମୃତ୍ୟୁ ଘଟି ଥିଲା ? ଲଜ୍ଜାହୀନ ରାଜନେତା ପୁଣି ନିଜ ସାକ୍ଷାତ୍କାରରେ କହିଛନ୍ତି, ଏଭଳି ଘଟଣା ମଣିପୁରରେ ଅନେକ ଘଟୁଛି, ଯେଉଁଥିପାଇଁ ସେଠି ଇଣ୍ଟରନେଟ ସେବାକୁ ଅଚଳ କରିଦି ଯାଉଛି ।  ପୁଣି ଏହି ପୀଡିତା ମହିଳାମାନଙ୍କ ମଧ୍ୟରୁ ଜଣେ ଗଣମାଧ୍ୟମ ସମ୍ମୁଖରେ ବୟାନ୍ ଦେଇ କହିଛନ୍ତି ଯେ, ପୁଲିସ ଉପସ୍ଥିତି ରେ ହିଁ ସେମାନେ ଏଭଳି ବର୍ବରୋଚିତ  ଆକ୍ରମଣର  ଶିକାର ହୋଇଥିଲେ,  ଓ  ତାଙ୍କ ସାମନା ରେ ହିଁ ତାଙ୍କ ପରିବାରର ଦୁଇଜଣ  ପୁରୁଷ ସଦସ୍ୟଙ୍କୁ  ହତ୍ୟା କରାଯାଇଥିଲା । ଇତି ମଧ୍ୟରେ ଚାରିଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି,  ଯଦିଓ ଏଥିରେ ହଜାର ହଜାର ଅସଭ୍ୟ ସମ୍ପୃକ୍ତ । ଅଭିଯୁକ୍ତଙ୍କ ଗିରଫଦାରି ପରେ ଧୀରେଧୀରେ  ଘଟଣା ଥଣ୍ଡା ପଡିଯିବା

ରାଜନେତା, ବୟାନବାଜି କରି ରାଜନୈତିକ ଫାଇଦା ହାସଲ କରିବା ପାଇଁ ଚେଷ୍ଟା କରିବେ । ପୋଲିସ, ତଦନ୍ତ ଚାଲିଛି କହି ତୁଣ୍ଡରେ ତାଲା ପକାଇ ବସିବ । ଗଣମାଧ୍ୟମ ଘଟଣାକୁ ଫେଣେଇ ଫେଣେଇ ନିଜ ଟି.ଆର.ପି ବଢ଼ାଇବାରେ ବ୍ୟସ୍ତ ରହିବ । ନୂଆ କିଛି ମସଲାଦାର ଖବର ପାଇବା ପର୍ଯ୍ୟନ୍ତ । ଆଉ ଆମେ ସାଧାରଣ ଜନତା, ନାହିରେ ତେଲ ଦେଇ, ବିରାଟ କୋହଲି, ଟମାଟୋ ଦର, ବିକି କୌଶଲ ଓ କ୍ୟାଟରିନାଙ୍କ ବିବାହ ବିଷୟରେ (ଆଉ ସମୟ ହେଲେ ମଣିପୁର ବିଷୟରେ) ଚର୍ଚ୍ଚା କରିବୁ, ଯେଉଁ ପର୍ଯ୍ୟନ୍ତ ଏହିପରି ଆଉ ଗୋଟିଏ ଅଘଟଣ ଘଟି ନ ଯାଇଛି । ଆମେ ଗୋଟିଏ ସାନ୍ତ୍ୱନା ନିଜକୁ ଭଲ ଭାବେ ଦେଇ ଜାଣିଛୁ ଯେ, "ଆମେ ତ ସାଧାରଣ ଲୋକ ଆମେ ବା କଣ କରି ପାରିବୁ !" ସୁପ୍ରିମକୋର୍ଟ, ଏ ଘଟଣାରେ ଉଦବିଗ୍ନତା ପ୍ରକାଶ କରି, ସରକାରଙ୍କୁ ଚେତାବନୀ ଦେଇଛନ୍ତି ଯେ, ତୁମେ ଏହାକୁ ସମାଧାନ କର ନଚେତ୍ ଆମକୁ ଛାଡି ଦିଅ । ଏ ସମୟରେ ସ୍ୱତଃ ମନରେ ପ୍ରଶ୍ନ ଉଠେ, ସତରେ କ'ଣ ଏପରି ଦଣ୍ଡ ବିଧାନ ଏ ବର୍ବରତାକୁ ଲୋପ କରିଦେଇ ପାରିବ ? ନିର୍ଭୟା ଘଟଣା ପରେ ଯେଉଁ ଜନ ଅସନ୍ତୋଷ, ଦେଶରେ ଦେଖିବାକୁ ମିଳିଥିଲା ଲାଗୁଥିଲା, ବୋଧେ ଏଥର ଏ ଦେଶର ନାରୀ ସୁରକ୍ଷିତ, ବୋଧହୁଏ ଆଉ ଏପରି ଜଘନ୍ୟ ଅପରାଧ ଏ ମାଟିରେ ମୁଣ୍ଡଟେକି ପାରିବନାହିଁ ! କିନ୍ତୁ ହେଲା କଣ... ହେଉଛି କଣ... ପ୍ରତ୍ୟେକ ଦିନ, କେଉଁଠି ନା କେଉଁଠି ନାରୀ ଶରୀରଟିଏ, ଏହି ଯୌନ ପିପାସୁଙ୍କ ଯୌନକ୍ଷୁଧା ମେଣ୍ଟାଇବା ପାଇଁ ପଡୁଚି ବଳି । କାଳେ କାଳେ ପୁରୁଷଟିଏ ନାରୀକୁ ନିଜ ଯୌନ ଇଚ୍ଛା ଚରିତାର୍ଥର ମାଧ୍ୟମଟିଏ ମନେ କରି ଆସିଛି । ଏହା ଜାଣିବା ସତ୍ତ୍ୱେ କିଛି ଲଜ୍ଜାହୀନା, ନିଜ ଶରୀରକୁ ଖୋଲା ମେଲା କରି ଦେଖାଇ, ପୁରୁଷଙ୍କ ଯୌନ ବିକାରକୁ ଉସୁକାଇବାରେ ସାହାଯ୍ୟ କରନ୍ତି, ଆଉ କିଛି ଦୁଇ ପାଦ ଆଗେଇ ଯାଇ, ପୁରୁଷଙ୍କ ଚଡ଼ି ଠାରୁ ଦାଢି ପର୍ଯ୍ୟନ୍ତ ହେଉଥିବା ବିଜ୍ଞାପନରେ ସାମାନ୍ୟ ଟଙ୍କା କେତୋଟି ପାଇଁ ନିଜ ମୁକୁଳା ଦେହ ଦେଖାଇବାକୁ ପ୍ରତିଯୋଗିତା କରନ୍ତି । ସତରେ କ'ଣ ସାମାଜିକ ଦାୟିତ୍ୱ ବଦ୍ଧତାରୁ ଏମାନେ ନିଜକୁ ମୁକ୍ତ କରି ଦେଇଛନ୍ତି !

ଆଜି ଯେଉଁ ମହିଳା ମାନେ ଏକାଠି ହୋଇ ଅଭିଯୁକ୍ତର ଘର ଭାଙ୍ଗି, ପୋଡି ଦେଇଛନ୍ତି, ସେଦିନ ସେମାନେ କେଉଁଠି ଥିଲେ ? ମୈତେଇ ଓ କୁକିର ବିବାଦକୁ ଭୁଲି, ସେଦିନ ଯଦି ସେମାନେ ହାତରେ ଠେଙ୍ଗା, ବାଡ଼ି, ଛୁରୀ, ପନିକି ଆଦି ଧରି ଘର ଭିତରୁ ବାହାରି ଆସିଥାନ୍ତେ, ତେବେ ଏପରି ଲଜ୍ଜାଜନକ ଘଟଣା ଘଟାଇବାକୁ କେହି ସାହସ କରି ପାରିଥାନ୍ତା କି ? କେବଳ ତାଙ୍କ ଘରର ପୁରୁଷମାନଙ୍କୁ ସେମାନେ ଯଦି ଅଟକେଇ ଦେଇ ପାରିଥାନ୍ତେ, ତେବେ ଏପରି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇ ନଥାନ୍ତା । ଖାଲି ନାରୀ ହେଉଛି ଦୁର୍ଗାଙ୍କ ରୂପ ବୋଲି କହିଲେ ହେବ ନାହିଁ, ସମୟ ଅସମୟରେ ସେ ଦୁର୍ଗା ରୂପ ଧାରଣ କରିବାକୁ ମଧ୍ୟ ପଡିବ। ସମାଜର ମଙ୍ଗଳ ପାଇଁ ହାତରେ ଧରିବାକୁ ପଡିବ ତ୍ରିଶୂଳ, ଚାମୁଣ୍ଡା ସାଜି ରକ୍ତବୀର୍ଯ୍ୟର ରକ୍ତ ତଳେ ପଡ଼ିବା ପୂର୍ବରୁ ତାକୁ ଚାଟିଦେବାକୁ ହେବ ।

ଭଉଣୀ, ହାତ ଯୋଡି ମୁଁ ତୁମକୁ କ୍ଷମା ମାଗୁଛି ! କ୍ଷମା ମାଗୁଛି ଭାରତ ମାତାଙ୍କ କ୍ଷତାକ୍ତ ଆତ୍ମା ନିକଟ ରେ ! ଆମେ ମାଆମାନେ ଆମ ପୁଅମାନଙ୍କୁ, ଆମେ ଭଉଣୀମାନେ ଆମ ଭାଇମାନଙ୍କୁ, ଆମେ ଝିଅମାନେ ଆମ ବାପାମାନଙ୍କୁ, ଆମେ ସ୍ତ୍ରୀମାନେ ଆମ ସ୍ୱାମୀମାନଙ୍କୁ, ଏତିକି ଶିଖେଇ ପାରିନାହୁଁ ଯେ, ମହିଳାଟିଏ କୁ କିପରି ସମ୍ମାନ ପ୍ରଦାନ କରାଯିବ ! ଆଜି ବି ଆମ ଘରମାନଙ୍କରେ ଶିଶୁ କନ୍ୟାଟିଏ ତାର ପରିବାର ଓ ପରିଚିତଙ୍କ ଦ୍ୱାରା ପାଉଛି ଯୌନ ନିର୍ଯାତନା । ସୁରକ୍ଷାର ବଳୟ ବୋଲି କହୁଥିବା ଆମ ଘରଗୁଡିକୁ ବି ଆମେ ସଜାଡି ପାରି ନାହୁଁ । ଧିକ୍ ଆମ ନାରୀପଣିଆ କୁ, ଆମ ଘରଣୀପଣିଆ କୁ । ତା ସତ୍ତ୍ୱେ ନିଜ ନିର୍ଲଜ୍ଜତା ପ୍ରଦର୍ଶନ କରି ଆମେ ନିଜକୁ ଆଧୁନିକା କହିବା ପାଇଁ କୁଣ୍ଠିତ ହେଉ ନାହୁଁ ! ଆଜି ଲଜ୍ଜାରେ ଆମ ମୁଣ୍ଡ ନଇଁ ଯାଉଛି, ନିଜକୁ ମଣିଷ ବୋଲି କହିବାକୁ ଘୃଣା ଲାଗୁଛି । ଯେତେ ଯାହା କଲେ ବି ଏ କ୍ଷତି ଭରିବା ସମ୍ଭବ ପର ନୁହେଁ । ସମଗ୍ର ମାନବ ଜାତିର ଇତିହାସ ରେ ଏହା ଯେଉଁ କଳା ଅଧ୍ୟାୟଟିଏ ଯୋଡି ଦେଲା, ଏଥିପାଇଁ ଭବିଷ୍ୟତ କେବେ ଆମକୁ କ୍ଷମା କରିବ ନାହିଁ ।

■■■

କଳିଙ୍ଗ ନଗର, ଭୁବନେଶ୍ୱର
ମୋ-୯୪୩୭୪ ୫୩୬୧୦

# ପରୀକ୍ଷା

ବିନୋଦିନୀ ଗଉଡ଼





ଜୀବନଟା ହିଁ ଗୋଟିଏ ପରୀକ୍ଷା । ପ୍ରତ୍ୟେକ ଦିନ କିଛି ନା କିଛି ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼େ ସମସ୍ତଙ୍କୁ । କାହା ପାଇଁ ପରୀକ୍ଷା ହୋଇଥାଏ ସହଜ, ସରଳ, ପଥ ଲାଗେ ପୁଷ୍ପମୟ...ହସିହସି କଟିଯାଏ ଜୀବନର ରାସ୍ତା, ତ' କାହା ପାଇଁ ପରୀକ୍ଷା ହୋଇଥାଏ ଜଟିଳ, କଷ୍ଟକର ! ପଥ ହୁଏ କଣ୍ଟକିତ । ଜୀବନ ଲାଗେ ଏକ ଦୁଃଖଦ କବିତା ।

ଜୀବନରେ ଏମିତି ଏକ ପରୀକ୍ଷାର ଫଳାଫଳ ପ୍ରତୀକ୍ଷାରେ ଆଜି ବିନୀତା । ମଇ ମାସ ଅଠର ତାରିଖ, ମଧ୍ୟାହ୍ନ ବାରଟା, ତା' ସାନପୁଅ କାହ୍ନାର ମେଟ୍ରିକ୍ ଫଳ ବାହାରିବ କିଛି ସମୟ ପରେ, କଣ ହେବ କେଜାଣି ? ପାସ୍ ନା ଫେଲ୍ ? ଚିନ୍ତିତ ହୋଇପଡ଼ୁଥିଲା ସେ ।

ବଡ଼ ପୁଅ ସୌମ୍ୟ ରୋଲ୍ ନଂ ଦେଇ ଅପେକ୍ଷା କରିଛି ଲାପଟପ୍ ସାମ୍ନାରେ ।
"ମାମା ଆଜି ଇଣ୍ଟରନେଟ୍ ବହୁତ ସ୍ଲୋ ଅଛି. .. କେତେବେଳେ ଆସିବ କେଜାଣି ?"
ସୋଫା ଉପରେ ବସି ବିନୀତା ଥରେ ଆଶାୟୀ ଆଖିରେ ଚାହିଁ ଦେଉଛି, କାନ୍ଥରେ ଟଙ୍ଗା ହୋଇଥିବା ପ୍ରଭୁ ଜଗନ୍ନାଥଙ୍କ ଫୋଟକୁ । ପୁଣି ନିର୍ଲିପ୍ତ ଭାବେ ଖେଳୁଥିବା ଦିବ୍ୟାଙ୍ଗ ପୁଅ କାହ୍ନାକୁ । ଗଣ୍ଡେ କଏନ୍ ଆଉ ବ୍ଲକ୍ ଖେଳନା ଧରି ବ୍ୟସ୍ତ ଅଛି ସିଏ ଖେଳିବାରେ ।

"କାହ୍ନା, ଆଜି ତୋ ପରୀକ୍ଷାର ରେଜଲ୍ଟ ବାହାରିବ, ଜାଣିଛୁ ନା ବାବା ?" ମାମା ମୁହଁରୁ ପରୀକ୍ଷା କଥାଶୁଣି ଖୁସିରେ ନାଚିଗଲା କାହ୍ନା । ସେ ଭାବିଲା, ସବୁଥର ପରି ମାମା ଆଉ ବାବା ତାକୁ ପରୀକ୍ଷା ହଲ୍ କୁ ନେବେ, ସେ କାର୍ରେ ବୁଲିଯିବ, ଚକୋଲେଟ, ଚିପ୍ସ ଖାଇବ...ବାଃ... କେତେ ମଜା । ମାମାର ହାତ ଧରି ଟାଣିଲା ସେ-" ମାମା... ପଲୀକ୍ଷା ଯିବା..."। "ନାହିଁ ବାବା ଆଜି ସ୍କୁଲ ଯିବାନି...ତମେ ଯୋଉ ପରୀକ୍ଷା ଦେଇଥିଲ, ଆଜି ଫଳ ବାହାରିବ...ଟିକେ ଅପେକ୍ଷା କର"।

ବିନୀତାର ମନେ ପଡୁଥିଲା, କାହ୍ନାକୁ ଧରି ପରୀକ୍ଷା ହଲ୍ କୁ ଯିବାର ଦୃଶ୍ୟ । କେତେ କୌତୁହଳୀ ଆଖିର ଚାହାଣି, କେଉଁଠି ଉପହାସ ତ' କେଉଁଠି ଦୟା । ଭାରି ଅସ୍ୱସ୍ତିକର ସେଇ ସବୁ ଅନୁଭବ । ପୁଣି ପରୀକ୍ଷା ହଲ୍ ଭିତରେ କାହ୍ନାର ଅସ୍ଥିରତା, ତାକୁ ଦୁଇ ଘଣ୍ଟା ବସେଇବା ସବୁଠୁ ବଡ଼ ପରୀକ୍ଷା ଥିଲା ବିନୀତା ପାଇଁ । ନୂଆଁ ଜାଗା, ନୂଆଁ ପରିବେଶ, ନୂଆଁ ମଣିଷ ଦେଖିଲେ ଅଟିଷ୍ଟିକ୍ ପିଲାମାନେ ବହୁତ ହାଇପର୍ ହୁଅନ୍ତି। କାହ୍ନା ବି ସେମିତି କିଛି ହେଉଥିଲା ।

ତା' ପଛରେ ଧାଇଁ ଧାଇଁ ନୟାନ୍ତ ହୋଇ ପଡୁଥିଲା ବିନୀତା । ପାଖ ରୁମ୍ ରେ ପିଲାମାନେ ପରୀକ୍ଷାରେ ଲେଖିବା ପାଇଁ ଦୁଇ ଘଣ୍ଟା ନିଅଣ୍ଟ ପଡୁଥିଲା । ଆଉ ସେ ବାରମ୍ବାର ଘଣ୍ଟା ଦେଖୁଥିଲା, କେତେବେଳେ ପରୀକ୍ଷା ସରିବ ଆଉ କାହ୍ନାକୁ ନେଇ ସେ ବାହାରକୁ ଯିବ । ପ୍ରତିଦିନର ପରୀକ୍ଷା ପରେ ଦୁଃଖ ଆଉ ଅପମାନର ଲୁହକୁ ପୋଛି ପୁଣି ଥରେ ପ୍ରସ୍ତୁତ ହେଉଥିଲା ଆଗାମୀ ଦିନ ପାଇଁ ।

ସରକାରୀ ନିୟମ ଅନୁସାରେ ନବମ ଶ୍ରେଣୀର ପିଲାଟିଏ ତା' ପାଇଁ ଲେଖିବାକୁ ସ୍ଥିର ହୋଇଥାଏ। ସ୍କୁଲ୍ ତରଫରୁ ବିଶ୍ୱ ନାମକ ପିଲାଟି ଭଲ ପଢୁଥିବାରୁ, ବିନୀତାକୁ ସୁବିଧା ହୋଇଥିଲା ତାକୁ ଦଶମ ଶ୍ରେଣୀ ପାଠ ବୁଝାଇବାରେ।

ଇଣ୍ଟରନେଟ ଆସିଗଲା ବୋଧେ, ବଡ଼ପୁଅ ରେଜଲ୍ଟ ଦେଖି ଖୁସିରେ ପାଟି କଲା -"ମାମା ଆମ କାହ୍ନା ପାସ୍ ହୋଇଛି । ପୁଣି ଫାଷ୍ଟ ଡିଭିଜନରେ । ୬୨% ମାର୍କ ରଖିଛି । ତମେ ପୁଣିଥରେ ମେଟ୍ରିକ୍ ପାସ୍ ହୋଇଗଲ ମାମା । କାହ୍ନା ସିନା ପରୀକ୍ଷା ଦେଉଥିଲା, ପ୍ରକୃତ ପରୀକ୍ଷା ତ ତମର ଥିଲା ନା।" ଭାବପ୍ରବଣ ହୋଇ କହୁଥିଲା ସିଏ । ବଡ଼ପୁଅର ମୁଣ୍ଡକୁ ସ୍ନେହରେ ସାଉଁଳେଇ ଦେଇ, କାହ୍ନାକୁ କୁଣ୍ଢେଇ ପକାଇଲା ବିନୀତା, ଗେହ୍ଲା କରି କହୁଥିଲା - "ତୁ ପରୀକ୍ଷାରେ ପାସ୍ ହୋଇଗଲୁ ବାବା"। ମାମାର କଥାରୁ କ'ଣ ବୁଝିଲା କେଜାଣି, ସମସ୍ତଙ୍କ ହସହସ ମୁହଁକୁ ଥରେ ଚାହିଁ ଦେଇ ଖୁସି ରେ ପାଟି କରୁଥିଲା କାହ୍ନା - "ମୁଁ ପଲୀକ୍ଷା ପାସ୍... ପଲୀକ୍ଷା ପାସ୍..."।
ସବୁ ଦୁଃଖ, ଯନ୍ତ୍ରଣାକୁ ଭୁଲିଯାଇ ହସୁଥିଲା ବିନୀତା , ଆଖିରେ ତା' ଲହଡ଼ି ଭାଙ୍ଗୁଥିଲା ଆନନ୍ଦର ଅଶ୍ରୁ ।

**କ୍ୱାଟର୍ ନଂ – ଉ୧-୧ / ୧,**
**ନ୍ୟୁ-ଗଭରନ୍‌ମେଣ୍ଟ କଲୋନୀ, ଭୁବନେଶ୍ୱର**
**ଫୋନ୍ ନଂ – ୯୪୩୭୩ ୩୭୯୫୫**

■■■



# ଅହ୍ୟ ସୁଲକ୍ଷଣୀ

ଡ. ପ୍ରବୀଣା ପରିଡ଼ା



ପେଜୁଆ ଆଖିରେ ଛଳ ଛଳ ଆବେଗ।ହାତର ଚର୍ମ  ଧିଡ୍ଡୁଧିଡ୍ଡୁ ହୋଇଗଲାଣି।ବୟସ ସତୁରୀରୁ କମ୍ ହେବନି, କଣ୍ଠରେ କୋହଭରା କଥା । ଯେମିତି ଦୁଃଖର ପାହାଡରେ ଜୀବନଟାbଚାପି ହେଇଯାଇଛି । ଅଟୋ ଭିତରେ ଥାଇ ମୋ ମୁଣ୍ଡକୁ ଧିରେ ଆଉଁସିଦେଲେ, ଅନୁଭବ କଲି ଯେମିତି ବୋଉର ହାତ କି? ମାତୃସୁଲଭ ସ୍ନେହ-ଭରା ପରଶ । କିଛି ସମୟ ପାଇଁ ଟିକିଏ ଭାବ ପ୍ରବଣ ହେଇଗଲି । ବୃଦ୍ଧା ଜଣଙ୍କ ଆତୁର କଣ୍ଠରେ  ସାହାଯ୍ୟ  ପାଇଁ କିଛି ଟଙ୍କା ମାଗିଲେ । ଅଟୋ ଭିତରେ ଏମିତି ସାହାଯ୍ୟ ମାଗିବା ମୋ ପାଇଁ ପ୍ରଥମଥର ଥିଲା । ଭାବିଲି ବୁଢୀ ଲୋକଟିର ସେତିକି ଲୋଡା ନ ହେଇଥିଲେ ମାଗି ନ ଥାନ୍ତା । ପୁଣି ଏ ବୟସ ରେ ! ମୁଁ ଟିକେ  ହସିଦେଇ ଶହେ ଟଙ୍କାଟିଏ ବଢେଇ ଦେଲି । ବୃଦ୍ଧା ଜଣଙ୍କ  ଟଙ୍କାଟିକୁ ପାଇ ଖୁସିରେ ହାତରେ ଧରିଥିବା ପୁଟୁଳି ଭିତରେ ସାଇତି କି ରଖିଲା । ସକାଳ ସୂରୁଜ କିରଣ ପରି ବୃଦ୍ଧାଙ୍କ ମୁହଁ ଝଲସି ଉଠିଲା ।

ଇଚ୍ଛାହେଲା କିଛି କଥା ହେବା ପାଇଁ  "ପଚାରିଲି ମାଉସୀ  କେଉଁଠି ଓହ୍ଲାଇବ ? ଏ ବୟସରେ ଠିକ୍ ରେ ଚାଲି ପାରୁନାହଁ, ରାସ୍ତାରେ କେତେ ଗାଡିର ଭିଡ, ତୁମେ ପୁଣି ଏକୁଟିଆ !

ମୋ କଥା ଶୁଣି ତାଙ୍କ ମୁହଁ ଖାଉଁଳି ଗଲା, ଆଖି ଛଳଛଳ ହେଇଗଲା । ଭାବିଲି ପଚାରିକି ଭୁଲ୍ କଲି କି ଆଉ? ସେ କହିଲେ ମୁଁ ଘରକୁ ଫେରୁଛି । ପଟିଆ ରେଳ ଧାର ଟପିଲେ ତାଙ୍କ ଘର।

ପଚାରିଲି ଘରେ କିଏ ସବୁ ଅଛନ୍ତି?

ଉତ୍ତରରେ କହିଲେ ପୁଅ, ବୋହୂ ,ନାତି ,ନାତୁଣୀ ସବୁ ଅଛନ୍ତି । ହେଲେ କେହି ତାଙ୍କ କଥା ବୁଝନ୍ତି ନାହିଁ । ଦୁଃଖ ସହି ନ ପାରି ଝିଅ ଘରକୁ ଯାଇଥିଲି । ହେଲେ ଝିଅ ଘରେ କେତେଦିନ ରହିବି ! ଝିଅ ର ଦୁଃଖ ବି କହିଲେ ନ ସରେ । "କୋଭିଡି ରେ ଜ୍ୱାଇଁ ମରିଗଲେ । କୋଳରେ ବକଟେ ଛୁଆ । ଶାଶୁ ନଣନ୍ଦର ଘର ରହି ହେଲାନି ଫେରିଆସିଲି ।"

ଏ ସବୁ କଥା ଗୋଟେ ଚଳଚ୍ଚିତ୍ରର ଦୃଶ୍ୟ ପରି ଲାଗୁଥାଏ । ପିଲାମାନେ ଥାଇକି ବି ମାଆର କି ଅବସ୍ଥା । କେମିତିକା ସେ ପୁଅ, କେମିତିକା ସେ ବୋହୂ !!  ଭାବୁଥିଲି ଏ ଯୁଗରେ ବୃଦ୍ଧା ଅବସ୍ଥାରେ ଯିଏ ନିଜ ଲୋକଙ୍କ ଠାରୁ ସେବା, ଯତ୍ନ ପାଉଛନ୍ତି  ନିଶ୍ଚିତ  ଭାଗ୍ୟବାନ । ଯିଏ ସେବା କରୁଛନ୍ତି ସେମାନେ ବି କେତେ ଭାଗ୍ୟବାନ । କିନ୍ତୁ ଏ ମୂଲ୍ୟବାନ କଥାକୁ ଅନେକ ବୁଝି ପାରନ୍ତି ନାହିଁ।

ପଚାରିଲି ମାଉସୀ ଘରେ ଠିକ୍ ରେ ପହଞ୍ଚିବ ତ ! ମନ ଭାରି ବ୍ୟସ୍ତ ଲାଗୁଥାଏ । ଏତେ ଭିଡ ଭିତରେ ଏ ବୁଢୀ ଲୋକ ଯିବେ କେମିତି ! ମୋ ମନ କଥା ଯେମିତି ଅଟୋ ଡ୍ରାଇଭର ବୁଝିଗଲା ପରି କହିଲେ, ମ୍ୟାଡାମ୍ "ବ୍ୟସ୍ତ  ହୁଅନ୍ତୁ ନାହିଁ, ମୋ ଘର ବି ଏ ମାଉସୀ ଘର ପାଖାପାଖି"। ତାଙ୍କ ଘରେ ଛାଡିଦେବି । ଭାବିଲି ଏ ସ୍ୱାର୍ଥ ପର ଦୁନିଆରେ ନିଜ ଲୋକ ଯେଉଁଠି ମୁହଁ ମୋଡୁଛନ୍ତି, ଏ ନିଶ୍ଚୟ ଜଣେ ହୃଦୟବାନ ମଣିଷ । ଏ ଦୁନିଆରେ ଭଲ ମଣିଷ  ଅଛନ୍ତି ବୋଲି ତ  ଦୁନିଆ ଚାଲିଛି।

ଅଟୋ ଡ୍ରାଇଭର ଙ୍କୁ ଆନ୍ତରିକ  କୃତଜ୍ଞତା ଜଣାଇ  ମାଉସୀଙ୍କୁ ଭଲରେ ପହଞ୍ଚାଇ ଦେବ କହିଲି । ଆଗକୁ

ଆଉ ଏକୁଟିଆ ନ ଆସି ଘରେ ରହିବ, କେତେବେଳେ କେଉଁ କଥା ବୁଢୀ ମାଉସୀ ଙ୍କୁ ମଧ ବୁଝାଇଲି । ମୋ ମୁହଁରୁ ମାଉସୀ ଡାକ ଶୁଣି ସେ ଖୁସି ହେଇଗଲେ । ଦୁଃଖରେ ଥିଲାବେଳେ କାହାର କାଣିଚାଏ ଆଦର, ଭଲପାଇବା ଅମୂଲ୍ୟ ରତ୍ନ ସଦୃଶ ମନେ ହୋଇଥାଏ । ଖୁସିରେ ଗଦଗଦ୍ ହେଇ ମୋତେ କେତେ ଆଶୀର୍ବାଦ ଓ ଶୁଭକାମନା କଲେ। ଭଲରେ ଥାଆ ମାଆ, ଅହ୍ୟ ସୁଲକ୍ଷଣୀ ହେଇଥାଆ। ଏହା ଭିତରେ ମୋ' ଷ୍ଟପେଜ ଆସିଗଲା।

ଅଟୋ ଡ୍ରାଇଭର ଙ୍କୁ ଭଡାଟଙ୍କା ବଢାଇଦେଇ ଘର ମୁହାଁ ହେଲି । ଚାଲିଚାଲି ଆସିବା ବାଟରେ ସେ ବୃଦ୍ଧା ମାଉସୀଙ୍କ 'ଅହ୍ୟ ସୁଲକ୍ଷଣୀ ହେଇଥାଆ' ଏଇ ଅମୃତ ବୋଳା କଥା ପଦକ ମନରେ ଗୁଞ୍ଜରି ଉଠୁଥାଏ । ମନେ ମନେ ଠାକୁରଙ୍କୁ ଡାକୁଥାଏ ହେ ପ୍ରଭୁ ! ସମସ୍ତଙ୍କୁ ଭଲରେ ରଖନ୍ତୁ । ଦୁଃଖ ଆସିଲେ ସହିବାର ଶକ୍ତି ଦିଅନ୍ତୁ। ବଞ୍ଚିବାର ବାଟ ଦେଖାନ୍ତୁ ।

ଷ୍ଟାର୍ ସିଟି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଫୋନ୍ ନଂ – ୮୮୯୫୫୪୭୭୬

■■■


**ଚନ୍ଦ୍ରଶେଖରପୁର୍ ସାହିତ୍ୟ ସଂସଦର୍**
**ସାହିତ୍ୟ, ସାହିତ୍ୟିକ ଏବଂ ସାହିତ୍ୟ ସଂଗଠନ ବିଷୟରେ**
**ନବୀନ ପ୍ରବୀଣ ସାହିତ୍ୟ ସ୍ରଷ୍ଟାଙ୍କୁ ନେଇ YOUTUBE ମାଧ୍ୟମରେ**
**ଏକ ସାକ୍ଷାତକାର୍ କାର୍ଯ୍ୟକ୍ରମ**

ଆଲାପ
ସାହିତ୍ୟ, ସାହିତ୍ୟିକ ଓ ସାହିତ୍ୟ ସଂଗଠନ

https://www.youtube.com/channel/UCP8TIAy8I8b-SBPaJWnCLKg

# ସାଧୁ ସାବଧାନ

**ଅଧ୍ୟାପକ ଅଜୟ ପଟ୍ଟନାୟକ**





ସେଦିନ ମଧ୍ୟାହ୍ନରେ ଜୟଦେବ ଭବନ ପାଖ ବରଗଛ ତଳେ ଥିବା ଓମ୍‌ଫେଡ ଷ୍ଟଲକୁ ଯାଇଥାଏ ଚା ପିଇବା ପାଇଁ, ବହୁତ ଭିଡ ଥିଲା । ଦୋକାନୀର ଦୃଷ୍ଟି ଆକର୍ଷଣ କରି ବିନା ଚିନି ଚା ଓ ଗୋଟେ ନର୍ମାଲ୍ ପାଣି ବୋତଲ ପାଇଁ କହିଲି । ଏହି ସମୟରେ ଜଣେ ମଧ୍ୟମ ବୟସ୍କ ଧୋତି ପଞ୍ଜାବୀ ପିନ୍ଧା ବ୍ୟକ୍ତି କାରରୁ ଓହ୍ଲାଇଲେ କିଛି ଲୋକଙ୍କ ସହ । ଦୋକାନୀକୁ  ଚା ଓ ଥଣ୍ଡା ପାଣି ବୋତଲ ପାଇଁ କହିଲେ । ମୁଁ ପାଣି ପିଇ ଚା ଗ୍ଲାସ ଧରି ଟିକେ ଗହଳି ଆଡେଇ ଦୁରରେ ଠିଆହୋଇ ଚା ପିଉଥାଏ, ସେ ଭଦ୍ରଲୋକ ମୋ ପାଖକୁ ଆସି କହିଲେ, ହ୍ୟାଲୋ, ଭଲଅଛନ୍ତି ? ମୁଁ ମୁହଁରେ ହସ ଟାଣି ମୁଣ୍ଡ ହଲାଇଲି, ପଚାରିଲେ କେଉଁଠି ରୁହନ୍ତି  ? ମୁଁ କହିଲି ଜୟଦେବ ବିହାରରେ ।ସେ କହିଲେ ଜୟଦେବ ବିହାରରେ ତ ମୋ ଘର, ମୁଁ ସେଠି ଆପଣଙ୍କୁ ବହୁତ ଥର ଦେଖିଛି । ଆପଣ କେମିତି ମୋତେ ଜାଣି ପାରିଲେନି, ଆମ ଏରିଆରେ ରହି, ମୁଁ ହେଉଛି, ଭଂଞ୍ଜ ଦେଓ  ।

କଥାପ୍ରସଙ୍ଗରେ ମୋର ଫୋନ ନମ୍ବର, ଭଡା ରହୁଥିବା ଘରର ନମ୍ବର ବୁଝି ଟିପି ରଖିଲେ । ତା ପରେ ବଡ ପାଟିରେ ପଚାରିଲେ, ଆରେ ଚୁଇଁ, ବାବୁଙ୍କ ଖର୍ଚ୍ଚମିଶି ଆମର କେତେ ହେଲା  ? ସେ ପକେଟ୍ ରେ ହାତ ପୁରାଇବା ଉଦ ୟମ କରିବା ପୂର୍ବରୁ, ସାଙ୍ଗରେ ଆସିଥିବା ଜଣେ କେହି ଦୋକାନୀକୁ ଆବଶ୍ୟକ ପଇସା ଦେଇ ସାରିଥିଲେ ।ସେ ଘଂଟା ଅ ।ଡେ ଚାହିଁ, ବ୍ୟସ୍ତ ଭଳି ଦେଖାଇ ବାହାରିଲେ କାର ଆଡକୁ ଓ କହିଲେ ୱାର୍କସ୍ ମିନିଷ୍ଟର ଙ୍କ ସହ ଆପଏଂଟମେଂଟ ଅଛି । ଆପଣତ ଆମ ଏରିଆରେ ରହିଲେଣି ଯାହା କାମ ପଡିବ ମୋତେ କହିବେ । ପୁଲିସ୍- ଗୁଣ୍ଡା, ମନ୍ତ୍ରୀ – ଅମଲା, ଓକିଲ କୋର୍ଟ ଯାହା ଆବଶ୍ୟକ ପଡିବ କହିବେ । ଆପଣ ତ ଆମ ନିଜ ଲୋକ, ସବୁ ସୁବିଧା କରିଦେବି । କିନ୍ତୁ ଦୁଃଖ ଲାଗିଲା ଆପଣ ମୋତେ ଚିହ୍ନିପାରିଲେନି । ଟିକେ ଅପ୍ରସ୍ତୁତହୋଇ କହିଲି ନା, ମୁଁ ଆପଣଙ୍କୁ ଦେଖିଥିବି ନିଶ୍ଚୟ କିନ୍ତୁ ନିରୀକ୍ଷଣ କରିନି । ସେ କହିଲେ ମାନେ ? ମୁଁ କହିଲି ସବୁ ଦୃଶ୍ୟ ମାନଙ୍କୁ ଦେଖିଲେ, ମନର ଶାନ୍ତି ନଷ୍ଟ ହୁଏ, ଯେପରିକି ସବୁ ଶୁଣି ଥିବା କଥା, ଶୁଣିବାକୁ ପ୍ରକାଶ କଲେ ଦୁଃଖ ମିଳେ ଓ  ସବୁ ଭାବନାକୁ ପ୍ରକାଶକଲେ ସମ୍ପର୍କ ନଷ୍ଟ ହୁଏ । ତା ଛଡା ଆମେ ଅଧ୍ୟାପକ ମାନଙ୍କୁ କଲେଜରେ ନାମ ଲେଖାଇ ପଢିବାକୁ ଆସୁଥିବା ପିଲାଙ୍କ ବାପ, ମା ମାନେ ପାଦରେ ମୁଣ୍ଡିଆ ମରାଇ, ତାକୁ ଟିକେ ଦେଖି -ବାକୁ କହିଥାନ୍ତି । କିନ୍ତୁ ହଜାର ହଜାର ପିଲାମାନଙ୍କୁ ଆମେ ଦେଖିଥାଉ, ମାତ୍ର ଦୃଷ୍ଟି ଦେବା ଅସମ୍ଭବ । କିଛି ବାଲୁଙ୍ଗା ଓ ଅତି ଭଲପିଲାଙ୍କୁ ଛାଡି ଅନ୍ୟ ମାନଙ୍କୁ ଦୃଷ୍ଟି ଦେବା ଅସମ୍ଭବ । ତେବେ ଅଧକ୍ଷଭାବେ ମୁଁ ଟିକେ ପିଲା ମାନଙ୍କୁ ନିରୀକ୍ଷଣ କରିଥାଏ, ଯଥା କିଏ ଝିଅମାନଙ୍କ କମନ୍ ରୁମ୍  ବାରଣ୍ଡାରେ ଟହଲ ମାରୁଛି, କିଏ ମୋବାଇଲ୍ ରେ କଥା ହେଉଛି, କିଏ ସାଇକେଲ୍ ଷ୍ଟାଣ୍ଡରେ ଠିଆ ହୋଇ ଝିଅଙ୍କ ସହ ଗପୁଛି । କଲେଜର ପରୀକ୍ଷା ବେଳେ ପିଲାମାନଙ୍କୁ ଆମେ ବିଶେଷ ଭାବରେ ନିରୀକ୍ଷଣ କରିଥାଉ । ତେଣୁ ମୁଁ ଆପଣଙ୍କୁ ଦେଖିଛି କିନ୍ତୁ ନିରୀକ୍ଷଣ କରିନି । ସେ କହିଲେ ହଉ ଏଣିକି ଆପଣ ମତେ ନିରୀକ୍ଷଣ କରନ୍ତୁ, ମୁଁ କିନ୍ତୁ ଆପଣଙ୍କୁ ଠିକ୍ ଦେଖି ଚିହ୍ନି ନେଇଛି  ।

କିଛିଦିନ ପରେ ଅପରାହ୍ନରେ ଗୋଟେ କାର ମୋ ବସା ଘର ଆଗରେ ରହିଲା, ନିରୀକ୍ଷଣ କଲି ଭଞ୍ଜଦେଓ ବାବୁ ଗାଡିରୁ ଓହ୍ଲାଇ, ଗାଡିଚଳାଉଥିବା ଜଣେ ତରୁଣୀଙ୍କୁ କହୁଥାନ୍ତି, ଏହି ଛାଇରେ ଗାଡି ବୁଲାଇ ରଖ, ମୁଁ ଆମର ଜଣେ ଘନିଷ୍ଠ ବନ୍ଧୁଙ୍କୁ ଦେଖା କରି ଆସେ । ଝିଅଟିର ଅତି ସଂକ୍ଷିପ୍ତ ପୋଷାକ ପରିପାଟିରୁ ବୁଝିପାଇଲି । ଏ ନିଶ୍ଚୟ ତାଙ୍କ ଝିଅ ନୁହେଁ। ଭଞ୍ଜଦେଓ ବାବୁ ବୈଠକ ଘରେ ବସି ଗପି ଚାଲିଲେ ରାଜନୀତିରୁ ଅର୍ଥନୀତି, ବୈଦେଶିକ ନୀତିରୁ ମହାକାଶ ଗବେଷଣା । ଶ୍ରୀମତୀ ଚା ଆଣିବା ଦେଖି କହିଲି, ସେ ଝିଅଟିକୁ କାହିଁ ଖରାରେ ସିଝାଉଛନ୍ତି, ଭିତରକୁ ଡାକନ୍ତୁ । ଝିଅ ଆସିଲା, ତା ମୋବାଇଲ୍‌କୁ ଫୁରସତ୍ ନଥାଏ । ଚା ପିଇ ଏକ୍ସକ୍ୟୁଜ ମି, କହି ମୋବାଇଲ ରେ କଥା ହେଉ ହେଉ ଗାଡିକୁ ଗଲା । ଭଞ୍ଜ ଦେଓ ବାବୁ, ସୋଫାରେ ମୋ ପାଖକୁ ଲାଗିଆସି କହିଲେ ଆଜ୍ଞା ଭଲ ଝିଅଟିଏ ବିଜିନେସ୍ କରୁଛି । କମ୍ପ୍ୟୁଟରରେ ତ ଓସ୍ତାଦ୍ । କଟକରେ ତାର ହେଡ୍ ଅଫିସ୍,ଭୁବନେଶ୍ୱରରେ ଗୋଟେ ବ୍ରାଂଚ ଖୋଲିବାକୁ ମୋ ପଛରେ ପଡିଛି । ଗୋଟେ ଦିଟା ଘର ମନକୁ ଯାଇଛି କିନ୍ତୁ ଆଜ୍ଞା ବହୁତ କହୁଛନ୍ତି । ଆପଣତ ନିଜେ ଭଡାରେ ଅଛନ୍ତି । ଭୋଗୁ ଥିବେ ମାଲିକ ମାନଙ୍କ ପାଦୁର୍ଭାବ । ଚନ୍ଦ୍ରଶେଖରପୁରରେ ଗୋଟିଏ ଘର ଆପାତତଃ ଠିକ୍ କରିଛି ଆଜି ଆଡ୍‌ଭାନସ୍ କରିବାକୁ ହେବ । ମୋ ପାଖରେ ୫୦ ହଜାର ଅଛି ଆଉ ୨୦ ହଜାର ଦରକାର । ମୁଁ ଆପଣଙ୍କୁ ପହିଲା ବେଳକୁ ଦେଇଦେବି । ଗୋଟେ ଚେକ୍ ଦସ୍ତଖତ କରି ଦେଉଛି, କହି ବ୍ୟାଗ୍ ଖୋଲିବାକୁ ଚେଷ୍ଟା କଲେ । ଅପ୍ରସ୍ତୁତ ହେଲି, ଦ୍ୱିଧାରେ ବିଭିନ୍ନ ଖର୍ଚ୍ଚର ଆଳ, ତଥା ପେନସନ ମିଳିନଥିବା କହି ଘର ଭିତରକୁ ଯାଇ ୧୦ହଜାର ଟଙ୍କା ତାଙ୍କୁ ଦେଲି । ସେ କହିଲେ, ଠିକ୍ ଅଛି ଚଳାଇଦେବି । ମୁଁ ବ୍ୟବସ୍ଥା କରି ଆପଣଙ୍କୁ ଶିଘ୍ର ଟଙ୍କା ଫେରାଇଦେବି । ଆଜ୍ଞା, ସମାଜ ସେବା ଆମର ଉଦ୍ଦେଶ୍ୟ, ଭଲ ମନ୍ଦରେ ଲୋକଙ୍କୁ ସାହାଯ୍ୟକଲେ ଈଶ୍ୱର ଖୁସି ହେବେ । ମାନବ ସେବା ହେଉଛି ମାଧବ ସେବା । ସେହି ହିଁ ମୋର ବ୍ରତ । ଗେଟ୍ ବାହାରକୁ ତାଙ୍କୁ ଛାଡିବାକୁ ଆସିଲି । ଝିଅଟି ପାଦ ଛୁଇଁ ପ୍ରଣାମ କଲା, ଭଞ୍ଜଦେଓ ବାବୁ ତାଙ୍କ ମୋଟା ଛାତିରେ ମୋତେ ଯବରଦସ୍ତ ଚାପି ଦେଲେ, ହାତ ହଲାଇ ଚାଲିଗଲେ ପ୍ରୌଢ ଓ ଯୁବତୀ ଦ୍ୱୟ ।

ଏହା ଭିତରେ ଅନେକ ବର୍ଷ ବିତିଗଲାଣି, ଭଞ୍ଜବାବୁ ଓ ସେ ଯୁବତୀଙ୍କୁ ଆଉ ମୁଁ ନରୀକ୍ଷଣ କରିବାକୁ ପାଉନାହିଁ । ଏ ଏରିଆରେ । ଆଉ ୧୦ହଜାର ଟଙ୍କା କଥା ଭାବୁଛି ଗତ ଜନ୍ମରେ ବୋଧେ ତାଙ୍କର ଋଣୀ ଥିଲି । ଈଶ୍ୱର ଋଣ ମୁକ୍ତ କଲେ । ପ୍ରଭୂ ସମସ୍ତଙ୍କର ମଙ୍ଗଳ କରନ୍ତୁ ।

■■■

ନୈମିଷାରଣ୍ୟ, ଜି.ଏ. ୧୧୬. ନିଳାଦ୍ରୀବିହାର
ମୋ- ୯୪୩୭୧୨୮୧୭୯



# ନୈତିକତା

**ଗୀତାଞ୍ଜଳି ସ୍ୱାଇଁ**



ବିଗତ ଦିନ ଗୁଡିକର ତର୍ଜମା ଗୋଟିଏ ଖାତାରେ ଲେଖାହୁଏ ଓ ପ୍ରତି ଶନିବାର ଦିନ ତାହା ବୈଠକରେ ପଢ଼ା ହେବାର ପରମ୍ପରା  କୋଉକାଳରୁ ରହିଆସିଛି । ହୁଏ ତ ବିଦ୍ୟାଳୟ ର ଆରମ୍ଭ ଦିନରୁ । ସେତେବେଳେ ତ  ରାଉତ ବାବୁ ବିଦ୍ୟାଳୟଟିକୁ ନୂଆ କରି ଆରମ୍ଭ କରିବାର ପରିକଳ୍ପନା ନେଇଥିଲେ କେତେଜଣ ଶିକ୍ଷିତା ଯୁବତୀ ଓ ପାଠ ପଢୁଆ ପୁଅଙ୍କୁ ନେଇ ଗୁରୁଜୀ ଗୁରୁମା ରୂପରେ ପାଠ ପଢାଇବା ପାଇଁ । ସେହି ଛୋଟ ଚାରାଟି ଏବେ ଦ୍ରୁମରେ ପରିଣତ ହୋଇ ସାରିଲାଣି । ସେଇ ଆରମ୍ଭ କାଳରୁ ସୁମତିକୁ ସେବିକା ରୂପରେ ଦେଖି ଆସିଛନ୍ତି ଯଦି ଓ ଅନ୍ୟ ଦୁଇ ଜଣ ସହକର୍ମୀ ଅଛନ୍ତି । ଗଣବେଶ ପିନ୍ଧୁଥିଲେ ମଧ୍ୟ ସଫାସୁତୁରା ହୋଇ ପ୍ରତିଦିନ ମଣ୍ଡ ଇସ୍ତ୍ରୀ ନ ହୋଇ ଶାଢୀ ପିନ୍ଧିବା କେହି କେବେ ଦେଖି ନ ଥିବେ । ବିଳମ୍ବରେ ବିଦ୍ୟାଳୟରେ ଉପସ୍ଥିତ ହେବା  କେବେ ଉଚିତ ମନେ କରେନି । ଦିନଚର୍ଯ୍ୟା ରେ ନିଜର କାର୍ଯ୍ୟ ସରିବା ପରେ ଗୋଟିଏ ପଞ୍ଜିକାରେ ଲେଖି ଦେଉଥିଲା ସେ । ଭ୍ୟାନିଟିଟିଏ କାନ୍ଧରେ ଝୁଲାଇ ଆସେ । ଭାରି ପରିଷ୍କାର। ଚକ୍ ଡଷ୍ଟର ସବୁ କ୍ଲାସ୍ ରେ ରଖି କଳାପଟା ସଫା କରିଦିଏ । ରେଜିଷ୍ଟରରେ କଭର୍ ପକାଇବା ତାର ଯେମିତି ଗୁରୁ ଦାୟିତ୍ୱ । ପିଲାମାନଙ୍କର ଭଲମନ୍ଦ ବୁଝିବାରେ ଏତେ ମାହିର ଯେ ପିଲାଙ୍କର କ'ଣ ଟିକେ ଅସୁବିଧା ହେଲେ ମାଉସୀ ପାଖକୁ ଦୌଡି ଯାନ୍ତି । ବାହାରେ ପଡିଥିବା ଚୌକି ଠାରୁ ଆରମ୍ଭ କରି ଶ୍ରେଣୀ କକ୍ଷ ଓ ବାରଣ୍ଡା ପର୍ଯ୍ୟନ୍ତ ସବୁ ଜିନିଷ, ଟିକେ ଅପରିଷ୍କାର ହେଲେ ତା' ଦେହରେ ଯାଏ ନାହିଁ । ବିଦ୍ୟାଳୟକୁ ଏକ ପ୍ରକାର ଦ୍ୱିତୀୟ ଘର ମଣିଥିଲା ସେ । କିନ୍ତୁ ପ୍ରଧାନ ଗୁରୁମାଙ୍କର  ସର୍ବଦା ତୀକ୍ଷ୍ଣ ନଜର ଥିଲା ସୁମତୀ ଉପରେ । ଅନେକ ସମୟରେ କୁହନ୍ତି,ଯଦି ସୁମତିର ଗଣବେଶ ନଥାନ୍ତା ତେବେ ସିଏ ଗୁରୁମା ଙ୍କ ଠାରୁ କିଛି କମ୍ ଦେଖାଯାଆନ୍ତା ନାହିଁ  ।

ଅଧିକାଂଶ  ସମୟରେ ସେ ତାର ବାହାର ଆସନରେ ଉପବେଶନ କରିଥିବା ସମୟରେ ତାଙ୍କ ନଜରକୁ ଆସେ ଓ ଭାବନ୍ତି ସେ ବିଦ୍ୟାଳୟ କାମରେ ଧ୍ୟାନ ନ ରଖି କେବଳ ତା'ର ବେଶ ପୋଷାକରେ ଧ୍ୟାନ ରଖୁଛି।

ଏକଦା ବଡ ଗୁରୁମା ଙ୍କ ସୂଚନା ଅନୁସାରେ ଶନିବାର ଦିନ ପ୍ରତି ଥର ପରି ନିଜ ନିଜର କରିଥିବା କାର୍ଯ୍ୟର ବିବରଣୀର ଆଲୋଚନା ହେବ । ସମୟ ଉପନୀତ ହୁଅନ୍ତେ ବୈଠକ ଚାଲିଲା । ସମସ୍ତେ ନିଜ ନିଜର କରିଥିବା କାର୍ଯ୍ୟର ବିବରଣୀ ପଠନ କଲେ । ସୁମତୀ ମଧ୍ୟ ପଠନ କଲା । ବଡ ଗୁରୁମା ସବୁ ଶୁଣିଲେ, କିନ୍ତୁ ସୁମତିକୁ କିଛି କହି ପାରିଲେ ନାହିଁ । ବୈଠକ ଶେଷ ହେବା ପରେ ସମସ୍ତେ ନିଜ ନିଜ ଘରକୁ ପ୍ରସ୍ଥାନ କଲେ । ଏହାର ଅବ୍ୟବହିତ ପୂର୍ବରୁ ସୁମତିର ଅନୁପସ୍ଥିତିରେ ବଡ ଗୁରୁମା କିଛି ପିଲାଦିନ କାହାଣୀ ବଖାଣୀ ବସିଲେ । ସୁମତି ଓ ସେ ଦୁହେଁ ଗୋଟିଏ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ । ସୁମତି ର ବଳିଷ୍ଠ ଚେହେରା, ସୁନ୍ଦର ସ୍ୱାସ୍ଥ୍ୟ । ତେଣୁ ସେ NCC ର ଲିଡର ହୋଇଥିଲା । ବଡ ଗୁରୁମା ତାର ତଳ ଶ୍ରେଣୀ ରେ ଅଧ୍ୟୟନ କରୁଥିଲେ  ଏବଂ ଉଚ୍ଚତାରେ ଟିକେ କମ୍ ଥିଲେ । ଛାତ୍ରୀ ବେଳର କଥା । ଦିନେ NCC କ୍ଲାସ୍ ଚାଲିଥାଏ।  ବଡ ଗୁରୁମା ବିଳମ୍ବରେ ଆସିବାରୁ  ସୁମତି ଯେହେତୁ ଲିଡର ଥିଲା ହାତ ଓ ଆଙ୍ଗୁଳି ନିର୍ଦ୍ଦେଶରେ ଏପରି ସଙ୍କେତ ଦେଲା ଯେ, ସେଦିନ ସେ ଦଣ୍ଡିତ ହେଲେ । ସେହି ଦିନ ଠାରୁ ବିଦ୍ୟାଳୟ ରୁ ପାସ୍ କରି ଯିବା ପର୍ଯ୍ୟନ୍ତ ସବୁଥିରେ ସେ ସଠିକ ସମୟ ଅବଲମ୍ବନ କରନ୍ତି ।  ଆଉ ସୁମତି ଗରିବ ଘର ର ପିଲା ହୋଇଥିବାରୁ ଅଧିକ ବିଦ୍ୟାଧ୍ୟୟନ କରିବାରୁ ବଞ୍ଚିତ ହୋଇଥିଲା ।

■■■

କାନନ ବିହାର, ଫେଜ୍-୨
ପଟିଆ, ଭୁବନେଶ୍ୱର -୨୪

# ଗଞ୍ଜା ରଜା

ମନୋଜ କୁମାର ମହାପାତ୍ର



କିରିବୁରୁ ବେସକେମ୍ପ ପାଖ ଦେଇ ବୋହି ଯାଉଥିବା କାରୋ ନଦୀ କୂଳରେ ହରମଠ ଗାଁରେ ରଇବାରିର ଜନ୍ମ । ଏଇନେ ତାର ବୟସ ଷାଠିଏ ପାର ହେଲେଣି । ଗାଁ ପାଖ ମାଇନ୍ସରେ ତାର ବାପ ପ୍ରଥମେ ଶ୍ରମିକଟିଏ ହେଇ କାମ କରୁଥିଲା, ତାପରେ ସ୍ୱାମୀ ଓ ଶେଷରେ ଦୁଇ ପୁଅ କାମ କରୁଥିବାବେଳେ ବ୍ଲାଷ୍ଟିଙ୍ଗ ଦୁର୍ଘଟଣାରେ ପ୍ରାଣ ହରାଇଲେ । କାରୋ ଛାତିରେ ଷାଠିଏ ବର୍ଷ ହେଲା କେତେ ପାଣି ବହି ଗଲାଣି, ରଇବାରିର ବାପ, ସ୍ୱାମୀ, ପୁଅମାନେ ମଧ୍ୟ ମାଟିରେ ହଜିଗଲେଣି । ସେ ଏବେ ଏକୁଟିଆ ରହୁଛି ପୈତୃକ ଖପର-ଛିଆ ଘରେ । ଯେହେତୁ ତା' ବାପା ଥିଲା କୋହ୍ଲ ଜନଜାତିର ମୁଖିଆ, ବାପା ଅନ୍ତେ ପୈତୃକ ଉତ୍ତରାଧିକାରୀ ସୂତ୍ରରେ ଲୋକେ ତାକୁ ରାଣୀ ବୋଲି ଡାକନ୍ତି ।

ରଇବାରିର ନାଲି ଗଞ୍ଜା ଏଇନେ ଅତି ଆପଣାର, କହିବାକୁ ଗଲେ ତାର ଏକୁଟିଆପଣର ସାଥୀ । ଗଞ୍ଜାଟି ମୁଣ୍ଡରେ ନାଲି ମୁକୁଟ ଦେଖାଯାଏ ପଚପଚକିଆ ସିନ୍ଥେଟିକ ଦୁଇ ପେଣ୍ଠା ନାଲି ଫୁଲ ଭଳି । ତାର ହଳଦିଆ ଲମ୍ବା ଅଣ୍ଟ ଉପରେ ନୀଳ ରଙ୍ଗିଆ ଆଖି ଦୁଇଟିର ଡୋଳା ସଦା ଘୂର୍ଣ୍ଣୟମାନ ଶିକାର ଅନ୍ୱେଷଣରେ । ଆଉ ତାର ପାଦରୁ ଜଙ୍ଘ ପର୍ଯ୍ୟନ୍ତ ଲୋମଶୂନ୍ୟ ପାଉଁଶିଆ ଦୁଇଟି ଗୋଡ଼  ଦେଖାଯାଏ, ରାଜା ପିନ୍ଧିଥିବା ଫୁଲପ୍ୟାଣ୍ଟକୁ ଜଙ୍ଘ ପର୍ଯ୍ୟନ୍ତ ଟେକି ଦେଲା ଭଳି । ପାଦର ବିସ୍ତାରିତ ନଖ ରାଜାଙ୍କର ବଂକିମ ଜୋତାର ଆଗ୍ରଭାଗ ଭଳି । ନାଲି ରଙ୍ଗର ପରଗୁଡାକରେ ମିଶିଥାଏ କାଁ ଭାଁ କଳା ରଙ୍ଗର ପର । ତାର ଢଳି ଢଳି ଚାଲି ବାସ୍ତବରେ ରାଜକୀୟ ଓ ସମ୍ଭ୍ରାନ୍ତ । ବେଳେବେଳେ ତାର ଡେଣା ମେଲେଇ ଖଣ୍ଡି ଉଡ଼ା ରାଜାଙ୍କର ଉଡ଼ନ୍ତା ବିମାନ  ଭଳି ଲାଗେ । ରାତି ନ ପାହାନ୍ତୁ ତାର କକ...କକ...କ... କୋ ରାବ ଗାଁ ଲୋକଙ୍କର ଆଖିରୁ ନିଦ ହଜାଇଦିଏ । ସତରେ ସେ ରଜା । କାହା ପାଇଁ ରଜା ନ ହେଇପାରେ କିନ୍ତୁ ରଇବାରିର ସେ ରଜା । ତାକୁ ସେ ଗେହ୍ଲେଇ ଡାକେ ରଜା । ଏକମାତ୍ର ସାଙ୍ଗ ଓ ସମ୍ପତ୍ତି ଏ ବୁଢୀ ବୟସରେ ।

ଏକଦା ବର୍ଷେ ତଳେ କାରୋ ନଈରେ ସକାଳୁ ସକାଳୁ ଗାଧେଇଲାବେଳେ ଶୁଣିଲା ଗୋଟିଏ ଭୁଣ୍ଡା କଟାସ ମୁହଁରୁ ନିଃସୃତ କୁକୁଡ଼ାର ଆର୍ତନାଦ ଏବଂ ଶୁଣିବା ମାତ୍ରେ ସେ ପଥର ଢେଲାଟିଏ ଛାଟିଲା କଟାସକୁ ଲକ୍ଷ୍ୟ କରି। ମା' କୁକୁଡ଼ାକୁ ବଂଚେଇ ପାରିଲାନି ସିନା କିନ୍ତୁ ମା' ପଛେ ପଛେ ଦୌଡୁଥିବା ଚିଆଁଟାକୁ ଧରିପକାଇଥିଲା ସେଦିନ। ବାସ ସେହିଦିନରୁ ଚିଆଁଟା ବଢିଲା ରଇବାରିର ସ୍ନେହଭରା କୋଳରେ । ତାର ନାଁ ଦେଲା ରଜା । ଆଖି ଆଗରୁ ମୁହୂର୍ତ୍ତଟିଏ ବି ଟାକୁ ଅନ୍ତରାଳ କରେନି ।

ସତ କୁ ସତ ଗୋଟିଏ ବର୍ଷ ପରେ କୁକୁଟଙ୍କର ରଜା ଭଳି ସେ ଦେଖାଗଲା । ସେ ଏଇ ମାଟିର ଦେଶୀ ରଜା, ତାର ରାଜ୍ୟ ଥିଲା ବୁଢ଼ୀର ଅଗଣା । କକ...କକ...କକ...କୋ... କରି ଯେବେ ଅଗଣାରେ ରାବେ ସମସ୍ତ ରାଜ୍ୟ ପ୍ରତିଧ୍ୱନିତ ହୁଏ । ସେ କଣ ବ୍ରଏଲର କୁକୁଡା କି ତାରଘେରା ପିଞ୍ଜିରାରେ ରହି ଖାଦ୍ୟ ସାମଗ୍ରୀ କାହାର ହେବ । ସେ ତ ଦେଶୀ ବଣୁଆ ରାଜା । ଯୁଦ୍ଧଖୋର ବି । କିନ୍ତୁ ବୁଢୀ ତାକୁ କୁଆଡେ ଛାଡେନି ଲଢେଇ କରିବାକୁ ।

କାରୋ ନଦୀ କୂଳରେ ଥିବା ଚର୍ଚ୍ଚକୁ ପ୍ରତିବର୍ଷ ଡ଼ିସେମ୍ବର ଚବିଶ ତାରିଖରେ ସେ ଯାଏ ଓ ରାତିରେ ଖ୍ରୀଷ୍ଟାଧର୍ମୀ ଭାଇ ଭଉଣୀଙ୍କ ସହିତ ମିଶି ପ୍ରାର୍ଥନା କରେ । ରାତି ଅଧରେ କେବେ କେବେ ଫେରେ, ନୋହିଲେ ଚର୍ଚ୍ଚ ବାରଣ୍ଡାରେ ଶୋଇ ପଡ଼ି ଘରକୁ ସକାଳୁ ଫେରେ । ଏଥର ତାର ଚିନ୍ତା କେମିତି ରଜାକୁ ଏକଲା ଛାଡି ଯିବ। ନଈ କୂଳରେ ତ କେତେଦିନ ହେଲା ହାଟ ବସିଛି । ଠାଏ ଠାଏ ଜୁଆ ଖେଳ ଓ କୁକୁଡ଼ା ଲଢେଇ ଚାଲିଲେଣି । ତାର ଅବର୍ତମାନରେ କେହି ଯଦି ରଜାକୁ ଚୋରି କରିନିଏ, ତେବେ କଥା ସରିଲା । ପିଣ୍ଡାରେ ଗୋଡ଼ ଲମ୍ବାଇ ଏମିତି ଦୁଶ୍ଚିନ୍ତାରେ ଆଉଟପାଉଟ ହେଉଥିବା ସମୟରେ ରାଜା ଦୌଡ଼ି ଆସି ତା କୋଳରେ ବସିପଡିଲା । ବୁଢୀ ତାର ଦୁଇକେନା ନାଲି ମୁକୁଟକୁ ଗେହ୍ଲରେ ଆଉଁସି ଦେବାରୁ ସେ ଢ଼ୋଲେଇଲା ।

ରଜାର ହୃଷ୍ଟପୃଷ୍ଟ ଡେଙ୍ଗା ଚେହେରା, ଥଲଥଲ ମାଂସପେଶୀ ଓ ନାଲି କଳା ମିଶା ଚିକଟିକ କରୁଥିବା ପୁଛ ଦ୍ୱାରା ଲୋକଙ୍କ ମନରେ ଆଦିମ ମାଂସାସୀ ପିପାସା ଜାଗିଉଠେ । ଲୋଭ ଆକାଶଛୁଆଁ ହୁଏ । ଜୁଆଡ଼ିମାନେ ଦିନ ଗଣନ୍ତି କେମିତି ରାଜାକୁ କଳେବଳେ ଅପହରଣ କରି କୁକୁଡ଼ା ଲଢେଇରେ ସାମିଲ କରିବେ । ଇୟା ଭିତରେ ଗଞ୍ଜାକୁ କେତେଜଣ ଚଢା ଦରରେ କିଣିବାକୁ ବୁଢୀ ପାଖରେ ଗୁହାରି କଲେଣି । କିନ୍ତୁ ବୁଢୀ ସେମାନଙ୍କୁ ଛାଞ୍ଚୁଣି ଉଞ୍ଚାଇଁ ତଡି ଦିଏ ଘର ଅଗଣାରୁ ।

ଠାଉରିଆ ଓ ଜୁଆଡିଆଙ୍କର ଗତିବିଧି କେତେଦିନ ହେଲା ସନ୍ଦେହପୂର୍ଣ୍ଣ ଦେଖି ରଇବାରି ମନେ ମନେ ନିଷ୍ପତି ନେଲା, ଡିସେମ୍ବର 24 ତାରିଖ ଦିନ ରଜାକୁ ଏକାକି ଛାଡି ଏଥର ବଡ଼ଦିନର ଅର୍ଦ୍ଧରାତ୍ରି ସମୂହ ପ୍ରାର୍ଥନାରେ ଯୋଗ ଦେବନି । ଏତକ ଚିନ୍ତି ରଜାକୁ ଖୁଣ୍ଟରେ ବାନ୍ଧି ସେ ଶୋଇବାକୁ ଗଲା ।

ରଇବାରିର ଦେହସୁଆ ହେଇଯାଇଛି ଯେ ପ୍ରତିଦିନ ସିନ୍ଦୁରା ଫାଟିବା ପୂର୍ବରୁ ରଜାର କକେ...କେ.... କୋ... ରାବ ଶୁଣି ନିଦରୁ ଉଠେ । ଦୈବାତ ଆଜି କିନ୍ତୁ ରାଜାର ରାବ ନ ଶୁଣିବାରୁ ନିଦ ଭାଙ୍ଗିବା ଡେରି ହେଇଗଲା । ସେ ଧଡ଼ପଡ଼ ଉଠି ଦେଖେ ତ ସୁନେଲି ଖରା ସାରା ଅଗଣାରେ ବିଛେଇ ଯାଇଛି ଓ ଯେଉଁ ଖୁଣ୍ଟିରେ ରଜାକୁ ରାତିରେ ପ୍ରତିଦିନ ବାନ୍ଧେ ସେଇ ଖୁଣ୍ଟି ନାହିଁ କି ରାଜା ନାହିଁ ।

ତାର ହଂସା ଉଡ଼ିଗଲା । କାନ୍ଥକୁ ଆଉଜି ଉପରକୁ ଆଁ କରି ବସିପଡ଼ିଲା । ନା କାନ୍ଦି ପାରୁଛି ନା ପାଟିରୁ କିଛି କଥା ବାହାରୁଛି । କିଛି ସମୟ ଅତିକ୍ରାନ୍ତେ ବାଡ଼ି ଖଣ୍ଡକୁ ହାତରେ ଧରି ଅଗଣା ବାହାରକୁ ଆସି ତାର ନିତିଦିନିଆ ଟି... ଟି... ଟି ଡାକ ଛାଡିଲା - ରାଜାରେ... ରାଜା । ମୋ ଧନ କେଉଁଠି ଅଛୁରେ । ଆ... ଆ... ଆ...ଟି ଟି ଟି । ତାର ସବୁତକ ଡାକ ପ୍ରତିଧ୍ୱନିତ ହେଇ ତାରି ପାଖକୁ କେବଳ ଫେରି ଆସୁଥିଲା । ଶେଷରେ ପାଗଳି ପରି ଗାଁଟା ଯାକ ବୁଲି ଟି... ଟି... ଟି... ଡାକିଲା ଓ ସଭିଙ୍କୁ ପଚାରିଲା ତାର ଖବର ବିଷୟରେ । ଶେଷରେ ନିରାଶ ହେଇ ଘରକୁ ଫେରିଲା ବୁଢ଼ୀ କିନ୍ତୁ ଭୋକ ଶୋଷ ଏକାବେଳକେ ପାସୋରିଗଲା । ବିଛଣାରେ ପଡ଼ି ଆଖିରୁ ଲୁହ ଝରାଇବା

ଛଡା ଆଉ ତା'ର ଚାରା ନ ଥିଲା ।

ଅନ୍ୟ ଘଟଣା କ୍ରମେ ନର୍ସଦା ଗାଁ ହାଟରେ କୁକୁଡ଼ା ଲଢେଇ ଏଥର ବିଗତ ଦିନର ସବୁ ରେକର୍ଡ ଭାଙ୍ଗିଛି ବୋଲି ଦେଖଣାହାରୀ, କିଏ ଛାତି ଫୁଲେଇ ବା ହାଣ୍ଡିଆ ଓ ଦେଶୀ ମଦ ନିଶାରେ କହୁଥାନ୍ତି । କନ୍ଧରାଣୀ ରଇବାରିର ପାଳିତ ଗଞ୍ଜା ରଜାର ଆକ୍ରଣାତ୍ମକ ଲଢେଇ କୌଶଳ ଥିଲା ଅତି ଚମତ୍କାର । ନିମିଷକ ଭିତରେ ପ୍ରତିପକ୍ଷ ଗଞ୍ଜାମାନଙ୍କୁ ରକ୍ତାକ୍ତ ଓ ଧରାଶାୟୀ କରିପାରୁଥିଲା । ତାର ଅଦ୍ଭୁତ ଡେଣା ବିସ୍ତାର ଓ ଲକ୍ଷ୍ୟଭେଦି ଝାମ୍ପ ଦେଖି ଦେଖଣାହାରୀଙ୍କର କରତାଳି ଉଛୁଳି ପଡୁଥିଲା । ସତରେ ଆଜି ଲଢେଇରେ ରାଜା ଗଞ୍ଜା ହିଁ ଅପ୍ରତିଦ୍ୱନ୍ଦୀ ହିରୋ । ଇତ୍ୟାବସରେ କୁକୁଡ଼ା ଲଢେଇ ଓ ଜୁଆ ଚାଲିଥିବାର ସମ୍ବାଦ ପହଞ୍ଚିବା ମାତ୍ରେ ପୋଲିସ ସେଠାରେ ହଠାତ ପହଞ୍ଚି ଜୁଆଡ଼ି ହାଁସଦା ଓ ସିଲାଇ ମୁର୍ମୁକୁ ଗିରଫ କରି ଜେଲ ପଠାଇଦେଲା ଓ ତିନୋଟି ଗଞ୍ଜାକୁ ଜବତ କରି ଥାନାକୁ ନେଇଆସିଲା । କୁକୁଡ଼ା ଲଢେଇର ଆନନ୍ଦ ଉଲ୍ଲାସ ଉପରେ ହିମପାତ ହେବାରୁ ଲୋକେ ସେଠାରୁ ଛତ୍ରଭଙ୍ଗ ଦେଲେ କିନ୍ତୁ ରାଜା ଗଞ୍ଜାର ରଣ କୌଶଳ ସମଗ୍ର ଇଲାକାର ଏକ ଚର୍ଚ୍ଚାର ବିଷୟ ସେତେବେଳକୁ ପାଲଟି ଯାଇଥିଲା ।

ଡିସେମ୍ବର ବଡ଼ ଦିନ ରାତି ଯେତେ ଘନେଇ ଆସୁଥିଲା ଚର୍ଚ୍ଚର ପ୍ରାର୍ଥନା ରଇବାରିର ବେଦନାଗ୍ରସ୍ତ ମନରେ ସେତେ ଜାଗି ଉଠୁଥିଲା । ସେ ଆଉ ନିଜକୁ ସମ୍ଭାଳି ପାରିଲାନି । ବାଡ଼ି ଠୁକ ଠୁକ କରି କିଟିମିଟି ଅନ୍ଧାରରେ ଚର୍ଚ୍ଚ ଆଡକୁ ଚାଲିଲା । ସେ ପ୍ରଭୁଙ୍କୁ ପ୍ରାର୍ଥନା କରିବ ତାର ରାଜାକୁ ନିରାପଦରେ ଫେରାଇ ଦେବାକୁ ।

ଚର୍ଚ୍ଚରେ ପହଁଚି ଦେଖେ ତ ପ୍ରାର୍ଥନା ଆରମ୍ଭ ହେଲେଣି । ସବା ପଛରେ ଠିଆ ହେଲା, ପ୍ରାର୍ଥନାର ଶବ୍ଦ ପାଟିରେ ପଶିଲାନି ଯେତେ ଚେଷ୍ଟା କଲେ ମଧ ଗାଇବାକୁ । ଯୋଡ ହସ୍ତରେ ହୋଲି କ୍ରସକୁ ଚାହିଁ କେବଳ କାନ୍ଦିଲା - ହେ ପ୍ରଭୁ ମୋ' ରାଜାକୁ ମୋତେ ନିରାପଦରେ ଫେରାଇ ଆଣ ।

ପ୍ରାର୍ଥନାର ସମାପ୍ତି ପରେ ସେ  ଦେଖିଲା ଯେ ରାତି ଅନେକ ହେଲାଣି । ଭାବିଲା, ସକାଳ ହେଲେ ଘରକୁ ଯିବ । ସେ ଚର୍ଚ୍ଚ ପିଣ୍ଡାର କାନ୍ଥକୁ ଆଉଜି ବସି ପଡିଲା । ଫାଦର ଦେଇଥିବା ମୋଟା କମ୍ବଳଟିଏ ଘୋଡ଼ି ହେଲା ଏବଂ ଚର୍ଚ୍ଚ ତରଫରୁ ପ୍ରଦତ୍ତ ପାକେଟରୁ ପୁରି ତରକାରୀ ଖାଇଲା । ପୁଷମାସ ଶୀତ ତାର ଜୀର୍ଣ୍ଣ ଦେହକୁ ପ୍ରବଳ ଭାବେ ଥରାଉ ଥାଏ । ଯୀଶୁଙ୍କ ଜନ୍ମ କାହାଣୀ ମନେ ମନେ ସ୍ମରଣ କରୁ କରୁ ସେ କେତେବେଳୁ ଶୋଇ ପଡିଛି ତାକୁ ଜଣା ନାହିଁ ।

ଭୋରୁ ନିଦ ଭାଙ୍ଗିଲା ବେଳକୁ  ଚର୍ଚ୍ଚ ପଡିଆରେ ଖରାଏ ଖରା । ପାହାନ୍ତିଆ ସ୍ୱପ୍ନଟା ତା ମନକୁ କେବଳ ଖୁବ ହାଲୁକା କରିଦେଇନି ବରଂ ଅମାପ ବିଶ୍ୱାସ ଭରିଦେଇଛି । ରାତିରେ ସ୍ୱପ୍ନରେ ସେ ଦେଖିଛି ଚର୍ଚ୍ଚ ଚୂଡ଼ଦେଶର ହୋଲିକ୍ରସ ପାଖରୁ ରଜା ଖଣ୍ଡି ଉଡ଼ା ଦେଇ ଫେରି ଆସିଛି ଘରକୁ । ରଇବାରି ଏମନ୍ତ ଦିବ୍ୟ ସ୍ୱପ୍ନରେ ଶିହରିତ ହେଇ ସଅଳ ପାଦରେ ଘରକୁ ବାହୁଡ଼ି ଆସିଲା କିନ୍ତୁ ହାୟ ରେ ବିଧାତା, ଦେଖିଲାନି ରାଜାକୁ ସେଠାରେ । ପୁଣି ଅବସାଦର  ଘୁର୍ଣ୍ଣିଜାଲରେ ପଡ଼ି ଭାବିଲା - ତେବେ ସ୍ୱପ୍ନ କଣ ମିଛ !!

ଇତ୍ୟବସରେ ଘର ଆଗ ରାସ୍ତାରେ ଯାଉଥିବା ଗାଁର ଦିଟା ଟୋକା ରଇବାରିକୁ ଦେଖି ଅଟକି ଗଲେ । ଆଲୋ ମାଉସୀ ! ତୁ ଜାଣିଛୁ ନା, ତୋ ରଜାକୁ ପୋଲିସ ବାନ୍ଧି ନେଇ ଥାନାରେ ରଖିଛି ।

ରଇବାରିର ଆଶା ସଂଚରିତ କଣ୍ଠରୁ ଝରି ପଡିଲା - କାହିଁକି ? ମୋ ରାଜା କି ଦୋଷ କଲାକି ?

ଗତକାଲି ରାତି ପାହାନ୍ତାରେ ନର୍ସଦା ଗାଁର ଜୁଆଡ଼ି ହାଁସଦା ଓ ସିଲାଇ ତୋ ଘରୁ ତାକୁ ଚୋରାଇ ନେଇ ହାଟରେ କୁକୁଡ଼ା ଲଢେଇରେ ଲଗାଇଥିଲେ । ପୋଲିସ ଜାଣିପାରି ଜୁଆଡ଼ି ହାଁସଦା ଆଉ ସିଲାଇକୁ ବାନ୍ଧି ଜେଲକୁ

ପଠାଇ ଦେଇଛି । ତିନୋଟି ଗଞ୍ଜାକୁ ଥାନାରେ ରଖିଛି । ତା' ଭିତରେ ତୋ ଗଞ୍ଜା ରଜା ଅଛି ।

ରଇବାରି ରାଗରେ ଜଳି ଉଠିଲା । ତମ ତମ ହେଇ ବାଡ଼ିଟିକୁ ହାତରେ ଧରି ଥାନା ଆଡକୁ ଚାଲିଲା। ସେ କୋହ୍ଲ ବଂଶର ଏକମାତ୍ର ଜୀବିତ ରାଣୀ । ଏ ସମଗ୍ର ଜଙ୍ଗଲ ତାର ରାଜ୍ୟ । ସେ ପୁଣି କାହାକୁ ଡରିବ !! ଥାନାବାବୁ କଣ ତା ଉପରେ ?

ଇଆଡ଼େ ସିପାଇ ଥାନାବାବୁଙ୍କୁ ଥାନା ଅଫିସରେ କହୁଥିଲା - ସାରେ, କୁକୁଡାଗୁଡ଼ାକ ଗୋଡ଼ରେ ଖୁର ବନ୍ଧା ହେଉଛି । ସେଥି ମଧ୍ୟରୁ ଦୁଇଟି ଗଞ୍ଜା ଲଢେଇ କରି ବେଶୀ ଖଣ୍ଡିଆ ଖାବରା ହେଇଛନ୍ତି । ଦୁଇଟି ବୋଧେ ମରିଯାଇପାରନ୍ତି । କଣ କହୁଥିଲି କି ସାରେ... ଆଜି ବଡଦିନ, ତରକାରୀ କରିଦେଲେ ଭଲହୁଅନ୍ତା ! କିନ୍ତୁ ଏଇ ଡେଙ୍ଗା ନାଲି ଗଞ୍ଜାକୁ ଆମେ ତନ୍ଦୁରି କରିବା । ଆପଣ ଆଦେଶ ଦେଲେ ଆଜି ଥାନା ପରିସରରେ ରାତି ଭୋଜିଟା ଟିକେ ଜମନ୍ତା ।

ଏମନ୍ତ ପରାମର୍ଶରେ ଥାନାବାବୁ ଉଲ୍ଲସିତ ହେଇ ଚାହିଁଲେ ପୃଥଳକାୟ ଆକର୍ଷଣୀୟ ନାଲି ଡେଙ୍ଗା ଗଞ୍ଜାକୁ। କହିଲେ - ଏଇଟା ମସ୍ତ ହେଇଛି । ତନ୍ଦୁରି ପାଇଁ ଫିଟ । ତୁମେ କହୁଛ ଯାକୁ ଆଜି ରାତିରେ କୃଶବିଦ୍ଧ କରିବା । ଏତିକି ମାତ୍ର ସେ କହିଛନ୍ତି କି ନାହିଁ ଥାନାର ବାହାର ପିଣ୍ଡାରୁ ଶୁଭିଲା କାହାର ବଡ଼ପାଟି କରି ଡାକିବାର ଶବ୍ଦ - ହଇଓ ଥାନାବାବୁ ମୋ ନାଲି ଗଞ୍ଜା ରଜାକୁ କାହିଁକି ବାନ୍ଧିକି ଥାନାରେ ପୁରାଇଛ ?

ଥାନାବାବୁ କିଛି ଜବାବ ଦେବା ପୂର୍ବରୁ ବୁଢ଼ୀର ସ୍ୱର ବାରିପାରି ରଜା ଗଞ୍ଜା ଡେଣା ଫଡ ଫଡ କରି କକ.... କକ... କୋ...ରାବି ଥାନା ଭିତରଟାକୁ ହୁଲୁସ୍ଥୁଲ କଲା । ବୁଢ଼ୀକୁ କିଏ ଆଉ ସମ୍ଭାଳେ । ଏକା ନିଶ୍ୱାସକେ ଭିତରକୁ ପଶି ଯାଇ ଦେଖେତ ରାଜା ବନ୍ଧା ହେଇଛି । ସେ ପାଖେଇ ଗଲାରୁ ରାଜା ତାର ଗୋଡ଼କୁ ଖୁମ୍ପିବାକୁ ଲାଗିଲା । ଆଖି ପିଛୁଳାକେ ବୁଢ଼ୀ ତାକୁ ବନ୍ଧନ ମୁକ୍ତ କରିବାରୁ ସେ ଡେଇଁ ପଡିଲା ତାର କୋଳକୁ । ଧୀରେ କିନା ଗୋଡ଼ରୁ ଖୋଲିଦେଲା ତୀକ୍ଷ୍ଣ ଖୁର ।

ରାଜାର ଖଣ୍ଡିଆ ଖାବରା ଗୋଡଦୁଇଟିରୁ ଶୁଖିଲା ରକ୍ତ ନିଜ କାନିରେ ପୋଛି ବାହୁନି ବାହୁନି କହିଲା - ହେ ପ୍ରଭୁ ! ସତରେ ତୁମେ ସମସ୍ତ ପ୍ରାଣୀର ତ୍ରାଣକର୍ତ୍ତା । ତୁମେ ଦୟାସାଗର ଓ କରୁଣାର ଅବତାର । ତୁମକୁ କିଏ ବା କୃଶବିଦ୍ଧ କରିପାରିବ ! ଏତକ କହି ରାଜାକୁ ନିଜ ଛାତିରେ ଜୋରରେ ଚାପି ଧରି ଲୁହଭରା ଆଖିରେ ଚାହିଁଲା ଥାନାବାବୁଙ୍କ ଆଡକୁ ।

ଥାନାବାବୁ ବୁଢ଼ୀର ଜୀବ ପ୍ରତି ପ୍ରେମ ଓ ପ୍ରଭୁ ଭକ୍ତି ଦେଖି ତାଙ୍କ ଆଖି ଛଳ ଛଳ ହେଇ ଉଠିଲା । ସେ ଏକ ଅବ୍ୟକ୍ତ ମୁକ୍ତିର ଲହରୀ ଅନୁଭବ କଲେ ନିଜ ଭିତରେ । ସତେକି ପ୍ରଭୁ ତାଙ୍କୁ ଏକ ସମ୍ଭାବ୍ୟ କୃଶବିଦ୍ଧ ଯନ୍ତ୍ରଣାରୁ ବଞ୍ଚାଇ ଦେଲେ !

ସେ ହଠାତ ସିପାହୀକୁ ଚାହିଁ କହିଲେ - ସେଇ ଦୁଇଟି ଗଞ୍ଜାକୁ ଯେଝା ମାଲିକ ପାଖରେ ଅବିଳମ୍ବେ ପହଞ୍ଚାଇ ଦିଅ ।

■■■

# ବନୀତା

**ପ୍ରଜ୍ଞା ମହାନ୍ତି**





ସାମାନ୍ୟ ଦୂରରେ ଥିବା ନିଅନ୍ ଖୁଣ୍ଟକୁ ଧରି ଘୂରିଘୂରି ବର୍ଷାରେ ଭିଜୁଥିଲା ସେ । ଆକାଶକୁ ଅନାଇ ଦେଉଥିଲା ଥରକୁ ଥର। ସତେ ଯେମିତି ମାପୁଥିଲା ବର୍ଷାର ଉଷ୍ମତା ଅଥବା ତା' ଗତିର ତୀବ୍ରତା । ରାତି ଗଭୀର ହେଉଥିଲା । ସେ ନିର୍ମୋହୀ, କିନ୍ତୁ ନିର୍ଭୟରେ ବର୍ଷା ଆଗରେ ନିଜକୁ ଉନ୍ମୁକ୍ତ କରି ଦେଇଥିଲା ! ଝରକା ଦେଇ ଦେଖୁଥିଲି ମୁଁ । ବିନ୍ଦୁବିନ୍ଦୁ ବର୍ଷାର ହିମ ଶୀତଳତା ରେ ଥରଥର ହୋଇ ଥରି ଉଠୁଥିଲା ତା' କ୍ଷୀଣ ତନୁବଲ୍ଲରୀ। ନିଅନ ଖୁଣ୍ଟଟିକୁ ଜାବୁଡିଧରି ଦୁଷ୍ଟ ବର୍ଷା ର ଦୁଷ୍ଟାମୀକୁ ଉପଭୋଗ କରି ସେ ଭିଜୁଥିଲା ନିର୍ଧୂମ । ଚପଳଛନ୍ଦରେ ବର୍ଷା କିରିକିରି ହସି ଯେମିତି କେବଳ ତା'ପାଇଁ ଶିରୀଶିରୀ ପବନରେ ମେଘମହ୍ଲାର ଗାଇ ନଚାଉଥିଲା ତାକୁ । ଏକ କମନୀୟ ମୁଦ୍ରା ରେ ତାଳୁରୁ ତଳିପା ଯାଏଁ ଦୋହଲି ସେ ଥିଲା ବର୍ଷାମନସ୍କ । କୁନିକୁନି ନାଲି ଫୁଲର ଓଢଣୀଟେ ତା ବର୍ଷା ଭିଜା ଦେହରେ ଜଡେଇ ଯାଇ ତା' ରୂପକୁ ଅତୁଳନୀୟ କରିଥିଲା। ବର୍ଷାର ପହିଲି ଛୁଆଁରେ ଥରି ଉଠି ତା ନିକ୍ଷୁଣ ଅବୟବରୁ ବର୍ଷାବିନ୍ଦୁ ସବୁ ଝରି ପଡୁଥିଲା ବେଳେ ସେ କେଉଁ ନୃତ୍ୟରତା ଅପସରୀର ଭ୍ରମ ସୃଷ୍ଟି କରୁଥିଲା । ଅନ୍ଧକାର ରାତ୍ରି ରେ ନିଅନ୍ ର କ୍ଷୀଣ ଆଲୋକରେ ତା' ଅଙ୍ଗରେ ତରଙ୍ଗାୟୀତ ହେଉଥିଲେ ଶତଇନ୍ଦ୍ରଧନୁ । ନୀରିହ ଅପାଙ୍ଗ ତୋଳି ସେ ଅନାଇ ଦେଉଥିଲା ଚାରିଦିଗକୁ।

ମୋ ମନ ଅଥୟ ହେଲା । ପହିଲି ବର୍ଷାର କେଉଁ ଅଜଣା ଜଗଂଲୀ ଧୂନ୍ ରେ ତା'ସହ ଭିଜି ଭିଜି ନାଚିବାକୁ ମୁଁ ଉଚ୍ଛନ୍ନ ହେଲି । ଦୂରରୁ ମତେ ଦେଖି ଖୁସିରେ ନାଚିଉଠି ସେ କହିଲା ଆ...ବର୍ଷାରେ ଭିଜି ହଜିଲା ଜହ୍ନକୁ ଖୋଜିବା । ଏ ଜୀବନ କେତେଦିନର ଯେ ? ତାକୁ ସୁନ୍ଦର ସ୍ୱପ୍ନରେ ସଜାଇଦେଇ ଆନନ୍ଦରେ ମଜ୍ଜିଯିବା...ଦେଖ୍ ମୁଁ କେମିତି ଦୋଳି ଖେଳୁଛି କହି ଖୁଣ୍ଟରେ ତା' କୋମଳ ବାହୁ ବେଢାଇ ଘୁରି ଗଲାସେ । ଏଥର ଦୌଡିଯାଇ ତା' ବାହୁରେ ବାହୁ ଛନ୍ଦି ନିଅନ୍ ଚାରିପଟେ ଘୁରିଯାଇ ବହେ ବର୍ଷାରେ ଭିଜିଗଲି ମୁଁ । କିଶୋରୀ ବର୍ଷା ଆଞ୍ଜୁଳା ଆଞ୍ଜୁଳା ମୋତି ଜଳ ଛାଟି ଭିଜାଉଥିଲା ଆମକୁ । ଦୁହେଁ ଖୁବ୍ ହସୁଥିଲୁ ବର୍ଷାର ଚୁଲବୁଲି ପଣ ଦେଖି ।

ହେଲେ  କେତେ ବା ସମୟ?

ରାସ୍ତାରେ ଯାଉଥିବା ଜୋଡା ଜୋଡା ଉଷ୍ମ ନଜରକୁ ସାମନା କରିନପାରି  ତା' ଉପରକୁ ମେଞ୍ଚାଏ ଇର୍ଷା ଫିଙ୍ଗି ଫେରି ଆସିଲି ମୁଁ ଘର ନାମକ ପଞ୍ଜୁରୀ ଭିତରକୁ । ସେ କିନ୍ତୁ ସେମିତି ତାର ତରଙ୍ଗାୟୀତ ତନୁ ରେ କବିତା ତୋଳି ନାଚୁଥିଲା ନିର୍ବିକାର ଚିତ୍ତରେ । କାରଣ ସେ ଥିଲା ଏକ ନାମହୀନ ଲତା ଆଉ ମୁଁ ଅନୂଢା ବନିତା ।

■■■

**ସମ୍ବଲପୁର**

# ଜୁଲି ମଏନା

(କୋଶ୍ଲୀ ଗପ)

ନରସିଂହ ସାହୁ





ବାଟତରାର୍ ବୁର୍ଡି ଗଛର୍ ଖେନି ଥି ମାଇଏଁର୍ରା ମଏନା ହଲେ ଉସ୍ନାକେ ପେରେମ୍ର ଗିତ ଗାଉଥାଆନ୍। ଠଁଟ୍ ଜୁଝାଜୁଝି ହେଇ ଅପନାର୍ ପେରେମ୍ ଦୁହେଁ ଦୁହିଁକେ ଜନଉଥଅନ୍ ।

ବିଭୋଲ୍ ଚିତେ ପେରେମର୍ ବାର୍ତି, ସଁଗିତର୍ ତାଲେ ତାଲେ ଦୁନିଆ କେ ବାଆଁଟୁ ଥାଆନ୍ । ସତେ ଯେନ୍ତା ପିରତିର୍ ମଧୁର୍ ଝରନ୍ ଟେ ତାଁକର୍ ହୁରୁଦ୍ ଦେଇ ଖଲ୍ଖଲ୍ ବୁହି ଯଉଛେ ।

ହେତ୍କି ବେଲ୍କେ କେନ୍ ଆଡୁ ଦୁଇ ଝନ୍ ପ୍ରେମିକ ପ୍ରେମିକା, ହେ ବୁର୍ଡି ଗଛ୍ ତଲ୍କେ ଆସି ପହଁଚିଲେ । ତାଁକର୍ ମୁହୁଁ କେ ଦେଖ୍ଲେ କଲାହାଁଡ଼ିଆ ମେଗ୍ ଟେ ଘେରେଇଛେ ମେତାନ୍ ଲାଗୁଥିଲା । କେନ୍ କାହାକେ ସଲ୍ଖି ମୁହୁଁ ଚୁହାଁଚୁହିଁ ହେଉ ନାଇଁ ଥାଇଁ । ସେଠାନୁ ସେ ଦୁହେଁ ଆଡ୍ ଆଡ୍ ହେଇ ବସ୍ଲେ ।     ଛନେକ୍ ପରେ ପ୍ରେମିକ ତାର୍ ପ୍ରେମିକା କେ ଥନ୍ ଥନ୍ ହେଇ କହୁଛେ –" ତମର୍ ଲାଗି ମୋର୍ ସମିଆ ବର୍ବାଦ୍ ହେଲା । କେତେ ଭଲ୍ ପଉଁଛେ  ତଅବି... ।

ପ୍ରେମିକା ଭିଲ୍ କଥାର୍ ଜବାବ୍ ଝାଁଜିରି ହେଇ କହୁଛେ –" ଆର୍ ମୁଇଁ ତ ଭଲ୍ ନାଇଁ ପାଏବାର୍, ତମେ ଖାଲି ନ, ନାଇଁ କେଁ ! କାଏଲ୍କା କଥା ଦେଇ ଯେନ୍ ଠଁକିଛ ମକେ ଖୋବ୍ ରିସ୍ ଲାଗୁଛେ । ହେ, ଶିପୋ ଗଛ୍ ତଲେ ତମର୍ କାଜେ ଟାକି ଟାକି ବାଏରିଭୁତ୍ ମେତାନ୍ ଠାଡ୍ ହେଇଥିଲି ।" ପ୍ରେମିକା ଫେର୍ ଥରେ କହେଲା –"ମୁଇଁ ଜାନିଛେଁ ତମେ ମକେ କେତ୍କର୍ ଭଲ୍ ପାଏସ ଯେ, ସୁନାର୍ ପତ୍ରି ମାଲିଟେ ଘିନି ଦିଅ ବଏଲେ ନାଇଁ...। ଏନତା ଭଲ୍ ପାଏସ କେଁ ? ହଏ ହଏ ଜାନ୍ଲି ନ ସେଦିନ ଚାଟ୍ ଦୁକାନ୍ ପାଖେ କାହାର୍ ସଁଗେ ହଁସାଗିଜ୍ରା ହଉଥିଲ, ମୁଇଁ କେଁ ନାଇଁ ଦେଖିଁ ବଲୁଛ ! ଆଘର୍ ବାଗିର୍ ଆର୍ ମୋର୍ ଠାନେ ମନ୍ ନାଇଁ କି ତମର୍ ସମିଆ ନାଇଁ।" ପୁରା ଗୁଟେ ନିନାସେ କହିପକାଲା।

ସବୁ କଥା ଶୁନି ସାରି ପ୍ରେମିକ ନିଜ୍‌କେ ଟିକେ ସମ୍ଭାଲି କହେଲା, -" ତମର୍ ତ ଖାଲି ଦିଆନିଆ,ହେନ୍‌ତା ପେ୍‌ରେମ ଥି କାଣା ଭାବ୍ ଅଛେ ? କାହାରି ଠାନେ କଥା ପଦେ ହେଇଦେଲେ ପେରେମ୍ କାଏଁ ସରି ଯାଏସି ? ମନ୍ ଭିତରେ ଖୋଟ୍ ରଖ୍‌ଲେ ଭଲ୍ ନାଇଁ ଗା... । ତମର୍ ମନ୍ ନାଇଁ ଲାଗୁଛେ ବଏଲେ ଦୁସ୍‌ରା ରାସ୍‌ତା ଦେଖ। ଏଥର୍‌କ ଦୁହେଁ ଖୋବ୍ ତୁଡ଼େ ରଡ଼ା କିର୍‌ଲା କରି କଥା କଟାକଟି ହେଲେ । ଆଖିରି କେ ଦୁହେଁ ଗୁମ୍ ମାରି ଆଡ଼ମୁହାଁ ହେଇ ବସ୍‌ଲେ । ଏଥର୍‌କ ଚାରିକୁତି ଶୁନ୍‌ଶାନ୍ ନିଶବଦ୍ । ଯାହେକେ ଭିଲ୍ ବଢ଼େଟେ ଗହେରେ ଡୁବିଗଲା ବାଗିର୍ ଲାଗ୍‌ବା ।

ମଏନା ଆରୁ ତାର୍ ତିରି ସବୁ କଥା ଶୁନୁ ଥାଆନ୍। ମଏନା ବଏଲା ତାର୍ ଜୁଲି ମଏନା କେ, ହଏଗୋ ହେମାନେ ଭିଲ୍ ତୋ ଆମର୍ ମେତାନ୍ ପେରେମ୍ ବଁଧନ୍ ଥି ବାଁଧି ହହେଇଛନ । ହେଲେ ଖୁସି ନାଇଁ ନ । ମନ୍ ଭିତ୍‌ରେ ରାଗ୍ ଅଭିମାନ୍ ହିଁସ୍‌ଲାପନ୍ । ଖାଲି ଦିଆନିଆର୍ ହିସାବ୍ । ମଏନାର୍ ତିରି କହେଲା, ଚାଲ ଗୋ ଆମେ ମଧୁର୍ ସୁରେ ଗିତ୍ ଗାଏମା । ହେମାନେ ଶୁନ୍‌ଲେ ଭାଏଲେ ସବୁ କଥା ଭୁଲି ଫେର୍ ଘାଏ ପେରେମର୍ ଛଲ୍‌ଛଲା ନଏଦେ ଗୁଟେ ଡଁଗା ଥି ବସି ବାହିନେବେ ଖୁସିର୍ ଜିବନ୍ । ହୁରୁଦ୍ ତାଁକର ପୁରି ଉଠ୍‌ବା ।

ଜୁଲି ମଏନା ଇତାର୍ ପରେ ଏନ୍‌ତା ଲହର୍ ଥି ସୁଁଦର୍ କରି ଗିତ୍ ଗାଏଲେ ଯେ, ଚାରିଦିସା ପୁରି ଉଠ୍‌ଲା। ଫୁଲ୍ କଢୋମାନେ ବଗ୍‌ବଗାତେଲ୍ ଖାଲି ଫୁଟ୍‌ବାର ଥି ଲାଗ୍‌ଲେ । ରଁଗ୍‌ରଁଗିଆ ପର୍‌ଜାପତି ମାନେ ଉଡ଼ି ବୁଲ୍‌ଲେ। ଗଛର୍ ସୁଖା ପତର୍ ମାନେ ଭିଲ୍ ସାଗୁଆ ଦିସ୍‌ଲେ।ବିଣାର୍ ତାର୍ ଦୁଇଟା ସତେ ଯେନ୍‌ତା ଜିବନର୍ ସୁମଧୁର୍ ସୁର୍‌ତାଲେ ବାଜୁଛନ୍।

ମାତର୍ ହେ ଦୁହିଁ ପ୍ରେମିକଁର୍ ଭିତ୍‌ରେ ମୁଁ କାର୍‌ପନ୍ ନାଇଁ ଗଲା । ରାଗ୍ ଅଭିମାନ୍ ତାଁକର୍ ହୁରୁଦ୍ ଦୁଆର୍ କେ ବଁଦ୍ କରି ଦେଇଥିଲା । ମଏନା ମାନକର ମଧୁର୍ ସଂଗିତ୍ ତାଁକର୍ ଦିଲ୍ କେ ନାଇଁ ଛିଁ ପାର୍‌ଲା ।

ମଏନା ଜୁଲି କଥା ହେଉଥିଲେ-" ରାଗ୍ ରିସ୍‌ମି ଥିଲେ ଯେଡ଼େ ମିଠା କଥା କହେଲେ ଭିଲ୍ କାନ୍ କେ ନାଇଁ ଶୁଭେ । ସବୁ ଆମିଲ୍ ଆମିଲ୍ ଲାଗ୍‌ବା । ହୁର୍‌ହୁରିଆ ଧୁକା ପରାନ୍ କେ ଶିତଲ୍ କରି ନାଇଁ ପାରେ। ଅସ୍‌ଲି ପେରେମ୍ ତ ଫୁଲ୍ କଁହର୍ ବାଗିର୍ ସମ୍‌କେ ଆବିର୍‌ବା । ମନର୍ ଗଏଁଠ୍ ଖୁଲି ଖୁଲି ଯିବା । ମନର୍ ଧୁଁଦ୍‌ଲାପନ୍ ହଟି ଗଲେ ଯାଇ ପେରେମର୍ ସଂଗିତ୍ କେ ବାରି ପାର୍‌ବା।

ହେ ପ୍ରେମି ଦୁହିଁ ଝନ୍ ଯଦର୍‌ବି ହିନ୍‌ମନିଆ ଭାବର୍ ଢାଁକି ଦେଇ ଥିବାର୍ ଜାଲ୍ କେ କାଟି ପାର୍‌ତେ ବଏଲେ ଆମର୍ ମେତାନ୍ ନିଲିଆ ଆକାଶେ ଉଡ଼ି ପାର୍‌ତେ । ଆଖିରି କେ ପେରେମ୍ ସମୁଦରେ ଅପନାକେ ହଜେଇ ଦେତେ । ହେନ୍‌ତା କହି କରି ଜୁଲି ମଏନା ଉଡ଼ି ପଲାଲେ କେନ୍ ଅନକୁଟ୍ ଖମନ୍ ଆଡ଼୍‌କେ। ଯାତେ ଯାତେ କହୁଥିଲେ, ହେମନ୍‌କର୍ ହୁରୁଦ୍ ଭିତର୍ କେ ଫେର୍ ଘାଏ ଫଗୁନର୍ ରଁଗ୍ ଲହରି ଆସୁ । ତେବ୍‌ତକ୍ ଜୁଲି ମଏନାକର୍ ଗିତର୍ ଝଂକାର ଚାରିକୁତି ଖେଲି ଯଉଥିଲା।

ସର୍ଗିଗୁଡ଼ା, ଟିଟିଲାଗଡ଼
ମୋ : ୭୯୭୮୬୨୭୨୦୨

■■■


# ଧାରାବାହିକ

## ଯୋଗୀ - ୪

## ଯୋଗୀରାଜ ତ୍ରୈଲଙ୍ଗ ସ୍ୱାମୀ

ମୀନୁ ହୋତା





ସେ ତଲ୍ଲୀନ ଥିଲେ ।ଗର୍ଭଗୃହରେ ବିରାଜମାନ ଲିଙ୍ଗରାଜ ଭୋଳାନାଥଙ୍କ ସମ୍ମୁଖରେ ନତମସ୍ତକ ହୋଇ ନିଜର କୃତଜ୍ଞତା ପ୍ରକଟ କରୁଥିଲେ। ତାଙ୍କର ଦୀର୍ଘଦିନର ତପସ୍ୟା ପ୍ରଭୁ ଭୋଳାନାଥ ପୂର୍ଣ୍ଣ କରିଥିଲେ। ତାଙ୍କ କରୁଣାରୁ ଆଜି ସେ ମାତୃତ୍ୱର ପୂର୍ଣ୍ଣତା ପାଇଛନ୍ତି। ପରମେଶ୍ୱର ସଦାଶିବ ତାଙ୍କୁ ପୁତ୍ରରତ୍ନରେ ଧନ୍ୟ କରିଛନ୍ତି।

ପରମ ପତିବ୍ରତା ବିଦ୍ୟାବତୀଙ୍କ ଥିଲେ ଶିବଶକ୍ତିଙ୍କ ପରମ ଭକ୍ତ । ସ୍ୱାମୀ ନରସିଂହ ରାଓ ପରମ କଲ୍ୟାଣମୟୀ ମହାଶକ୍ତି କାଳୀଙ୍କ ଉପାସକ । ଉଭୟେ ଥିଲେ ଆନ୍ଧ୍ରପ୍ରଦେଶର ବିଜୟନଗର ଜିଲ୍ଲା ହୁଲିଆ ଗ୍ରାମର ବାସିନ୍ଦା । ବିବାହର ଦୀର୍ଘ ବର୍ଷପରେ ମଧ୍ୟ ସନ୍ତାନ ନ ହେବାରୁ ପତ୍ନୀ ବିଦ୍ୟାବତୀଙ୍କ ଅନୁରୋଧ କ୍ରମେ ନରସିଂହ ରାଓ ଦ୍ୱିତୀୟ ବିବାହ କଲେ । ପତିଙ୍କର ପୁନର୍ବିବାହ ପରେ ବିଦ୍ୟାବତୀ ନିଜକୁ ସଂପୂର୍ଣ୍ଣ ଭାବରେ ଶିବଙ୍କ ସେବା ଓ ଭକ୍ତିରେ ନିଜକୁ ନିୟୋଜିତ କରିଦେଲେ । ନିଜର ଗୃହ ଅଗଣାରେ ଥିବା ବିରାଟ ଶିବଲିଙ୍ଗ ପାଖରେ ଧ୍ୟାନ,ଭଜନ ଓ କୀର୍ତ୍ତନରେ ତାଙ୍କର ସମୁଦାୟ ସମୟ ଅତିବାହିତ ହେଉଥିଲା । ଶେଷରେ କରୁଣାମୟ ଭୋଳାନାଥ ତାଙ୍କ ଉପରେ ପ୍ରସନ୍ନ ହୋଇ ତାଙ୍କୁ ଏକ ଦିବ୍ୟ ପୁତ୍ରରତ୍ନ ପ୍ରଦାନ କଲେ । ଦ୍ୱିତୀୟା ପତ୍ନୀ ମଧ୍ୟ ଶ୍ରୀଧର ନାମକ ଏକ ପୁତ୍ରକୁ ଜନ୍ମ ଦେଲେ । ଶିବଙ୍କ କରୁଣାରୁ ପୁତ୍ରଲାଭ ହୋଇଥିବାରୁ ବିଦ୍ୟାବତୀ ଶିଶୁଟିର ନାମକରଣ କରିଥିଲେ ଶିବରାମ ।

ପୁତ୍ରସନ୍ତାନକୁ ଛଅମାସ ହୋଇଯାଇଥିଲା। ଶିଶୁଟି ଏବେ ଭୂମିରେ ଗୁରୁଣ୍ଡିବା ଆରମ୍ଭ କରିଦେଇଥିଲା। ଦିନେ ମାତା ବିଦ୍ୟାବତୀ ଶିଶୁପୁତ୍ରକୁ ନେଇ ନିକଟସ୍ଥ ଶିବମନ୍ଦିରକୁ ଯାଇଥିଲେ । ଶିଶୁଟିକୁ ମନ୍ଦିରର ଗର୍ଭଗୃହ ସାମ୍ନା ବାରଣ୍ଡାରେ ଥୋଇଦେଇ ସେ ଶିବଙ୍କ ପୂଜାର୍ଚ୍ଚନା କଲେ ଏବଂ ଆଖି ବୁଜି ସେ ଶିବଙ୍କୁ ଧ୍ୟାନ କରି ତାଙ୍କ ପ୍ରତି କୃତଜ୍ଞତା ପ୍ରକଟ କରୁଥିଲେ । ହଠାତ୍ ଶିବଲିଙ୍ଗ ମଧ୍ୟରୁ ଏକ ଶୁଭ୍ର ପ୍ରକାଶ ପ୍ରକଟିତ ହୋଇ ସମଗ୍ର ଗର୍ଭଗୃହଟିକୁ ଆଲୋକିତ କରିପକାଇଲା । ବିଦ୍ୟାବତୀ ଆଖିଖୋଲି ଆଶ୍ଚର୍ଯ୍ୟ ହୋଇ ସେହି ପ୍ରକାଶ ପୁଞ୍ଜକୁ ଅନାଇ ରହିଲେ। ଦେଖୁ ଦେଖୁ ପ୍ରକାଶ ପୁଞ୍ଜଟି ଯାଇ ବାରଣ୍ଡାରେ ଖେଳୁଥିବା ଶିଶୁ ଶିବରାମଙ୍କ ଦେହରେ ପ୍ରବେଶ କରିଗଲା। ବିଦ୍ୟାବତୀ ଖୁବ୍ ଡରିଗଲେ । ସେ ଶିଶୁପୁତ୍ରକୁ କାଖେଇ ଶୀଘ୍ର ସେହିସ୍ଥାନ ପରିତ୍ୟାଗ କଲେ । ଘରକୁ ଯାଇ ନିଜ ସ୍ୱାମୀ ନରସିଂହ ରାଓଙ୍କୁ ସମସ୍ତ ଘଟଣା କହିବା ପରେ ସ୍ୱାମୀ ତାଙ୍କୁ ବୁଝାଇଲେ ଯେ ଏଥିରେ ବ୍ୟସ୍ତ ହେବାର କିଛି ନାହିଁ । ଏହା ଏକ ଶୁଭ ଘଟଣା । ଶିଶୁଟି ପ୍ରତି ଶିବଙ୍କ କରୁଣା ରହିଛି ।

ପ୍ରକୃତରେ ସେ ଥିଲେ ଏକ ବିଚକ୍ଷଣ ଶିଶୁ । ପିଲାଟି ଦିନରୁ ମୌନ ଓ ଧ୍ୟାନମନସ୍କ । ବିବାହ ସମୟ ଉପସ୍ଥିତ ହୋଇଥିଲେ ମଧ୍ୟ ସେ ବିବାହ କରି ଘରସଂସାରରେ ବାନ୍ଧିହେବାପାଇଁ ମନା କରିଦେଇଥିଲେ । ପିତା ନରସିଂହ ପ୍ରଥମେ ବ୍ୟସ୍ତ ହୋଇଥିଲେ । କିନ୍ତୁ ମାତା ବିଦ୍ୟାବତୀ ତାଙ୍କୁ ସନ୍ୟାସ ପାଇଁ ଅନୁମତି ଦେଇଥିଲେ । ଶିବରାମଙ୍କୁ ଯେତେବେଳେ ଚାଳିଶି ବର୍ଷ ତାଙ୍କ ପିତାଙ୍କ ଦେହାନ୍ତ ହେଲା । ଘରର ସମସ୍ତ ଦାୟିତ୍ୱ ସେ ସାନଭାଇ ଶ୍ରୀଧର ଙ୍କ ଉପରେ ନ୍ୟସ୍ତ କରି ବୈରାଗ୍ୟ ନେଲେ । ମାତା ବିଦ୍ୟାବତୀଙ୍କ ପ୍ରରୋଚନାରେ ମାତାଙ୍କ ଠାରୁ ସେ କୌଳଦୀକ୍ଷା ଗ୍ରହଣ କରିଥିଲେ । ତାଙ୍କ ମାତା ହିଁ ଥିଲେ ତାଙ୍କର ପ୍ରଥମ ଶିକ୍ଷା ଓ ଦୀକ୍ଷା ଗୁରୁ ।

ଶିବରାମଙ୍କର ପ୍ରଚଣ୍ଡ ଇଷ୍ଟନିଷ୍ଠା ଯୋଗୁଁ ସେ ଖୁବ୍ କମ୍ ସମୟରେ ମହାଶକ୍ତିଙ୍କର କୃପା ଲାଭ କରିଥିଲେ। ତାଙ୍କୁ ବାବନ ବର୍ଷ ସମୟରେ ତାଙ୍କର ମାତୃ ବିୟୋଗ ଘଟିଲା । ତାପରେ ସେ ସଂପୂର୍ଣ୍ଣ ରୂପରେ ଗୃହତ୍ୟାଗ କରି ବାରାଣାସୀ ଚାଲି ଆସିଲେ । ସେଠି ସେ ଗଂଗାକୂଳରେ ତପସ୍ୟାରତ ଥିବା ସମୟରେ ପଞ୍ଜାବର ପ୍ରସିଦ୍ଧ ଯୋଗୀ ସ୍ୱାମୀ ଭାଗିରଥାନନ୍ଦ ସରସ୍ୱତୀଙ୍କ ଦୃଷ୍ଟିକୁ ଆସିଲେ । ମହାଯୋଗୀ ତାଙ୍କ ଯୋଗଶକ୍ତି ଦ୍ୱାରା ପ୍ରଭାବିତ ହୋଇ ତାଙ୍କୁ ସନ୍ୟାସ ଦୀକ୍ଷାରେ ଦୀକ୍ଷିତ କରି ନିଜର ଶିଷ୍ୟ ରୂପେ ଗ୍ରହଣ କଲେ । ସେହିଦିନଠାରୁ ତାଙ୍କର ନାମ ହେଲା ଗଣପତି ସରସ୍ୱତୀ । ଅଳ୍ପ ସମୟ ମଧ୍ୟରେ ତାଙ୍କର ଯୋଗସିଦ୍ଧି ଚାରିଆଡେ ପ୍ରସିଦ୍ଧି ଲାଭ କରିଥିଲା । ବାରାଣସୀର ସାଧୁ ସମାଜରେ ତାଙ୍କର ଏକ ସ୍ୱତନ୍ତ୍ର ସ୍ଥିତି ରହିଥିଲା  ବାରାଣସୀର ଦଶନାମୀ ସନ୍ଥ ସମାଜର ଆଦେଶରେ ସେ ସନ୍ୟାସୀର ଜୀବନ ଯାପନ କରି ପରବର୍ତ୍ତୀ କାଳରେ ତ୍ରୈଲଙ୍ଗ ସ୍ୱାମୀ ନାମରେ ପରିଚିତ ହେଲେ।

ସାଧୁସନ୍ଥଙ୍କ ଜୀବନ ଅନେକ ବିଲକ୍ଷଣତାରେ ପରିପୂର୍ଣ୍ଣ ରହିଥାଏ । ବିଲକ୍ଷଣତା ଏଇଥିପାଇଁ ଯେ, ସେମାନେ ସମାଜର ମୁଖ୍ୟସ୍ରୋତରୁ ନିଜକୁ ସର୍ବଦା ଦୂରେଇ ରଖିଥାନ୍ତି । ଛନ୍ଦକପଟ, ମାୟାମୋହରୁ ସର୍ବଦା ନିବୃତ୍ତ। ପ୍ରଚଣ୍ଡ ଜ୍ଞାନ ଏବଂ ଅଲୌକିକ ଶକ୍ତିର ଅଧିକାରୀ ହୋଇ ମଧ୍ୟ ଶିଶୁସୁଲଭ ସରଳତା ଏବଂ ନିର୍ବିକାରିତା ଯୋଗୁଁ ସମାଜ ସେମାନଙ୍କୁ ଉପେକ୍ଷା ଏବଂ ହୀନଦୃଷ୍ଟିରେ ଦେଖିଥାଏ । କିନ୍ତୁ ପ୍ରକୃତ ସନ୍ଥ ସମୁଦ୍ର ସୁଲଭ ଶାନ୍ତ,ଗମ୍ଭୀର । ନିନ୍ଦା,ପ୍ରଶଂସା ପ୍ରତି ଉଦାସୀନ । ସମୁଦ୍ର ଶୁଖିଗଲା ଲୁଣ, ଉଡିଗଲେ ବି ମେଘ ହୋଇ ଲୋକଙ୍କ ଉପକାର କରିଥାଏ । ସଂସାର ତ୍ୟାଗୀ ସନ୍ଥ ସେହିପରି ଜୀବିତାବସ୍ଥାରେ ଏବଂ ମରଣୋପରାନ୍ତ ପରୋପକାର କରିଥାନ୍ତି।

ବାରାଣସୀର ଦଶାଶ୍ୱମେଧ ମେଧଘାଟ ନିକଟସ୍ଥ ଶ୍ମଶାନ ସେଦିନ ପୁତ୍ରହରା ମାତାପିତାଙ୍କ କରୁଣ ବିଳାପରେ ରୋଦନ କରୁଥିଲା ଯେମିତି । ଏକମାତ୍ର କୁଳନନ୍ଦନର ଅକାଳ ବିୟୋଗରେ ବନ୍ଧୁ ପରିଜନ ମର୍ମାହତ ଓ ବିଚଳିତ ଥିଲେ ।  ଏକମାତ୍ର ପୁତ୍ରକୁ ହରାଇ ବ୍ରାହ୍ମଣ ଘରଣୀ ବାରମ୍ବାର ଚେତାଶୂନ୍ୟ ହୋଇପଡୁଥିଲେ । ଅଚାନକ ସେହି ରାସ୍ତାଦେଇ ଏକ ବିଶାଳକାୟ ସାଧୁ ହାତରେ ଦଣ୍ଡ କମଣ୍ଡଳୁ ନେଇ ତରତର ହୋଇ କୁଆଡେ ଚାଲିଯାଉଥିଲେ। ତାଙ୍କ କର୍ଣ୍ଣରେ ପୁତ୍ରହରା ଜନନୀଙ୍କ କରୁଣ କ୍ରନ୍ଦନ ପଡିବା ପରେ ସେ ଆଉ ସମ୍ଭାଳି ପାରିଲେନି। କମଣ୍ଡଳୁ ର ଜଳ କୁ ହାତରେ ନେଇ ସେ ମୃତ ବ୍ରାହ୍ମଣ ଯୁବକ ଉପରକୁ ନିକ୍ଷେପ କଲେ । ସାଧୁଙ୍କ ହାତର ଜଳ ଶବର ଶରୀରକୁ ସ୍ପର୍ଶ କରିବା ମାତ୍ରେ ଶବଟି ଜୀବିତ ହୋଇ ଶବାଧାରରୁ ଉଠି ବସିଲା । ତ୍ରୈଲଙ୍ଗ ସ୍ୱାମୀଙ୍କ ଏହି ଚମତ୍କାର ଶୁଣିବା ପରେ ସେଠାରେ ଲୋକଙ୍କ ଭିଡ ଏକତ୍ରିତ ହୋଇଗଲା । ତ୍ରୈଲଙ୍ଗ ସ୍ୱାମୀ ଭିଡଠାରୁ ନିଜକୁ ରକ୍ଷା କରିବା ପାଇଁ ସାଂଗେ ସାଂଗେ ସେଠାରୁ ଅଦୃଶ୍ୟ ହୋଇଗଲେ ।

ସେ ଥିଲେ ଏମିତି ଏକ ସାଧୁ ଯିଏ କି ପ୍ରଦର୍ଶନକୁ ପସନ୍ଦ କରୁ ନଥିଲେ । ଲୋକଙ୍କ ଉପକାର କରୁକରୁ ତାଙ୍କର ଚମତ୍କାରର କାହାଣୀ ଏମିତି ବ୍ୟାପି ଯାଇଥିଲା ଯେ, ଲୋକେ ତାଙ୍କ ଦର୍ଶନ ପାଇବା ପାଇଁ ତାଙ୍କୁ ଖୋଜି ଖୋଜି ଯାଇ ତାଙ୍କ ପାଖରେ ପହଞ୍ଚି ଯାଉଥିଲେ । ନିଜର ଧ୍ୟାନ ଓ ତପସ୍ୟାରେ ବିଘ୍ନ ନ ହେବାପାଇଁ ସେ ଦିନ ଦିନ ଧରି ଗଂଗାର ଅତଳ ଜଳରେ ବସି ଧ୍ୟାନ କରୁଥିଲେ । କେବେ କେବେ ଗଂଗାର ଜଳଧାର ଉପରେ ବସି ଆରାମରେ ଈଶ୍ୱର ଧ୍ୟାନ ରେ ମଗ୍ନ ରହୁଥିଲେ । କେବେ କେବେ ଭୋଜନ କରୁଥିବା ବେଳେ ସେ ଖାଦ୍ୟ ଥାଳି ସହ ଶୂନ୍ୟରେ ଭାସି ବୁଲୁଥିଲେ।

ଈଶ୍ବର ପ୍ରେମରେ ବାତୁଳ ତ୍ରୈଲଙ୍ଗ ସ୍ୱାମୀଙ୍କୁ ନିଜର ଶରୀର ଏବଂ ବୟସର ବୋଧ ନଥିଲା । ସେ ନିଜକୁ ଏକ ଅବୋଧ ଶିଶୁ ବୋଲି ମନେକରୁଥିଲେ । ତେଣୁ ସେ ପ୍ରାୟ ଅଧିକାଂଶ ସମୟରେ ଉଲଗ୍ନ ରହୁଥିଲେ। ସେତେବେଳେ ଇଂରେଜ ଶାସନ ଚାଲିଥିଲା । ତ୍ରୈଲଙ୍ଗ ସ୍ୱାମୀ ଉଲଗ୍ନ ଅବସ୍ଥାରେ ମଧ୍ୟ ମହିଳା ମାନଙ୍କ ଭିତରକୁ ପଶିଯାଉଥିଲେ । କିଛି ଇଂରେଜ ମେମ୍ ସାହେବାଙ୍କୁ ଏକଥା ଭଲ ଲାଗୁନଥିଲା । ଥରେ ଜଣେ ଇଂରେଜ ମାଜିଷ୍ଟ୍ରେଟ ତାଙ୍କୁ ଏଥିପାଇଁ ତାଗିଦ କରିଥିଲେ । କିନ୍ତୁ ଯୋଗୀରାଜ ତ୍ରୈଲଙ୍ଗ ଏକଥା ପ୍ରତି କର୍ଣ୍ଣପାତ ନ କରି ପୁଣି ଉଲଗ୍ନ ହୋଇ ବୁଲିବାରୁ ମାଜିଷ୍ଟ୍ରେଟ ଜଣକ ତାଙ୍କୁ ପୋଲିସ ପଠାଇ ବାନ୍ଧିଆଣି କାରାଗାରରେ ପକାଇ ବନ୍ଦ କରିଦେଲେ। କିଛି ସମୟ ପରେ ତ୍ରୈଲଙ୍ଗ ସ୍ୱାମୀଙ୍କୁ ଜେଲ୍ କୋଠରୀର ବାରଣ୍ଡାରେ ବୁଲୁଥିବାର ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ । କୋଠରୀ ପୂର୍ବପରି ବନ୍ଦ ଥିଲା ଏବଂ ସ୍ୱାମୀଜୀ ବାହାରେ । ମାଜିଷ୍ଟ୍ରେଟ ତାଙ୍କୁ ଧରିଆଣି ପୁଣି କୋଠରୀ ଭିତରେ ପୁରାଇ ବାହାରେ ତାଲା ପକାଇ ଚାବି ନିଜ ପାଖରେ ରଖିଲେ । କିଛି ସମୟ ପରେ ସ୍ୱାମୀଜୀ ଜେଲ୍ କୋଠରୀର ଛାତ ଉପରେ ବୁଲୁଥିବାର ଦେଖାଗଲା । ମାଜିଷ୍ଟ୍ରେଟଙ୍କ ବୁଦ୍ଧି ବଣା ହୋଇଗଲା । କୋଠରୀ ବାହାରେ ତାଲା ଝୁଲୁଥିଲା କିନ୍ତୁ ସ୍ୱାମୀଜୀ ବାହାରକୁ ଗଲେ କେମିତି ? ଯୋଗିନୀ ତାଙ୍କୁ ବୁଝାଇଲେ। ମଣିଷ ଏକ ଚୈତନ୍ୟ ସତ୍ତା । ସ୍ଥୂଳ ଶରୀରକୁ ଚେତନା ସହିତ ଏକାକାର କରି ରଖିଥିବା ମଣିଷକୁ ଦୁନିଆଁର କୌଣସି ବନ୍ଧନ ବାନ୍ଧି ରଖିପାରିବ ନାହିଁ । ଇଂରେଜ ଅଫିସର ଜଣକ ସ୍ୱାମୀଜୀଙ୍କ ପାଦତଳେ ପଡି କ୍ଷମାଭିକ୍ଷା କରି ତାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ।

ସ୍ୱାମୀଜୀ ଖୁବ୍ କମ୍ ଖାଉଥିଲେ ତଥାପି ତାଙ୍କ ଶରୀରର ଓଜନ ଥିଲା ୧୪୦ କିଲୋ । ବିଶାଳକାୟ ଶରୀର । ୮୮ ବର୍ଷରେ ବି ଯୁବକ ଚେହେରା ଥିଲା ତାଙ୍କର । ତାଙ୍କ ମତରେ ମଣିଷ ଖାଦ୍ୟ ଦ୍ୱାରା ନୁହେଁ ଚେତନାରେ ବଞ୍ଚିଥାଏ । ସେ ଅଯାଚିତ ବ୍ରତ ଗ୍ରହଣ କରିଥିଲେ । ଭିକ୍ଷା କରୁ ନଥିଲେ । ଯିଏ ଯାହା ସ୍ୱେଚ୍ଛାରେ ଦେଲା ଗ୍ରହଣ କରୁଥିଲେ । ଥରେ ଜଣେ ଦୁଷ୍ଟ ସ୍ୱାମୀଜୀଙ୍କୁ ହଇରାଣ କରିବା ପାଇଁ ଗୋଟେ ବାଲଟି ପାଣିରେ ଚୂନ ଗୋଳି ତାକୁ ଦହିପାଣି କହି ସ୍ୱାମୀଜୀଙ୍କୁ ପିଇବାକୁ ଦେଲା । ସ୍ୱାମୀଜୀ ତାକୁ ବିନା ପରୀକ୍ଷାରେ ଢକ ଢକ କରି ପିଇଗଲେ । କିଛି ସମୟ ପରେ ସେହି ଲୋକଟି ପେଟ ଯନ୍ତ୍ରଣାରେ ଛଟପଟ ହୋଇ ସେଇଠି ଚିତ୍କାର କରିବା ଆରମ୍ଭ କରିଦେଲା । ସ୍ୱାମିଜୀଙ୍କ ପାଖରେ ନିଜର ଭୁଲ୍ ପାଇଁ କ୍ଷମା ଯାଚନା କଲା । ସ୍ୱାମୀଜୀ କହିଲେ -
"ସମସ୍ତ ପ୍ରାଣୀଙ୍କ ଆତ୍ମାରେ ପରମାତ୍ମା ବିରାଜିତ। ଜଣକୁ କଷ୍ଟ ଦେଲେ ଅନ୍ୟର ଆତ୍ମା ମଧ୍ୟ କଷ୍ଟ ଅନୁଭବ କରେ । ଆତ୍ମା ପରମାତ୍ମାଙ୍କ ଅଂଶଭୂତ । ପ୍ରତ୍ୟେକ ଆତ୍ମା ମଧ୍ୟରେ ଥିବା ତାଦାତ୍ମ୍ୟ କୁ ଅନୁଭବ କରାଇବା ପାଇଁ ମୁଁ ମୋ ଭିତରର ଯନ୍ତ୍ରଣାକୁ ତମକୁ ଅନୁଭବ କରାଇଲି" ଆତ୍ମାନଂ ସର୍ବ ଭୂତେଷୁ । ସମସ୍ତ ଜୀବ ଦେହରେ ପରମାତ୍ମା ବିରାଜିତ ତେଣୁ 'ଜୀବେଦୟା' ପ୍ରତ୍ୟେକ ମଣିଷର ପରମ କର୍ତ୍ତବ୍ୟ । ସାଧୁସନ୍ଥଙ୍କର ଏହା କେବଳ ଉପଦେଶ ନୁହେଁ ବରଂ ପ୍ରଧାନ ଧର୍ମ ଅଟେ । ସେଥିପାଇଁ ଜୀବଜନ୍ତୁ, ଗଛବୃକ୍ଷ ମଧ୍ୟ ସେମାନଙ୍କ ସହ ବାର୍ତ୍ତାଳାପ କରିଥାନ୍ତି।ନେପାଳ ଭ୍ରମଣ ସମୟରେ ଥରେ ସ୍ୱାମୀଜୀ ନେପାଳର ଘଞ୍ଚ ଅରଣ୍ୟରେ ତପସ୍ୟାରତ ଥିବା ସମୟରେ ଏକ ଘଟଣାଟିଏ ଘଟିଥିଲା । ନେପାଳର ପ୍ରତିପତ୍ତିଶାଳୀ ରାଣା ଥରେ ଶିକାର କରିବା ଉଦ୍ଦେଶ୍ୟରେ ଅରଣ୍ୟକୁ ଆସିଥାନ୍ତି। ଜଙ୍ଗଲ ରେ ଏକ ମହାବଳ ବାଘକୁ ଶିକାର କରିବା ପାଇଁ ତାକୁ ଅନୁସରଣ କରି ବାଘର ଶରୀରକୁ ଭାଲ ନିକ୍ଷେପ କରଥାନ୍ତି । କିନ୍ତୁ ତାହା ବାରମ୍ବାର ଲକ୍ଷଚ୍ୟୁତ ହେଉଥାଏ । ଭୟଭୀତ ବାଘଟି ଆଗରେ ଏବଂ ଘୋଡାପୃଷ୍ଠରେ ବସି ରାଣା ତା' ପଛରେ ଦୌଡୁଥାନ୍ତି । ଶେଷରେ ରାଣା ତା' ପଛରେ ଧାଇଁ ଧାଇଁ ଆସି ଏକ ଅଦ୍ଭୁତ ଦୃଶ୍ୟ ଦେଖିଲେ। ଏକ ଛାୟାଦାର ବୃକ୍ଷମୂଳରେ ଜଣେ ବିଶାଳ ବପୁ ଧାରୀ ଯୋଗୀଙ୍କ ପାଦତଳେ ମହାବଳ ବାଘ ଶାୟିତ ଅବସ୍ଥାରେ ଅଛି ଏବଂ ଯୋଗୀରାଜ ତାକୁ ପୋଷା ବିରାଡି ପରି ସ୍ନେହରେ ଆଉଁଷି ଦେଉଛନ୍ତି । ଶିକାରୀ ରାଣାଙ୍କୁ ଦେଖିବା ପରେ ଯୋଗୀ ତ୍ରୈଲଙ୍ଗ ସ୍ୱାମୀ ତାଙ୍କ ଉଦ୍ଦେଶ୍ୟରେ କହିଲେ-

"ଆସ ରାଣା ଆସ । ଏ ମହାପଶୁ ତୁମର କୌଣସି କ୍ଷତି କରିବ ନାହିଁ । ମଣିଷ ପରି ଏ ମଧ୍ୟ ପରମାତ୍ମାଙ୍କ ସନ୍ତାନ। ଯେ ପର୍ଯ୍ୟନ୍ତ ମଣିଷ ଜୀବଜନ୍ତୁଙ୍କର କ୍ଷତି ନ କରିଛି ସେପର୍ଯ୍ୟନ୍ତ ସେମାନେ ବି ମଣିଷର କ୍ଷତି କରନ୍ତି ନାହିଁ। ପଶୁପକ୍ଷୀ ବି ବୁଝନ୍ତି ପ୍ରେମର ଭାଷା।ସାଧୁସନ୍ଥ, ଯୋଗୀ ମୁନି ନିର୍ଭୟରେ ଜଂଗଲରେ ରହି ତପସ୍ୟା କରନ୍ତି କିନ୍ତୁ

ହିଂସ୍ର ଶ୍ୱାପଦ ତାଙ୍କର କୌଣସି କ୍ଷତି କରନ୍ତିନି । ନିଜେ ବଞ୍ଚି ଅନ୍ୟକୁ ବଞ୍ଚିବାକୁ ଦିଅ।ପରମାତ୍ମାଙ୍କ ନିର୍ଦ୍ଦେଶ ଅଟେ।ମୁଁ ଥାଉ ଥାଉ ସାମାନ୍ୟ ଜିହ୍ୱାର ଲାଳସାରେ ତୁମେ ଏହାକୁ ମାରିପାରିବ ନାହିଁ"।

ରାଣା ଯୋଗୀଙ୍କ ପାଦତଳେ ପଡି କ୍ଷମା ମାଗିଲେ ଏବଂ ଭବିଷ୍ୟତରେ ଆଉ ଏପରି ଅପରାଧ କରିବେ ନାହିଁ ବୋଲି ପ୍ରତିଶୃତି ଦେଲେ । ରାଜ୍ୟକୁ ଫେରି ସେ ନେପାଳ ନରେଶଙ୍କୁ ଏହି ଅଦ୍ଭୁତ ଯୋଗୀଙ୍କ ବିଷୟରେ କହିବାରୁ ନେପାଳର ରାଜା ସଦଳବଳେ ଆସି ଅନେକ ଧନରତ୍ନ ସାଂଗରେ ନେଇ ଯୋଗୀଙ୍କ ଦର୍ଶନ ପାଇଁ ଉପସ୍ଥିତ ହେଲେ । ଯୋଗୀ ତାଙ୍କୁ ଆଶିର୍ବାଦ କଲେ ଏବଂ ସାଂଗରେ ଆଣିଥିବା ଧନରତ୍ନକୁ ଗରିବଙ୍କ ମଧ୍ୟରେ ବାଣ୍ଟିଦେବାକୁ ଆଦେଶ ଦେଲେ । ଦେଖୁ ଦେଖୁ ନେପାଳରେ ଯୋଗୀଙ୍କ ପ୍ରସିଦ୍ଧି ବ୍ୟାପିଗଲା । ଲୋକଙ୍କ ଠାରୁ ଦୂରତା ରକ୍ଷାପାଇଁ ତ୍ରୈଲଙ୍ଗ ସ୍ୱାମୀ ସେହିସ୍ଥାନ ପରିତ୍ୟାଗ କଲେ।

ମହାଯୋଗୀ ସର୍ବଦା ଲୋକଗହଳିକୁ ପରିତ୍ୟାଗ କରୁଥିଲେ ବି ଲୋକମାନେ ତାଙ୍କ ପିଛା ଛାଡୁ ନ ଥିଲେ କାରଣ ତାଙ୍କର ଯୋଗଶକ୍ତି ଏତେ ପ୍ରବଳ ଥିଲା ଯେ ତାଙ୍କୁ ଦର୍ଶନ କରିବା ମାତ୍ରେ ଲୋକଙ୍କ ଦୁଃଖ କଷ୍ଟ ଉଭେଇ ଯାଉଥିଲା । କାଶୀ ର ତୁଳସୀ ବଗିଚାରେ ଅବସ୍ଥାନ କରୁଥିବା ସମୟରେ ପାଦରେ ଚାଲି ଚାଲି ଯାଉଥିବା ସମୟରେ ଏକ କୁଷ୍ଠରୋଗୀକୁ ସେ ଭୀଷଣ ଯନ୍ତ୍ରଣାରେ କଷ୍ଟ ପାଉଥିବାର ଦେଖିଲେ।ତାକୁ ଦେଖି ତାଙ୍କ ଚିତ୍ତ କରୁଣାରେ ବିଗଳିତ ହୋଇଗଲା।କାଶୀ ବିଶ୍ୱନାଥଙ୍କ ଦେହଲଗା ଏକ ବେଲପତ୍ର କୁ ସେ ରୋଗୀକୁ ଖାଇବା ପାଇଁ ଦେବାମାତ୍ରେ ତତ୍ କ୍ଷଣାତ ରୋଗୀଟି ସଂପୂର୍ଣ୍ଣ ରୋଗମୁକ୍ତ ହୋଇ ସୁସ୍ଥ ହୋଇଗଲା। କାଶୀରେ ସ୍ୱାମୀଜୀ ଦେଢଶହ ବର୍ଷ ଅବସ୍ଥାନ କରିଥିଲେ । ତାଙ୍କର ପ୍ରଚଣ୍ଡ ଯୋଗଶକ୍ତି ଯୋଗୁଁ କାଶୀବାସୀ ତାଙ୍କୁ ସଚଳ ବିଶ୍ୱନାଥ ବୋଲି କହୁଥିଲେ।

ଅଳ୍ପାହାରୀ ଥିଲେ ମଧ୍ୟ ସେ ଥିଲେ ଦୀର୍ଘାୟୁ । ଦୀର୍ଘ ତିନିଶହ ବର୍ଷ ଜୀବନ ଅବଧି କାଳରେ ସେ ଅନେକ ସିଦ୍ଧ ମହାପୁରୁଷଙ୍କ ସଂସର୍ଗ୍ଗ ରେ ଆସିଥିଲେ । ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ସାଧକ ବାମାକ୍ଷେପା, ସ୍ୱାମୀ ଶିବାନନ୍ଦ,ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀ, ଲାହିଡି ମହାଶୟଙ୍କ ପରି ଉଚ୍ଚତର ଐଶୀ ସଂପନ୍ନ ମହାତ୍ମା ତାଙ୍କୁ ଶ୍ରଦ୍ଧା, ସମ୍ମାନ ଓ ଭକ୍ତି କରୁଥିଲେ । ଥରେ ରାମକୃଷ୍ଣ ପରମହଂସ ତାଙ୍କ ସହ ସାକ୍ଷାତ କରିବା ପାଇଁ ଆସି ତନ୍ନ ତନ୍ନ କରି ତାଙ୍କ ଶରୀରର ଲକ୍ଷଣ ସବୁ ପରୀକ୍ଷା କରି କହିଥିଲେ ଯେ ତ୍ରୈଲଙ୍ଗ ସ୍ୱାମୀ କୌଣସି ସାଧାରଣ ସନ୍ୟାସୀ ନୁହଁନ୍ତି । ସେ ହେଉଛନ୍ତି ପ୍ରକୃତ ପରମହଂସ ଏବଂ ସାକ୍ଷାତ କାଶୀ ବିଶ୍ୱେଶ୍ୱରଙ୍କ ଜୀବନ୍ତ ସ୍ୱରୂପ ।

ଲାହିଡି ମହାଶୟ ଥିଲେ ଯୋଗୀରାଜ ତ୍ରୈଲଙ୍ଗ ସ୍ୱାମୀଙ୍କ ପରମ ମିତ୍ର । ଅଧିକାଂଶ ସମୟରେ ଉଭୟେ ଏକତ୍ର ଧ୍ୟାନରେ ବସୁଥିଲେ । ଥରେ ସେ କାଶୀ ରେ ଲାହାଡି ମହାଶୟଙ୍କୁ ସାର୍ବଜନୀକ ସ୍ୱାଗତ କରିବା ପାଇଁ ଏକ ସ୍ୱାଗତ ପର୍ବର ଆୟୋଜନ କଲେ । ତାଙ୍କୁ ଏପରି କରିବା ଦେଖି କିଛି ସାଧୁ ସନ୍ୟାସୀ ତାଙ୍କୁ ପ୍ରଶ୍ନ କରିଥିଲେ ଯେ ଲାହିଡି ମହାଶୟ ଜଣେ ଗୃହସ୍ଥ ଯୋଗୀ । ସେ ନିଜେ ଜଣେ ସନ୍ୟାସୀ ହୋଇ ମଧ୍ୟ ତାଙ୍କୁ ଏପରି ଭାବରେ ସମ୍ମାନ ଜଣାଇବାର କାରଣ କଣ ? ପ୍ରତ୍ୟୁତ୍ତରରେ ତ୍ରୈଲଙ୍ଗ ସ୍ୱାମୀ କହିଥିଲେ ଯେ ଲାହିଡି ମହାଶୟ ଗୃହସ୍ଥ ହେଲେ ମଧ୍ୟ ଦିବ୍ୟ ଜନନୀଙ୍କ ପ୍ରିୟ ଶିଶୁ । ଲାହିଡି ଯେଉଁଠି ଥାଆନ୍ତି ମହାଶକ୍ତି ମଧ୍ୟ ସେଠାରେ ଉପସ୍ଥିତ ହୋଇଯାଆନ୍ତି । ଯେଉଁ ମହାଶକ୍ତିଙ୍କୁ ପାଇବା ପାଇଁ ସେ ନିଜର କୌପୁନୀ ପର୍ଯ୍ୟନ୍ତ ତ୍ୟାଗ କରିଦେଇଛନ୍ତି ଲାହିଡି ତାଙ୍କୁ ଗୃହସ୍ଥାଶ୍ରମରେ ରହି ପ୍ରାପ୍ତ ହୋଇଛନ୍ତି । "ଆତ୍ମଭୋଳା ସନ୍ୟାସୀ ତ୍ରୈଲଙ୍ଗ ବେଳେ ବେଳେ ଅବୋଧ ଶିଶୁ ଭଳି ଆଚରଣ କରୁଥିଲେ । କେବେ କେବେ ଗଂଗା ଭିତରେ ଘଣ୍ଟା ଘଣ୍ଟା ଧରି ବୁଡି ରହୁଥିଲେ ତ କେବେ କେବେ ଗଂଗା ପାଣି ଉପରେ ବସି ରହୁଥିଲେ ପୁଣି କେବେ କେବେ ଛୋଟ ବାଳକ ପରି ଗଂଗା ସ୍ରୋତରେ ହାତଗୋଡ ଛାଟି ସନ୍ତରଣ କରୁଥିଲେ । ଥରେ ଗଂଗାର ମଝି ସ୍ରୋତରେ ସନ୍ତରଣ କରୁ କରୁ ଅଚାନକ କାଶୀ ନରେଶଙ୍କ ନାଆ ସମ୍ମୁଖକୁ ଚାଲି ଆସିଲେ। କାଶୀରାଜା ତାଙ୍କୁ ଗଭୀର ସମ୍ମାନ କରୁଥିଲେ । ସେ ମହାତ୍ମାଙ୍କୁ ନିଜ ନାଆକୁ ନେଇ ଆସିଲେ । ତ୍ରୈଲଙ୍ଗ ସ୍ୱାମୀ ରାଜାଙ୍କ ଅଣ୍ଟାରେ ଖୋସିଥିବା ସୁନାର ତରବାରୀଟିକୁ ହାତରେ ଧରି ଖେଳୁ ଖେଳୁ ହଠାତ୍ ଗଂଗାର ପାଣିକୁ ଫିଙ୍ଗିଦେଲେ । ସ୍ୱାମିଜୀଙ୍କ ଏତାଦୃଶ କାର୍ଯ୍ୟ ରାଜାଙ୍କୁ ଖୁବ୍ ବ୍ୟଥିତ କଲା । ସେହି ତରବାରୀଟି ତାଙ୍କର ଖୁବ୍ ପ୍ରୀୟ ଥିଲା ଏବଂ ତାଙ୍କ ବୀରତ୍ୱ ପାଇଁ ଏହା ଏକ ଉପହାର ଥିଲା। ରାଜା ମନେ ମନେ କ୍ଷୁର୍ଣ୍ଣ ହୋଇ ସନ୍ୟାସୀଙ୍କୁ ଏଥିପାଇଁ

ଦଣ୍ଡ ଦେବାପାଇଁ ଯୋଜନା କଲେ । ତ୍ରୈଲଙ୍ଗ ସ୍ୱାମୀ ରାଜାଙ୍କ ମନୋଭାବ ଜାଣିପାରି ମନେ ମନେ ହସିଲେ ଏବଂ ଗଂଗାର ଗଭୀର ପାଣିକୁ ହାତ ବଢାଇଲେ । ତାଙ୍କ ହାତରେ ରାଜାଙ୍କ ଖଣ୍ଡା ଧରି ତିନୋଟି ଖଣ୍ଡା ଥିଲା । ସନ୍ୟାସୀ କହିଲେ ଯେ, ଏହା ମଧ୍ୟରୁ ଯେଉଁଟି ରାଜାଙ୍କ ଖଣ୍ଡା ଅଟେ ସେ ତାକୁ ଚିହ୍ନି ନିଅନ୍ତୁ । ରାଜା କିନ୍ତୁ ନିଜର ପ୍ରିୟ ଖଣ୍ଡାକୁ ଚିହ୍ନି ପାରିଲେ ନାହିଁ । ସନ୍ୟାସୀ ତାଙ୍କୁ କହିଲେ-

ରାଜା, ନିଜର ପ୍ରିୟ ବସ୍ତୁଟିକୁ ତୁମେ ନିଜର ପ୍ରିୟ ବୋଲି ଦାବି କରୁଛ ଅଥଚ ତାକୁ ଚିହ୍ନି ପାରୁନାହଁ ? ଏ ସଂସାରର ସମସ୍ତ ବସ୍ତୁ ଅଳିକ । ଏପରିକି ପ୍ରିୟ ଶରୀର ମଧ୍ୟ । ଏହି ନାଶବାନ ପଦାର୍ଥ ପ୍ରତି ଏତେଟା ମୋହ ସମିଚୀନ ନୁହେଁ । ରାଜା ହୋଇ ମଧ୍ୟ ତୁମେ ସାଧାରଣ ମଣିଷ ପରି ଅଜ୍ଞାନ ଅଟ । ତୁମର ଚକ୍ଷୁ ଖୋଲିବା ପାଇଁ ମୁଁ ଏହି ଘଟଣାଟି ଘଟାଇଥିଲି । ଉଠ, ଜାଗ୍ରତ ହୁଅ । ଆତ୍ମଦର୍ଶୀ ହୁଅ । " ରାଜା ନିଜର ଭୁଲ୍ ବୁଝିପାରିଲେ ଏବଂ ଲଜ୍ଜିତ ହୋଇ ସ୍ୱାମୀଜୀଙ୍କୁ କ୍ଷମା ମାଗିଲେ ।ସ୍ୱାମୀଜୀ ତାଙ୍କୁ ଆଶିର୍ବାଦ କରି ପୁଣି ଗଂଗାକୁ ଡେଇଁ ପଡିଲେ ।


ଥରେ ସ୍ୱାମୀଜୀ ନର୍ମଦା ନଦୀ କୂଳରେ ଏକ କୁଟୀର କରି ରହୁଥିବା ବେଳେ ଦୁଗ୍ଧପାନ କରିବା ପାଇଁ ଇଚ୍ଛା କଲେ ଏବଂ ଗଂଗା କୂଳକୁ ଚାଲିଗଲେ । ହଠାତ୍ ଗଂଗାର ଜଳଧାର ଦୁଗ୍ଧଧାରରେ ପରିଣତ ହୋଇଗଲା ଏବଂ ସ୍ୱାମୀଜୀ ଆଂଜୁଳା ଆଂଜୁଳା ଦୁଗ୍ଧ ପାନ କରିବାକୁ ଲାଗିଲେ । ନିକଟସ୍ଥ କୁଟୀରରେ ରହୁଥିବା ଖାକୀବାବା ନାମକ ଜଣେ ପ୍ରସିଦ୍ଧ ସନ୍ଥ ଏହି ଦୃଶ୍ୟକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ଦୁଗ୍ଧପାନ ଆଶାରେ ସେ ଗଂଗାର ଜଳକୁ ସ୍ପର୍ଶ କରିବା ମାତ୍ରେ ତାହା ପୁଣି ଜଳରେ ପରିଣତ ହୋଇଗଲା । ଖାକୀବାବା ଅନୁଭବ କଲେ ଯେ ତ୍ରୈଲଙ୍ଗ ଜଣେ ଉଚ୍ଚକୋଟୀର ଯୋଗୀ ଅଟନ୍ତି।

ସବୁବେଳେ ସମାଜ ସ୍ୱାର୍ଥପର ଓ ଅହଂକାରୀ ମଣିଷର ପଛରେ ଗୋଡାଇଥାଏ ଏବଂ ସରଳ, ନିରହଂକାରୀ ମଣିଷଙ୍କୁ ଅପମାନ ଦେଇଥାଏ । ଥରେ କାଶୀ ବିଶ୍ୱନାଥ ମନ୍ଦିର କୁ ପୂଜାର୍ଚ୍ଚନା କରିବା ପାଇଁ ଯାଉଥିବା ଏକ ମହିଳା ତ୍ରୈଲଙ୍ଗ ସ୍ୱାମୀଙ୍କୁ ଅତ୍ୟନ୍ତ ଅପମାନସୂଚକ ସ୍ୱରରେ ଭର୍ତ୍ସନା କଲା । ସ୍ୱାମୀଜୀଙ୍କ ଅପରାଧ ଏତିକି ମାତ୍ର ଥିଲା ଯେ, ସେଠି ବହୁତ ଭିଡ ଥିଲା ଏବଂ ସ୍ୱାମୀଜୀ ଏକ ଚଉଡା ଗଳି ରାସ୍ତାକୁ ଆବୋରି ରହିଥିଲେ। ସେ ଉଲଗ୍ନ ଥିଲେ ଏବଂ ତାଙ୍କର ବିଶାଳ ଶରୀର ଯୋଗୁଁ ସେହି ମହିଳାଙ୍କୁ ମନ୍ଦିରକୁ ପ୍ରବେଶ କରିବା ପାଇଁ ରାସ୍ତା ମିଳୁ ନଥିଲା । ମହିଳାଙ୍କ ଗାଳି କିନ୍ତୁ ସ୍ୱାମୀଜୀଙ୍କ ଉପରେ କୌଣସି ପ୍ରଭାବ ପକାଇପାରିଲା ନାହିଁ । ସେହି ଆତ୍ମଭୋଳା ତ' ସେଇଠି ଛିଡାହୋଇ ଭୋଳେବାବାଙ୍କ ଭିତରେ ସମାହିତ ହୋଇସାରିଥିଲେ । ସାଧୁସନ୍ଥଙ୍କୁ ଅପମାନ ଦେବାଟା କିନ୍ତୁ ମହିଳାଙ୍କୁ ତା'ର ପରିଣାମ ଭୋଗିବାକୁ ପଡିଲା । ରାତିରେ ବାବା ବିଶ୍ୱନାଥ ସେହି ଉଗ୍ରା ମହିଳାଙ୍କୁ ଦର୍ଶନ ଦେଇ କହିଲେ ଯେ, ତାଙ୍କର ଅଭିଷ୍ଟ କେବେ ବି ପୁରଣ ହେବନି କାରଣ ସେ(ମହିଳା) ତାଙ୍କୁ କୁବାକ୍ୟ କହି ଅପମାନ ଦେଇଛନ୍ତି । ତ୍ରୈଲଙ୍ଗ ଏବଂ ତାଙ୍କ ମଧ୍ୟରେ କୌଣସି ଫରକ୍ ନାହିଁ । ମହିଳାଙ୍କୁ ଏକଥା ଖୁବ୍ ବାଧିଲା ।ତାଙ୍କ ସ୍ୱାମୀ ଦୁରାରୋଗ୍ୟ ପେଟ ବ୍ୟାଧିରେ ପୀଡିତ ଥିଲେ । ତାଙ୍କ ପେଟ ଭିତରେ ଘା' ହୋଇ ସଂକ୍ରମଣ ତୀବ୍ର ଥିଲା । ସେ ନିଜର ସ୍ୱାମୀଙ୍କ ଜୀବନ ରକ୍ଷା ପାଇଁ ସଂକଳ୍ପ କରି ବାବା ବିଶ୍ୱନାଥଙ୍କ ବ୍ରତ କରୁଥିଲେ । ପରଦିନ ସକାଳେ ମହିଳା ଜଣକ ଯାଇ ତ୍ରୈଲଙ୍ଗ ସ୍ୱାମୀଙ୍କ ଶରଣାପନ୍ନ ହୋଇ କ୍ଷମାଭିକ୍ଷା କଲେ ଏବଂ ନିଜର ସ୍ୱାମୀଙ୍କୁ ରୋଗମୁକ୍ତ କରିବା ପାଇଁ ପ୍ରାର୍ଥନା କଲେ । ସ୍ୱାମୀଜୀଙ୍କ ଆଶିର୍ବାଦରେ ମହିଳାଙ୍କ ସ୍ୱାମୀ ଆରୋଗ୍ୟ ଲାଭ କଲେ । ଭାରତୀୟ ସାଧୁସନ୍ଥଙ୍କ ତ୍ୟାଗ ଓ ବିଶ୍ୱ କଲ୍ୟାଣର କୌଣସି ତୁଳନା ନାହିଁ । ସେମାନଙ୍କର ତ୍ୟାଗ,ବଳିଦାନ ଓ ନିଃସ୍ୱାର୍ଥପର ସେବା ଯୋଗେ ଯୁଗେ ମଣିଷ ସମାଜର ମାର୍ଗଦର୍ଶନ କରିଆସିଛି । ଆଜି ଯେଉଁ ସାମାଜିକ ଅଧୋଃପତନର ସମୟ ଉପସ୍ଥିତ ହୋଇଛି । ସେହି ସାଧୁ ମହାତ୍ମାଙ୍କ ଆଶିର୍ବାଦ ଆଜି ଅଧିକ ଆବଶ୍ୟକ ଅନୁଭବ ହେଉଛି । କିନ୍ତୁ ଆଜି କେଉଁଠି ସେପରି ବିଶ୍ୱକଲ୍ୟାଣବ୍ରତୀ ସାଧୁସନ୍ଥ ? ସବୁଠି ଚାଲିଛି କେବଳ ପୋଷାକ ଓ ବେଶଭୁଷାର ଭଣ୍ଡ ଖେଳ ।

■■■

**ହରିପୁର କଲାଁ, ମହିମାନନ୍ଦ ଆଶ୍ରମ ପାଖ,**
**ହରିଦ୍ୱାର, ଉତ୍ତରାଖଣ୍ଡ**


# ପଦ୍ୟ ବିଭାଗ



# ଗଙ୍ଗାଧର ମେହେର ଜୟନ୍ତୀ

ରୀତା ମିଶ୍ର





ଶ୍ରାବଣ ମାସର ପୂର୍ଣ୍ଣମୀ ତିଥି ଯେ
ରାକ୍ଷୀ ପୂର୍ଣ୍ଣିମା ଟି ପୁଣି
ଏପରି ପବିତ୍ର ଦିନରେ ଜନ୍ମିଲ
ଓଡିଆ ଭାଷା ବିନ୍ଧାଣୀ ।
ପଶ୍ଚିମ ଓଡ଼ିଶା ବରପାଲି ଗ୍ରାମ
ଜନ୍ମଭୂମି ଅଟେ ତୁମ
ଓଡ଼ିଶାର ଗର୍ବ ଗାରିମା ତୁମେ ଯେ
କିଏ ଅଛି ତୁମ ସମ ?
ପ୍ରାଚୁର୍ଯ୍ୟରୁ ତୁମେ ଥିଲ ବହୁଦୂରେ
ଅନାଟନେ ବାଲ୍ୟକାଳ
ବିତାଇଥିଲ ହେ ତୁଙ୍ଗ କବିବର
ବିଦ୍ୟାରେ ପଡିଲା ଡୋର ।
ବିଦ୍ୟା ନୁହେଁ ଜ୍ଞାନ ପାଇଁ ମାପକାଠି
ଜଗତେ କଲ ପ୍ରମାଣ
କେତେ କାବ୍ୟଗ୍ରନ୍ଥ ରଚନା କରିଲ
ଭରିଦେଲ ତହିଁ ପ୍ରାଣ ।
ଓଡ଼ିଆ ଭାଷାର ମଙ୍ଗ ଧରିଥିଲ
କରି ଭାଷା ଆନ୍ଦୋଳନ
ଭାଷାର ସୁରକ୍ଷା ପାଇଁ କରିଥିଲ
ଲେଖନୀ ମୁନକୁ ଟାଣ ।

ଓଡ଼ିଆ ଭାଷା ସାହିତ୍ୟରେ ତୁମେ
ଅସାମାନ୍ୟ ପ୍ରତିଭାର
ଅଧିକାରୀ ହୋଇ କେତେ ରାଗେ ଛନ୍ଦେ
ସଙ୍କଳନ ସୃଷ୍ଟି କଲ ।
"ରସରତ୍ନାକର","ପ୍ରଣୟବଲ୍ଲରୀ"
"ମହିମା" ଆଉ "ପଦ୍ମିନୀ"
ରଚିଗଲ ଇତିହାସ ଏଇ ଭୂମେ
ଲେଖି ପୁଣି"ତପସ୍ୱିନୀ" ।
"ସ୍ୱଭାବ କବି"ଯେ ଉପାଧି ପାଇଲ
ପ୍ରକୃତିକୁ ଭଲ ପାଇ
ମାତୃଭୂମି ମାତୃଭାଷା ପାଇଁ ସଦା
ତବ ହୃଦ କାନ୍ଦୁଥାଇ ।
ମାତୃଭୂମି ମାତୃଭାଷାରେ ମମତା
ଯାହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?
ଏହିପରି ଲେଖା ରାଜ୍ୟବାସୀ ପାଇଁ
ଦେଉଥିଲ ପରା ଭେଟି
ତୁମରି ସୃଷ୍ଟିରେ ଜାଗି ଉଠୁଥିଲେ
ସମଗ୍ର ଓଡ଼ିଆ ଜାତି ।
ହେ ମହାନ କବି ! ହୃଦେ ଆଙ୍କି ଛବି
ପୁଣ୍ୟତିଥି ଜନ୍ମଦିନେ
ନତ ମସ୍ତକରେ କୋଟି ପ୍ରଣିପାତ
କରେ ତବ ଶ୍ରୀଚରଣେ ।

■■■

ଶାସ୍ତ୍ରୀ ନଗର, ଭୁବନେଶ୍ୱର
ମୋ :୮୨୮୦୧୭୦୧୭୯

# ବର୍ଷା



ଇଂ. ଶଶିଭୂଷଣ ରଥ

ଅହରହ ପୋଷ ପୋଷ ବିଷ ପିଉଥିବା
ମୂକ ପୃଥିବୀର ଶୋଷ କ'ଣ ମେଣ୍ଟାଇପାରେ ବର୍ଷା?
ମୂକ ମାଟି ହିଁ ସାକ୍ଷୀ ପ୍ରଥମ ବର୍ଷାର
ତଥାପି ତାକୁ ବିଷ ପିଆଇ ଚାଲିଛି ମଣିଷ,
ନାହିଁ ତା'ର ଅବଶୋସ ।
ଗ୍ରାସି ସାରିଲେଣି ଅଯୋଗ୍ୟ କାପୁରୁଷମାନେ
ଜଳ ସ୍ଥଳ ଆକାଶ ଭାରାକ୍ରାନ୍ତ ଅକର୍ମରେ
ନଖ ଦାନ୍ତରେ ସେମାନଙ୍କ ପାଶବିକତାର ଦାଗ
ତଥାପି ତୁମେ ତୁମ ଶୁଭ ମୁହୂର୍ତ୍ତକୁ ଅପେକ୍ଷା କରିଚାଲିଛ ।
ତୁମ ଛାଇ ପରା ଶ୍ରାବଣର ମେଘ
ତୁମେ ପରା ଉଦ୍ଗମ ହେବ ବର୍ଷନ୍ତ ରାତିରେ
ସୃଜିବାକୁ ଆଉ ଏକ ନିଶ୍ଚିନ୍ତ ପୃଥିବୀ
ନିଜ ଇଚ୍ଛା ଅନୁସାରେ ।
ମୁଁ ଜାଣେ ବର୍ଷ ବର୍ଷ ଏପରି ବର୍ଷା ହେଉଥିବ
ନା ହେବ ତୁମର ଉଭାସ ନା ଉଦ୍ଗମ ;
ମେଘ ଡମ୍ବରୁ ବାଜି ଚାଲିଥିବ
ତୁମ ଅନନ୍ତ ଶୟନର ଅନ୍ତ ପର୍ଯ୍ୟନ୍ତ ।
ସୀମିତ ଆକାଶରୁ ସୀମିତ ବର୍ଷାର ଆଡମ୍ବର
କାଳବକ୍ଷକୁ ମନୋରମ କରି ଚାଲିଥିବ
ଭୂଭାଗରେ ଉଦ୍ଭିଦମାନଙ୍କୁ ପୁନଃବିନ୍ୟାସ କରୁଥିବ
ଏବଂ ଋତୁଚକ୍ରକୁ ବାରମ୍ବାର ପ୍ରମାଣ କରୁଥିବ ।
ପୃଥିବୀ ଅପେକ୍ଷା କରି ଚାଲିଥାଏ
ନିଦାଘରେ ନିଜ ଛାତିରୁ ଶୂନ୍ୟକୁ ଯାଇଥିବା
ବିନ୍ଦୁଏ ପାଣିର ଘର ଲେଉଟାଣି ବେଳକୁ
ବର୍ଷ ବର୍ଷ ଚାଲିଥାଏ ଏ ଯାତ୍ରା ଓ ପ୍ରତୀକ୍ଷା ।
ତଥାପି ବର୍ଷା ପରେ ମଧୁମୟ ହୋଇଯାଏ ସବୁକିଛି
ମହମହ ମାଟି ଗନ୍ଧ ମିଶିଯାଏ
ମଣିଷର ଦେହ ମାଟିରେ, ଆଉ ମନ ଆକାଶରେ,
ଶିରା ପ୍ରଶିରା ରକ୍ତକଣିକାର ଜୀବନୀରେ ।
କ୍ଷଣକରେ ମଣିଷର ପାଦଚିହ୍ନ ବି ମିଶିଯାଏ ମାଟିରେ ;
ଭାବିଥିଲି ବର୍ଷା ପଡି ପାଦଚିହ୍ନକୁ ଅଙ୍କୁରୋଦ୍ଗମ ହେବ,
ଅସମ୍ଭବ ସମ୍ଭବ ହେବ
ବର୍ଷା କିନ୍ତୁ ସେମିତି କିଛି କରେନା ।
ଏ ପୃଥିବୀରେ ମଣିଷ ତିଆରି ପଥର ଖୋଦେଇ
ଦେବତା ଆଉ ସନ୍ଥଙ୍କ ମିଛ ପାଦଚିହ୍ନ ପୂଜା ପାଏ,
ସୈକତରେ ସତ ପାଦଚିହ୍ନ ସବୁ
ନିଶ୍ଚିହ୍ନ କରିଦିଏ ବର୍ଷା ସବୁଦିନ ପାଇଁ ।



■■■

ସାଇ ରେସିଡେନ୍ସି,
ଗୋଠପାଟଣା, ଭୁବନେଶ୍ୱର
ମୋ:୮୮୯୫୫୦୦୫୪୩

ଇ-ପତ୍ରିକା
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା, ୧ ଅଗଷ୍ଟ ୨୦୨୩

# ସାରା ଆକାଶ ତୁମପରି

ଶିବପ୍ରିୟା ମିଶ୍ର





ଆଜି ଆକାଶର ପଶ୍ଚିମ ଦିଗଟା
କେଜାଣି କାହିଁକି ବେଶ୍ ଲାଲ୍ ଦିଶୁଥିଲା
ସେଦିନ ତୁମେ ଓ ମୁଁ
ନିଜ ନିଜ ମୋଡଣିରେ
ଛିଡ଼ା ହେବାବେଳେ
ଯେମିତି ଲାଲ୍ ଦିଶୁଥିଲା ତୁମ ମୁହଁ।

ନୁଆଁଣିଆ ଘରର ବାଉଁଶ ବତା
ଖସିବା ଆଗରୁ ମୁଁ କାଢି ନେଇଥିଲି
କାନ୍ଥରେ ଟଙ୍ଗା ଆଇନା
ଯୋଉଥିରେ ନିତି ସକାଳେ
ମୋ ମୁହଁ ଜାଗାରେ
ଦିଶୁଥିଲା ତୁମ ମୁହଁ।

ଝଡ ରୋକିବାର
କୋଉ ସାହସ ଅଛି ଯେ!
ଜାଣିଛି,ଉଜୁଡି ଯିବ ଛାତ
ଅସରାଏ ବୋଲି ବର୍ଷାରେ
କୁଣିଆ ହେଇ ଝରି ଆସିବେ
ଧାର ଧାର ପାଣି
ମୁଁ ଖଟ ଡେରିବା ଆଗରୁ
ବସିଯାଇଥିବେ ବିଛଣା ,ବାକ୍ସ
ତାଳପତ୍ରର ଚଟେଇ ଉପରେ ବି
ମୁଁ ଚୁପ୍ କିନା ଛାତିରେ
ଲୁଚେଇବି ବୋଲି
ଛାଣି ଆଣିଥିବା ଚିଠିରେ ବି
ଦିଶୁଥିଲା ତୁମ ମୁହଁ।

ବହୁଥାଉ ଅଣଚାଶ ବତାସ
ଭିଜୁଥାଉ ବର୍ଷାରେ ଦିଗ ଦିଗନ୍ତ
ଘୋଷୁଥାଆନ୍ତୁ ପକ୍ଷୀମାନେ
ଯୁଗ ଯୁଗରୁ ମୁଖସ୍ଥ କରିଥିବା ଗୀତ
ମସଗୁଲ୍ ଥାଆନ୍ତୁ ଫୁଲ ମାନେ
ନିଜ ନିଜ ସୁନ୍ଦରୀପଣରେ
ଉଇହୁଙ୍କା ତଳେ ଶୋଇଥାଉ
ଫଣାରେ ପୃଥିବୀକୁ ଧରି
କ୍ଲାନ୍ତ ହେଇଥିବା ନାଗ
ମୋତେ କିନ୍ତୁ ମୋ ଆଖିରେ
ଏଇମିତି ତୁମ ପରି ଦିଶୁଥାଉ
ସାରା ଆକାଶର ମୁହଁ।

■■■

ସଦସ୍ୟା ଓଡ଼ିଶା ସାହିତ୍ୟ ଏକାଡେମୀ,
ଝାରସୁଗୁଡ଼ା,
ମୋ:୯୮୬୧୨୩୫୨୧୧

# ଭିଜା ମାଟି ଭିଜା ମନ

ପିନାକୀ ମିଶ୍ର



ଉପରକୁ ଅଳପ ହସ
ଭିତରେ ଥିରି କଂପନ

ମୌସୁମୀ ସ୍ପର୍ଶରେ ଏତେ କାଉଁରୀ
ରସଘନ ଲଗ୍ନରେ ଚହଲାନଉକା ଛଇ

ଦରଜ ଭୁଲିଛି ଫଟା ଭୂଇଁ
ପାଦପ ସହିଛି ଯାତନା
ଏବେ  ମେଘମେଘ ଆକାଶ କି ମାଟିମନସ୍କ  !
ପାଗ ବାନ୍ଧିଛି ବସୁମତୀ , ଫୁଲ ବି ଫୁଲେଇ  ।

ଲୁଚିଥାଉ ନିଜ ଦୁଃଖ
ଡହକତାତିର ଜ୍ୱାଳା ପରେ
ବିଳାସିନୀ ବର୍ଷା ଡାକୁଛି  ଆ ରେ ପଥିକ  ।



ଫିକା ପଡିଥିବା ମନକୁ ଶୁଣାଏ ନଇଗୀତ
ଚାଲୁଚାଲୁ ଦେଖାଏ ମାଛଡିଆଁ
ପତରଧୁଆ ପାଣିଥୋପା ତଳେ ବସିପଡେ
ଚାଳନିଗିଡା ଧାର ଆଖିସହ  କେତେ କଥାହୁଏ
ତେଣେ ବାଉଳା ବଉଦର ଠିକଣା ହଜିଯାଏ ।

ଭିଜା ମାଟି ଭିଜା ମନ
ଚୁପ୍ ରହିବନି ଜମା
ମିଳନଋତୁରେ କାରଣ ପୁଛିବା ମନା ।

ମେଘରାତି ବଢାଏ ତାତି
ଭାବୁଭାବୁ ବେଳେବେଳେ ହସିଦିଏ ଦୂତୀ ,
ଖଟରେ ବି ଏକଡସେକଡ  ଦୋଳି
ସାଇଁସାଇଁ ପବନକୁ  ରହିରହି ବିଜୁଳି
କିଟିକିଟି ଅଂଧାରରେ ମାଟିଆକାଶର ମଧୁରଆଳାପ

ସପନରେ ବଣିକ ଆସୁ
ଖରା ନଥିବା ସକାଳ ହିସାବ କଲେକରୁ
ପୁଣ୍ଣ କି ପାପ  ,
ତେଣେ ନଈନାଳ ସବୁ ଗର୍ଭବତୀ  ।

ଶୁଭ୍ରଜ୍ୟୋସ୍ନା,
ଜେଲ୍ ରୋଡ୍, କେନ୍ଦୁଝର
ମୋ:୯୪୩୮୧୧୮୩୯୭

■■■

# ଜୀବନ ଦି’ ଦିନର

ବିଦ୍ୟାଧର ଗୁରୁ



ମୋର ମୋର କହି ଯାହା କହୁ ଦମ୍ଭେ
ନଥିଲା କେବେ ସେ ତୋର
ସୂରୁଜ ବୁଡ଼ିଲେ ପକ୍ଷୀ ଫେରିଯିବ
ଯହିଁ ବାସ ଥାଏ ତା’ର ।

ଯେତେ ଅହମିକା ଯେତେ ରାଗ ରଷା
ମିଶିବ ସବୁ ମାଟିରେ
ରହି ନାହିଁ କା’ର ବଡ଼ପଣିଆଟି
ଏଇ ଭବ-ପାରାବାରେ ।



ପକ୍ଷୀ ଉଡ଼ିଯିବ ଛାଡ଼ି ଦିନେ ବୃକ୍ଷ
ଖୋଜି କଳପ-ବଟକୁ
ଜୀବାତ୍ମା ସଂସାରେ ଘୂରି ବୁଲୁଥିବ
ନୂଆ ବସା ବାନ୍ଧିବାକୁ ।

ଆଜି ମଲେ କାଲି ହେବ ଦୁଇ ଦିନ
ନିୟମଟି ସଂସାରର
ମିଛଟାରେ କାହିଁ ହେଉ ହରବର
କିଛି ବି ନୁହିଁଇ ତୋର ।

କରିଥିବୁ ଯଦି ଧରମ ମହୀରେ
ସେଇଟି ହେବ ସାହାରେ
ଆଉ ସବୁ କଥା ମିଛ ଦୁନିଆରେ
ଏ କଥା ରଖ ମନରେ ।

ଜନମ-ମୃତ୍ୟୁର ମଝିରେ ଜୀବନ
ଅଳପ ଦିନର କଥା
ସେବା, ଧର୍ମକାତ ଧରିଲେ ସୁଦୃଢ଼େ
ହରିବ ମନରୁ ବ୍ୟଥା ।

■■■

ୟୁନିଟ୍ -୯, ଭୁବନେଶ୍ୱର

ଇପତ୍ରିକା
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା, ୧ ଅଗଷ୍ଟ ୨୦୨୩

# ପ୍ରେମ

ଡ. ସଂଘମିତ୍ରା ଭଞ୍ଜ



ତମେ ଥରେ ପଚାରିଲ
ମଣିଷ ପ୍ରେମ କାହିଁ କରେ?
କରିବାକୁ ଚାହିଁ କ'ଣ
କେହି ପ୍ରେମ କରିପାରେ?
ସେ ତ' ଏକ ଅନୁଭବ
ଅଦୂର ସୀମାନ୍ତ ଟପି
ଆହ୍ଲାଦର କ୍ଷଣ ପାଇଁ
ସେ ତ' ବେଦନା
ଝୁରି ଝୁରି ନ ପାଇବା ପାଇଁ
ସେ ତ' ଚେତନା
ବଞ୍ଚିଥିବା ଯାଏଁ
ପାଇହେବ ନାହିଁ ଜାଣି
ଛଟପଟ ହୋଇ ହୋଇ
ଶେଷ ହେବା ପାଇଁ ।
ସବୁ ଜାଣି କାହିଁକି କେଜାଣି
ସବୁ ପ୍ରେମରେ ପଡ଼ନ୍ତି।
କେହି କେହି ଜଳନ୍ତି ବୋଲି ହିଁ ତ' ବଞ୍ଚନ୍ତି।
ପ୍ରେମର ସେ ଅଦେଖା ନିଆଁରେ
ଜଳିବାର ଦୁର୍ବାର ସେ ତୃଷ୍ଣା
ପ୍ରେମର ଜ୍ୱଳନ ହୁଏ
ମୃତବତ୍ ମଣିଷଟେ ପାଇଁ
ବଞ୍ଚିବାର ସର୍ବଶେଷ ଆଶ୍ରା ।



■■■

ବିଭାଗ ମୁଖ୍ୟ, ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ
ଭୁବନେଶ୍ୱର

ଇ-ପତ୍ରିକା
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା, ୧ ଅଗଷ୍ଟ ୨୦୨୩

# ମୋ ପାଖେ ଖବର ନାହିଁ

ବସନ୍ତ କୁମାର ଦାସ



ବୁଲିପଡ଼ି ଯେବେ ଦେଖୁଛି ସଂସାର
ସେହିପରି ଆଉ ନାହିଁ
ବଦଳି ଯାଇଛି ମୋହ ମାୟା ପ୍ରୀତି
ମତେ ତ ଖବର ନାହିଁ ।।

ଗଣିବାକୁ ଡର କେତେ ପାଦଚିହ୍ନ
କେଉଁଠି ଆସିଛି ଛାଡି
ମୁଁ ସିନା ଚାଲୁଛି ଭୁଲିଛି ଚାଲୁଛି
ଭଙ୍ଗା ବାଡ଼ିଟିଏ ଧରି ।
କେତେ ବାହୁନିଛି ଭୁଲ ବୁଝନାହିଁ
କାହାକୁ ଖବର ନାହିଁ,
ବୁଲିପଡ଼ି ଯେବେ ଦେଖୁଛି ସଂସାର
ସେହିପରି ଆଉ ନାହିଁ ।।



ଯେତେ ଯାହାଥିଲା ମୋ ନିଜ ସମ୍ପତି
ସବୁ ମୁଁ ଦେଇଛି ବାଣ୍ଟି
ଶୂନ୍ୟହାତ ଦେଖି କେତେ ଫେରିଛନ୍ତି
ନିଜ ବାଟ ନିଜେ କାଟି ।
ପର କରିଦେଲି ଅପବାଦ ନେଲି
ମୋ ପାଖେ ଖବର ନାହିଁ,
ବୁଲିପଡ଼ି ଯେବେ ଦେଖୁଛି ସଂସାର
ସେହିପରି ଆଉ ନାହିଁ ।।

■■■

ବରମୁଣ୍ଡା ଗ୍ରାମ, ଭୁବନେଶ୍ୱର
ମୋ:୭୦୦୮୬୯୩୯୦୩



# ଲିଖିତ ଦସ୍ତାବିଜ୍

**ଅଞ୍ଜଳି ଆଚାର୍ଯ୍ୟ**



ପଥର ସେ
ଲିଖିତ ତା ଦେହରେ
ଅନେକ ଦସ୍ତାବିଜ।
ଅବୁଝା ଦସ୍ତାବିଜ କୁ
ବୁଝିବା ପଣ ନେଇ
ଅନେକ ଅଳି କରେ ତୁମ ଠାରେ ।
ହେଲେ ତୁମ ପାଖରେ ତ
ଉତ୍ତର ଗଚ୍ଛିତ ଥିଲା ଭଳି ଲାଗେନା ।
ଅନ୍ଧାରରେ ଆକାଶର କଳା ମେଘରୁ
ଲୁଚେଇ ଧାରେ ଆନ୍ଧାର
ତମେ ଅଜାଡ଼ି ଦିଅ ମୋ ଅଣ୍ଟିରେ ।
କୁହ ସତେ ଅବା ସେ ମିଛର ନଅର !
ମଣିଷ ବି କୁଆଡ଼େ ପଥର ହୁଏ !
ମଳୟ ବାତ୍ୟା ରୂପରେ ଘୂର୍ଣ୍ଣିଝଡ କରେ
ହେଲେ ସେ ପଥର ସ୍ଥିର ନିଶ୍ଚଳ
ହୃଦୟ କାଇଁ ତା'ର ଯେ !
ତା ଦେହରେ ବୋହିଯିବ
କରୁଣାର ମହାସିନ୍ଧୁ ?
ଦସ୍ତାବିଜ କେବେ କେବେ କଥା କୁହନ୍ତି ।
ମୁଁ ବୁଝେ ତୁମେ ବି ତ ବୁଝିପାର
ଏଇ ଅବୁଝା ବୁଝା ପଣକୁ ନେଇ
ଆନ୍ଦୋଳିତ ମନ
ଚୁପଚାପ ଗୋଟିଏ ଜାଗାରେ
ଆସି ବସନ୍ତି ।
ବିରାଜେ ଧିମା ବହଳ ବିବଶତା
ସ୍ତବ୍ଧ ଆଖି ବାକ୍ ରହିତ ପରିବେଶ ।
ସ୍ଥିତି କୁ ନେଇ ସମୟ ଚୋରାଇ ନିଏ
ହାତରୁ ଦୁଇ ଘଣ୍ଟା ।
ଫେରିବାର ତ ଥାଏ
ମୁଁ ଫେରିଆସେ ମୋ ବାଟରେ
ଆଉ ତୁମେ ଏକାଗ୍ର ନୟନେ
ଦେଖୁଥାଅ ମୋ ପଥକୁ ।

■■■

ପ୍ରାଚୀ ଏନ୍‌କ୍ଲେଭ୍, ଚନ୍ଦ୍ରଶେଖରପୁର୍,
ଭୁବନେଶ୍ୱର୍
ମୋ : ୭୮୯୪୨ ୩୫୪୦୦

# ସେଇ ଗୀତ ପଦକ

ଜୟନ୍ତିକା



ଆକାଶର ନୀଳିମାରେ
ଗୁନ୍ଥି ହୋଇ ରହିଥିବା ଗୀତପଦକ
ଝରି ଆସିଲା ବର୍ଷା ହୋଇ,
ବିଲ ବନ ଗଛପତ୍ର
ଭିଜିଗଲେ ସେ ବର୍ଷାରେ ।

ହୃଦୟର ଅବ୍ୟକ୍ତ କଥା କିଛି
ଝରି ଆସିଲା ସଂଗୀତ ରୂପରେ
ବନ ପ୍ରାନ୍ତରରେ ଶୁଭିଲା ତା'ର ପ୍ରତିଧ୍ୱନୀ ।



ଫୁଲଟିଏ ଫୁଟିଲା
ମହକରେ ତା'ର ଉଲ୍ଲସିତ ହେଲା ଚତୁର୍ଦିଗ।
ସମ୍ବେଦନାରେ ପୁଷ୍ଟ ହେଲା ପୃଥିବୀ,
ଉଲୁସି ଉଠିଲା ସମୁଦ୍ର,
ଲୁଣି ଅହଂକାର ତା'ର
ନମ୍ର ହେଲା କ୍ଷଣକାଳ ପାଇଁ,
ଉଦ୍ଧତ ପବନ ସୁଲୁସୁଲିଆ ବାଆ ପାଲଟିଲା
ଗୀତର ମୃତ୍ୟୁ ଥିଲା ?

■■■

ଭୁବନେଶ୍ୱର

# ଆଷାଢ଼ ଆକାଶେ

ମନୋରମା ମିଶ୍ର



ଆଷାଢ ଆକାଶେ ବର୍ଷା ଗୋ ତୁମେ
ଅଭିସାରେ ଯେବେ ଆସ ,
ଢଳଢଳ ତୁମ ଅଙ୍ଗେ ଝଟକେ
କଳାମେଘୀ ଘନ ବାସ ।

ନାଚଇ ମୟୂର ଦେଖାଇ ଛଟକ
ଝୁରଇ କେତକୀ ଲୁଚାଇ ଲୋତକ
ଘନ ଗରଜନେ ଫୁଟାଅ ଅଧୀରେ
ବିଜୁଳି ଅଝଟ ହାସ ।
ଆଷାଢ ଆକାଶେ...



ଝରଝର ଝରି ଭିଜାଅ ଏ ମାଟି
ମଧୁର ଝଙ୍କାରେ ଭରିଯାଏ ଛାତି
ଧରଣୀ ବୁକୁରେ ସବୁଜିମା ଭରି
ରଚ ଅନୁପମ ରାସ ।
ଆଷାଢ ଆକାଶେ...

ଖୋଜିଆଣ ସାଥେ ହଜିଲା ପୀରତି
ମରମ ତଳରେ ବାଜେ ପ୍ରେମଗୀତି
ମୃଦୁମୃଦୁ ମଧୁ ପ୍ରଣୟବାସରେ
ବାସିଯାଏ ଚଉପାଶ ।
ଆଷାଢ ଆକାଶେ...

ମନବୀଣା ତାରେ ମିଳନ ମନ୍ତ୍ର
କଦମ୍ବ ଦଳରେ କାମନା ସୂତ୍ର
ଭରିଦେଇ ତୁମେ ଅୟସୀକନ୍ୟା
ଆକାଶୁ ଓହ୍ଲାଇ ଆସ ।
ଆଷାଢ ଆକାଶେ...

■■■

ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧
ମୋ : ୯୮୭୧୫୭୮୫୩୨

# ତ୍ରୀମୂର୍ତ୍ତି ଚେତନା

ଡ. ଲାଲା ସେନାପତି



ଜଗନ୍ନାଥ ତୁମେ !
ଅନନ୍ତ ଚେତନା
ଅଦ୍ଭୁତ ମହିମା
ଯୁଗ ଯୁଗାନ୍ତର ଆଧାର
ଶାନ୍ତି ମୈତ୍ରୀ ପ୍ରୀତି
ସ୍ନେହ କରୁଣାର
ଅମିତ ଭାବର ଭଣ୍ଡାର ।
କ୍ଷିତି ଅପ, ତେଜ,
ମରୁତ ବ୍ୟୋମରେ
ପଞ୍ଚଭୂତେ ଜୀବ ନିର୍ମିତ
ଏ ଜୀବଟି ନିତ୍ୟ
ସୂକ୍ଷ୍ମ ସ୍ୱରୂପରେ
ଅବ୍ୟୟ ରୂପେ ବିରାଜିତ ।
ତୁମେ ଅଣାକାର
ତୁମେ ନିରାକାର
ପୁଣି ସାକାର ବିଗ୍ରହବନ୍ତ
ତୁମେ ସର୍ବନାମ
ଅଟ ପରଂବ୍ରହ୍ମ
ତ୍ରିମୂର୍ତ୍ତି ଚେତନା ଅନନ୍ତ ।



ଜଗମୋହନ ନଗର, ଭୁବନେଶ୍ୱର

# ଦିଅ ଟିକେ କୃପାବାରି

ଶ୍ରୀମତୀ ଶୁଭ୍ରା ନନ୍ଦ



ହେ କେଶବ
ଘୋର ବନସ୍ତ ରେ ବିକଳେ
ମୃଗୁଣୀ ଡାକିଲା ପରି
ମୁଁ ବି ଡାକୁଛି ପ୍ରଭୁ ଗୁମୁରି ଗୁମୁରି
ଏମାୟା ସଂସାର ଯନ୍ତ୍ରଣା ଭିତରେ
ଟିକେ ତୁମ କୃପା ପ୍ରାପ୍ତିର ଆଶାରେ
ତୁମ ଦର୍ଶନ ପାଇଁ ଇଚ୍ଛା କଲେ ମଧ
ରୁଦ୍ଧ ଯେ ତୁମ ସିଂହ ଦୁଆର
ତୁମ ରତ୍ନ ସଂହାସନ ଲାଗେ ମୋତେ ବହୁଦୂର
ସତେ ଅବା ସାତସମୁଦ୍ର ପାରି
ମୋ ହୃଦ କନ୍ଦରରେ ଫୁଟାଇଛ
ଶତଦଳ କମଳ
ଭକତି ର ପୁଷ୍ପ ହାର
ତୁମର ସେ ପନ୍ଚଜନ୍ୟ ର ମଧୁର ମାଧୁର୍ଯ୍ୟମୟ
ଶବଦ ରେ ଉଚ୍ଛନ୍ନ ହୋଇଯାଏ ମୋ ମନ ଓ କର୍ଣ
ଶ୍ରାବଣ ର ମେଘ ପରି ବହୁଛି ମୋ ଅଶ୍ରୁ ଧାର ,
ଆସ ଆସ ହେ କେଶବ ପ୍ରାଣ ଧନମୋର
ତୁମ ସ୍ୱର୍ଶ ରେ ଲିଭିଯାଉ  ଦୁଃଖ ମୋ କୋହର
କର ଯୋଡି ମାଗୁଛି ମୋକ୍ଷ ଟିକେ ଦିଅ ହେ ଶ୍ରୀହରି
ଚାହେଁ ଖାଲି ତୁମ ସତ୍ତା ତୋଳି ନିଅ ମୋତେ
ତୁମ ଶ୍ରୀଭୁଜ ବିସ୍ତାରି ।



■■■

ପ୍ଲଟ ନଂ – ୧୯୪, କପିଳପ୍ରସାଦ,ଭୁବନେଶ୍ୱର

# ସ୍ୱଭାବକବି ଗଙ୍ଗାଧର

ଶରତ କୁମାରୀ ମିଶ୍ର



ଜନ୍ମ ହୋଇଥିଲ ତୁମେ ବରପାଲି ଠାରେ
ଅଠର ଶହ ବାଷଠୀ ରାକ୍ଷୀ ପୂର୍ଣ୍ଣିମା ରେ
ହେ ଅମୃତ ସନ୍ଧାନୀ କବି ଗଙ୍ଗାଧର ମେହେର
ସବୁଜ ବନ କାନନ ପ୍ରକୃତିରେ ଆଦର
ସେଥିପାଇଁ ତୁମେ ହେଲ ପ୍ରକୃତିର କବି
ତୁମ ଲେଖା ପାଠ କରି ଅଛି ଅନୁଭବି ।

ସତ୍ୟ ଧର୍ମ ନିଷ୍ଠ ତଥା ଆଦର୍ଶର କବି
ଅମୃତ ସନ୍ଧାନୀ ଆଉ ମଧୁମୟ ଛବି
ବିଶ୍ୱ ରେ ଦେଖି ଅଛ ସବୁ ମଧୁମୟ
ତୁମେ ଲେଖିଅଛ କାବ୍ୟ କବିତା ଉଭୟ ।



ପ୍ରାଚୀନ ଭାରତୀୟ ପରମ୍ପରା ନେଇ
ଲେଖିଛ କାବ୍ୟ କବିତା ନୂଆ ରୂପ ଦେଇ
ବ୍ୟାସ, କାଳିଦାସ, ଶ୍ରୀ ହର୍ଷ,ମାଘ, ବାଲ୍ମିକୀ
ସମସ୍ତଙ୍କ ରଚନା କୁ ପଢିଚ ନିରେଖି ।

ସେଥିରୁ ଚୟନ କରି ବିଷୟ ବସ୍ତୁକୁ
ରଚନା କରିଛ ତୁମେ ସାହିତ୍ୟ ପୁଷ୍ପକୁ
ତୁମ ସୀତା ବନବାସ, ପ୍ରଣୟ ବଲ୍ଲରୀ,
ରସ ରତ୍ନାକର, ଇନ୍ଦୁମତୀ, ଅର୍ଘ୍ୟଥାଳୀ
ତା' ସହିତ ଲେଖିଛ  କାବ୍ୟ ସମୂହ
ସେଥିରୁ ଚିତ୍ରିତ ହୁଏ ତୁମ ପରିଚୟ ।

ତୁମ କବି ପ୍ରତିଭାର କଳା ର କୋଣାର୍କ
ଅଟେ ପୁଣି ତପସ୍ୱିନୀ ସେତ ମହା କାବ୍ୟ
ଏହା ଏକ କମନୀୟ କଳା ଶିଳ୍ପ ଅଟେ
ତୁମ ରଚନାର ବୈଚିତ୍ର୍ୟ ଓ ବୈଭବକୁ ଭେଟେ ।

ତୁମ ପରି ଆଉ କେହି ଲେଖି ପାରେ ନାହିଁ
ହେ ସ୍ୱଭାବ କବି ତବ ସମସରି କାହିଁ
ଜନ୍ମ ଜୟନ୍ତୀ ରେ  ଘେନ କୋଟି ନମସ୍କାର
ତୁମେ ଏକ ସୁନ୍ଦର ପଦ୍ମ ଉତ୍କଳ ବାଣୀ ଭଣ୍ଡାର ର ।

ଆଇ. ଆର୍. ସି. ଭିଲେଜ୍,
ଭୁବନେଶ୍ୱର

■■■

# ମେଘ

ଗଜାନନ ମିଶ୍ର





ଗାଏମୋଟ ଯାଇଛି ଛିଣ୍ଡି ମେଘଙ୍କ ଡେଣା !
କଟି ଯାଇଛି ତଳ ଉପର ହେଉ ହେଉ ସବୁ ସୂତ୍ର
ମାଟି ଆଉ ଆକାଶର !

ଯେତେ ଯାହା ଗଛଙ୍କ ଡାଳପତ୍ର
ଆଉ ଫୁଲଫଳ ସବୁ ଆତଙ୍କିତ
ଚାଲୁ ନି ଡଙ୍ଗା ପାଣିରେ କି ଉଡୁ ନି
ପବନରେ ଜରି ପୋଷାକ।

ବର୍ଷ ପରେ ବର୍ଷ ଝରକା କବାଟ ମେଲା
ଆଉ ଚାଲିଛି ମଂଜିବୁଣା
ମେଲା ଅଗଣା, ଯାହାକୁ ଯିଏ
ପାରୁଛି ଯୋଉଠି କରିଚାଲିଛି ବଣା ।

ଯାହା ବି ଥାଉ, କରିବାର ନାଇଁ ଦୁଃଖ,
ଯଦିଓ ବିପର୍ଯ୍ୟସ୍ତ ପରିବହନ ବ୍ୟବସ୍ଥା
ଥାଉ ଖାଲି ଶକ୍ତି ସ୍ମୃତି ସହିତ ଯିବାର ।

■■■

ତପୋବନ, ଟିଟିଲାଗଡ଼

# ଡୋରି

ଜ୍ୟୋତିପ୍ରକାଶ ଗଡ଼ତ୍ୟା



ଏମିତି ଘଟିବାର ଥିଲା
ବୋଧହୁଏ !
ଘଟିଗଲା ଅପ୍ରତ୍ୟାଶିତ ଭାବେ
ଛିଣ୍ଡିଗଲା ଅବେଳରେ
ତୁମ ଦର୍ଶନର, ତୁମ ବନ୍ଧନର ଡୋରି
ସହଯାତ୍ରୀଙ୍କ ସହ ଯେମିତି ମୁଁ ଯାଉଛି
ସୁଲ୍‌ତାନ୍‌ଗଞ୍ଜ୍‌ରୁ ଦେଓଘର
ସଙ୍କଳ୍ପର ଜଳଧାର ଭାରକୁ ବୋହି
ଦୂରବାଟ ଚାଲିବାର, ରେଳଯାତ୍ରା
ଗାଡ଼ିରେ ଭକତର ବୋଲବମ୍ ଧ୍ୱନି
ରଙ୍ଗବେରଙ୍ଗ ପରିଚ୍ଛଦ
ପ୍ରକୃତିର ଅପରୂପ ସବୁଜିମା
ଆଉ, ବର୍ଷାର ଲୁଚକାଳି ଖେଳ
ସବୁ ଯେମିତି ନାଚିଯାଉଛି
ମୋ' ମାନସପଟରେ
ମୋ' ଘରକୁ ତୁମ ମନ୍ଦିରକରି
ଥରେ ଟାଣିଦିଅ
ତୁମ ବନ୍ଧନର ଡୋରି
ଧନ୍ୟ ହେବ ପ୍ରଭୁ !
ଲଙ୍ଘି ମୋ ଜୀବନ ତରୀ
ଗାନ କରି, ତୁମ କୃପା ବାରି
ଏବଂ ଦର୍ଶନର ଡୋରି ।



■■■

ସର୍ଗିଗୁଡ଼ା, ଟିଟିଲାଗଡ଼, ବଲାଙ୍ଗିର୍
ମୋ: ୯୬୫୮୮୭୭୫୫୨

ଇ-ପତ୍ରିକା
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା, ୧ ଅଗଷ୍ଟ ୨୦୨୩

# ଆସ୍

(କୋଶ୍‌ଲୀ କବିତା)

**ଯୋଗେଶ ମିଶ୍ର**



ତମେ ଆର୍ ଥରେ ଫିରି ନାଁଇ ଆଏତ
ତୁମର ମାନ୍ ଅଭିମାନ୍ ଆଉ୍ ରୁଷା କେ
କେଉ୍ ନି କେତେ ଦୁରେ ଫିଙ୍କି ଦେଇକରି
ଉତରି ନାଁଇ ଆଏତ ଘାଏ
ପୁରଥି ର ଘାସ ର ପଛରା ଉପର୍ କେ
ବଉଲିଆ ଧୁକାର୍ ହୁଲ୍ ହୁଲିଆ ଯାଡ଼େ
ଥରି ଥରି ଡାହିଥି ଗୁଲାପ ମାନେ
ସୁନେଇ ଦେତେ
ଆମର୍ ଗଲା ଦିନର୍ ହଜଲା କଥା
ମୋର୍ ମନର୍ ଭଙ୍ଗା ବଁଏସିଥି
ଆସାର ସୁର୍ ଟେ ଧରଁତି
କୁଇଲି ରାନି ତାର୍ ମିଠା ସୁରେ
ତମର୍ କଥା ମୋର୍ କାନେ
କହି ଦେଇ ଯାଏତା
କୁରେ ଫୁଲ୍ ଫୁଟି ଯାଏତା
ବାଏର୍ ତରାତରା
ଘାସର୍ ବିଛନା ଥି ପୁନି ଜନ୍
ହସି ଦେତା ମୁଲ୍ ମୁଲ୍
ଘର୍ ଦୁଆର୍ ନୁରି ଆନ୍ ତି
ଅଏଲତା  ଲଗା ତୁମର୍ ପାହାକେ
ହଯେଇ ଦେଁତି ଜୀବନର୍  ବାକିଦିନ୍
ତମର ହାତ୍ ଧରି ବାଟ୍ ଚାଲବାକେ ।



■■■

ଟିଟିଲାଗଡ଼, ବଲାଙ୍ଗିର
ପିନ୍-୭୬୭୦୩୩
ମୋ- ୮୯୧୭୩୯୬୩୪୮

# ଶେଷହୀନ ଯାତ୍ରା

ପ୍ରଫେସର ବୀଣାପାଣି ତ୍ରିପାଠୀ



ଏବଂ ଶେଷରେ
ଆମେ ଜ୍ଞାତ ସାରରେ
ଅଜ୍ଞାତ ହୋଇଗଲେ
ହଜିଗଲେ ଶୂନ୍ୟରେ
ନିଜ ନିଜ ନୀଡ଼ ଖୋଜୁ ଖୋଜୁ
ଭୁଲିଗଲେ ଆମ ପ୍ରୀତି ଦିଆନିଆ
ଆବେଗର ଅଜସ୍ର ମୁହୂର୍ତ୍ତ
ନିର୍ଭୟ ପ୍ରତିଶୃତି
ଶେଷ ଯାଏ ପାଖେ ପାଖେ ରହିବାର
ହଜେଇ ଦେଲେ ଜ୍ଞାତ ସାରରେ ହୃଦୟ ଠିକଣା
କୁହ ! କିଏ ବୁଝିପାରେ ଏ ଅବ୍ୟକ୍ତ ଯନ୍ତ୍ରଣା
ସବୁ ଅସମ୍ଭବକୁ ସମ୍ଭବ
କରିପାରିବାର ଦୃଢ଼ତା
କେମିତି ମିଳେଇଗଲା
ପାଣି ଫୋଟକା ପରି
ଆମେ ଆଉ ଆମେ ହୋଇ ରହିଲେନି
ରହିଲେନି ଆଗପରି
ଆମ ବିଦାୟ ବେଳାର ସେଇ ଶେଷ ଠୋପା ଲୁହ
ବରଫ ପାଲଟି ଲଟକି ରହିଛି ଆଖିକୋଣରେ
ନା ତରଳି ପଡୁଛି ନା ଉଡି ଯାଉଛି
ବାଷ୍ପ ହୋଇ ଅନ୍ତରୀକ୍ଷରେ
ଆମେ ଜ୍ଞାତରେ ଅଜ୍ଞାତ ହେଲାପରେ
ଜ୍ୟୋତି ବିହାର ରୁ ସମ୍ବଲପୁର
କେତେ ସମୟ ଲାଗୁଛି ପ୍ରିୟ
କେତେ ଦିନ କେତେ ବର୍ଷ
ନା ଏ ଜନ୍ମ ରୁ ଜନ୍ମାନ୍ତର !!



■■■

ମଧୁବନ, ଢେଙ୍କାନାଳ

# ଆନ୍ଦୋଳନ

ବିଷ୍ଣୁପ୍ରିୟା ମହାପାତ୍ର



ଗଣତନ୍ତ୍ର ଦେଶେ କି ଚାଲିଛି ଦେଖ
ତୋଷଣ,କଷଣ ନୀତି,
ଶୋଷକ ଶୋଷୁଛି ଶୋଷିତକୁ ପୁଣି
ରକ୍ତଶୋଷୀ ଜୀବପରି ।
ହନ୍ତସନ୍ତ ହୁଏ ନିରୀହ ମାନବ
ପେଟ ପୋଡ଼ି ଯାଏ ତା'ର,
ଚାଖଣ୍ଡେ ଯାଗାକୁ ପୋଷିବାର ପାଇଁ
ବୁଲୁଥାଏ ଦ୍ୱାର ଦ୍ୱାର ।
ଉଚ୍ଚ ଡିଗ୍ରୀ ଧାରୀ ଶିକ୍ଷିତ ମଣିଷ
ରାଜରାସ୍ତା ପରେ ରହି,
ଭିକ୍ଷୁକ ସଦୃଶ ଆନ୍ଦୋଳନ କରେ
ନ୍ୟାର୍ଯ୍ୟ ଅଧିକାର ପାଇଁ ।
କି ଶାସନ ଇଏ ଯେଉଁ ଠାରେ ନାହିଁ
ମାନବିକ ମୂଲ୍ୟବୋଧ,
ଅଧିକାର ପାଇଁ ଯୁଝୁଛି ମଣିଷ
ଦିନ ରାତି ରାତି ଦିନ ।
ଶିଶୁ କୋଳେ ଧରି ମା' ବସିଅଛି
ପ୍ରଚଣ୍ଡ ବତାସେ ଆଜି,
ସମାନ କାମକୁ ସମାନ ଦରମା
କରୁଅଛି ପୁଣି ଦାବି ।
ଚାହିଁ ଶୋଇବାର ଅଭିନୟ କରି
ଆଶୁ ସମାଧାନ ପାଇଁ,
ବାରମ୍ବାର ଚାଲେ ବିଲୁଆ ବିଚାର
ଫଳ କିଛି ମିଳେ ନାହିଁ ।
ସରକାର ସୃଷ୍ଟି ସମସ୍ତ ବିଭାଗେ
ନିତ୍ୟଚାଲେ ଧର୍ମଘଟ,
ନ୍ୟାର୍ଯ୍ୟ ଅଧିକାର ଅପ୍ରଦାନେ ନିଶ୍ଚେ
ପଡ଼ିବ ପ୍ରଭୁଙ୍କ ଛାଟ ।
ନିରୀହ ଲୋକଙ୍କ ପେଟ ପାଟଣାକୁ
କାହିଁକି ମାରୁଛ ଲାତ,
ହିଂସ୍ର ହୋଇଗଲେ ଭୋକିଲା ମଣିଷ
ଲିଭିଯିବ ତୁମ ସ୍ୱତ୍ୱ ।
ଯାହା ପାଇଁ ଆଜି ଶାସନ ଗାଦିରେ
ବସି ମୋଡୁଅଛ ନିଶ,
ପରାଭବ ତହିଁ ମିଳିବ ନିହାତି
ଏ କଥା ମିଥ୍ୟା ନୋହିବ ।
ଗଣ ଶାସନ ଏ ଯା' ପାଇଁ ଉଦ୍ଦିଷ୍ଟ
କଷ୍ଟ ପାଉଛି ସେ ନୀତି,
କି ହୋଇବ ସତେ ଏ ଦେଶର ଗତି
ମନେ ଆସେ ବହୁ ଭୀତି ।

■■■



ଅଧ୍ୟାପିକା, ଓଡ଼ିଆ ବିଭାଗ
ମହିମା ମହାବିଦ୍ୟାଳୟ, ଜୋରନ୍ଦା,ଢେଙ୍କାନାଳ
ମୋ: ୭୩୭୭୧୯୭୮୬୭



# ପ୍ରତୀକ୍ଷା

ନିହାରିକା ରାୟ ବରାଳ



ସମୁଦ୍ର ଆଉ ଆକାଶ
ମଝିରେ ମୁଁ ଠିଆ ହୋଇଛି
ଢେଉମାନେ ମଥା ପିଟୁଛନ୍ତି
ବେଳାଭୂମିରେ
ଫେରେଇ ଦେଇ ଯାଉଛନ୍ତି
ଯେତକ ମାନ,ଅଭିମାନ,
ଅବଶୋଷ ଓ ଅହଂକାରକୁ କୂଳରେ
ସାଙ୍ଗରେ ନେଇ ଯାଉଛନ୍ତି
ଉଦାସୀ ପଣ, ଭାରି ନିଃଶ୍ୱାସ,
କିଛି ଅନ୍ୟମନସ୍କତା,
ଜହ୍ନ ଆଲୁଅ ରେ ହସୁଛି ବେଳାଭୂମି
ତାରାମାନେ ଅଭିସାରିକା ବେଶରେ
ଚୁପଚାପ କଥା ହେଉଛନ୍ତି
ଆକାଶ ସାଥିରେ ।

ମୁଁ ନୀରବ ରେ ବସିଛି
ବେଳାଭୂମି ର ବାଲି ଗାଲିଚାରେ
ହିସାବ କରୁଛି
କେତେ ପାଇଲି କେତେ ହରାଇଲି
ଏଇ କ୍ଷଣିକ ଜୀବନର
ସୁଖ ଦୁଃଖର ସଂଚିତ କର୍ମରେ
ଏବେ ସମୟ କୂଳରେ
ଅପେକ୍ଷାରେ ବସିଛି
କେବେ ଡ଼ଙ୍ଗା ଆସିବ
ମୁଁ ବିଦାୟ ନେବି
ଶେଷ ଅଭିନୟ ସାରି
ନିହାତି ମାମୁଲି ମଣିଷଟେ ପରି
ଛାଡି ଯିବି ସ୍ମୃତି କିଛି
ସମ୍ପର୍କର ଦୋଛକିରେ
ଫେରିବା ରାସ୍ତା ରେ
ଖୋଜୁଥିବି କାହାମୁହଁ
ପ୍ରତିକ୍ଷିତ ବିଦାୟ ବେଳାରେ ।

■■■

ବି-୧୦, ପ୍ରତିଭା ଏନ୍‌କ୍ଲେଭ୍ ,
ବିଜେବି ନଗର, ଭୁବନେଶ୍ୱର-୧୪

# ଶ୍ରାବଣୀ

ଶୁଭଶ୍ରୀ ସିଂ



କହଲୋ ଶ୍ରାବଣୀ କାହିଁକି ତୁ ଠକିଦେଲୁ
ଶ୍ରାବଣ ମାସରେ ବସୁନ୍ଧରା ଫଟାଇଲୁ ।

ସଅଳ ଆସିବୁ ବୋଲି କଥା ଦେଇଥିଲୁ
ଉତ୍ତାପ କୋପେ ଧରା ଶିରାବଣେ ଦହିଲୁ ।

ମୌସୁମି କୁ ଭୁଲିଯାଇ କି ଲାଭ ପାଇଲୁ
ପ୍ରିୟତମା ସାଜି ହୋଇ ଆସିବୁ କହିଲୁ ।

ଆକାଶ ବୁକୁରେ ବାଣ ରୋଷଣୀକୁ ନେଇ
ନବବଧୂ ବେଶେ ଅମ୍ବରୁ ଆସିବୁ ଓହ୍ଲାଇ ।



ଚାହିଁଛି ତୋ ବାଟ କିମ୍ପାଇ ଆସିଲୁ ନାହିଁ
ମୌସୁମି ସାଥେ ଏତେ ଅଭିମାନ କି' ପାଇଁ ।

ବୃକ୍ଷଲତା  ଜୀବଜନ୍ତୁ ନଦୀ ପୁଷ୍କରିଣୀ
ଆକୁଳ ବ୍ୟାକୁଳେ ଚାହିଁଛନ୍ତି ସର୍ବପ୍ରାଣୀ ।

କୃଷକ  ଛାତିଫାଟି  କାନ୍ଦଇ  ଜଳ ବିନା
ଶ୍ରୀହୀନ ହେଲାଣି ଜନ ଜୀବନ ତୋ' ବିନା ।

ସବୁଜିମା ଧରଣୀ  ମରୁମୟ ହେଲାଣି
ଅଭିମାନ ତୋର ପାସୋରି ଦେ ଲୋ ଶ୍ରାବଣୀ ।

ଭରିଦେ ତୋର ଅମୃତ ଧାରା ସଂଜୀବନୀ
ସବୁଜିମା ଭରିଦେ ଶାନ୍ତ ହେଉ ଧରଣୀ ।

■■■

ଭୁବନେଶ୍ୱର
ମୋ - ୯୧୨୪୫୬୫୨୫୦

# ବର୍ଷାରାଣୀ

ସରୋଜଲକ୍ଷ୍ମୀ ମହାନ୍ତି





ଆକାଶର ରୋଷଣୀରେ
ମାଦଳ ବଜାଇ
ଅଭିମାନ ତେଜ ପ୍ରିୟେ
ଶ୍ରାବଣୀଗୋ ଛମ୍ ଛମ୍ ନାଚିଯାଅ
ମହ୍ଲାର ଗୀତୀ ଗାଇ
ତୃଷାତୁର  ଧରଣୀର
ଧୋଇଦିଅ ମନତଳ କ୍ଷତ
ଶାଗୁଆ ଓଢ଼ଣୀ ଢାଙ୍କି
ଚୁମ୍ବନରେ ଭରିଦିଅ ପ୍ରୀତିର ପରଶ
କଦମ୍ବର ଗଜରାରେ
ସଜାଅଗୋ
ବାସର ହାଂସୁଲି
ସାଧବ ବହୁଟି ଦେଖ ସାଜିଲାଣି
ପିନ୍ଧି ନାଲି ଶାଢ଼ୀ
ମଧୁ ମିଳନର ଗୀତି
ଗାଇଲେଣି କେକୀ ପୁଚ୍ଛଟେକି
ଫୁଲଫଳ ସମ୍ଭାରରେ  ଭରିଦିଅ
ବସୁନ୍ଧରା ଛାତି
ଶ୍ରାବଣୀ ଗୋ' ପଲ୍ଲବୀନି
ହିଲ୍ଲୋଳରେ ଆସ
ଆହ୍ଲାଦିତ ହେଉ ଧରା
ଅମୃତ ପରଶେ
ମାଧୁରୀ ଗୋ' ମଧୁମତୀ
ଅପରୂପା ରାଣୀ
ପ୍ରକୃତି ଲଳନା ଆସ
କଲ୍ୟାଣୀ ସୁନ୍ଦରୀ।

ନନ୍ଦନବିହାର, ଭୁବନେଶ୍ୱର

■■■

# କବିତା

**ଯଜ୍ଞଦତ୍ତ ସାମନ୍ତରାୟ**





କବିତା ବୋଲିକା
ଅମାନିଆ ଝିଅ
କେବେ କେମିତିଆ ଆସୁଛି,
ଅଧରାତି ଅବା
ପାହାନ୍ତା ପହରେ
ଧସେଇ ସିଏଟି ପଶୁଛି ।
ଯେତେ ମନାକଲେ
ମାନେ ନାହିଁ ଜମା
ମନ ଦରଜାକୁ ଖୋଲଇ,
ମନ ମଉଜରେ
ଶବଦ ସାଥୀରେ
ମନ ଅଗଣାରେ ବୁଲଇ।

■■■

ସମ୍ପାଦକ, ଗୁଞ୍ଜନ
କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ - ୯୩୩୭୪୪୪୯୨୪

# ତମ ଦୃଷ୍ଟିରେ ପ୍ରେମ

ଡ. ନଳିନୀ ବେହେରା



ତମେ ତାକୁ ଯେତିକି ବୁଝାଅ
ସେ ମିଠୁ ପରି ଘୋଷି ଘୋଷି ମୁଖସ୍ଥ କରିଦିଏ
ଈଶ୍ୱରଙ୍କ ବାଣୀ ପରି
ମୁଣ୍ଡ ନୁଆଁଇ ହୃଦୟର ଢାଙ୍କୁଣିରେ
ଘୋଡ଼େଇ ଦିଏ ।

ଯେତିକି ବିଶ୍ୱାସ ସେ ନିଜକୁ କରିନଥାଏ
ତାଠାରୁ ଅଧିକ
ଅବଧାନଙ୍କ ତାଟିଆ ପରି
ଭୟ ଆଉ ଭକ୍ତି କରେ ତମକୁ।
ଛେନା ଲହୁଣୀ ଖାଇ ବଡ଼ ହୋଇଥିବା ମଣିଷଟା
ନାରୀ ପାଇଁ ଈଶ୍ୱର
ଆଉ ଅଇଁଠା ଖାଇ ବଡ଼ ହୋଇଥିବା ନାରୀ
କେବେଳ ଦାସୀ ।

ପତିର ସେବାରେ ଥାଏ
କୋଟି କୈବଲ୍ୟ
ସେଥିପାଇଁ
ତମେ ବୁଝାଇଥିବା ପ୍ରତିଟି ଶବ୍ଦ
ବେଦ ମନ୍ତ୍ର ପରି ମୁଣ୍ଡ ନୁଆଇଁ
ବ୍ରତ ବୋଲି ମାନିନିଏ ।

ତମ ପ୍ରେମ
ହରିଣ ଓ ଶାର୍ଦ୍ଦୁଳ ସମ୍ପର୍କ ପରି
ଖାଦ୍ୟ ଓ ଖାଦକର ।
ତମ ମୁନିଆଁ ଦାନ୍ତର ଆଘାତରେ
ନାରୀର ଓଠରୁ ରକ୍ତ ଝରିଲେ
ତାକୁ ଚୁମ୍ବନ ବୋଲି ମନେକର ।
ତମର ଧାରୁଆ ନଖରେ
ଶରୀରଟା ଯନ୍ତ୍ରଣା ଭୋଗୁଥିଲେ ବି
ସେ ତାକୁ ପ୍ରେମ ମଣେ ।



ସମ୍ଭୋଗ,
ତମ ପାଇଁ
ଦେହ ଭୋଗର କ୍ରୀଡା ସ୍ଥଳୀ
ହେଲେ
ନାରୀପାଇଁ ନୈବେଦ୍ୟର ଥାଳି ।
ଧୂପ ଦୀପ ଫୁଲ ଚନ୍ଦନରେ
ସଜାଡି ରଖିଥାଏ
ତମ ନିରାଜନା ପାଇଁ ।

କେବେ ଦେଖିଛ
ହରିଣ ପ୍ରତି ବାଘର ଶ୍ରଦ୍ଧା ଭାବ ?
ବରଂ ହରିଣ କୁ
ସେ ନିଜର ଖାଦ୍ୟ ବୋଲି ଭାବିଥାଏ ।
ଭୋକ ଲାଗିଲେ
ଖାଦ୍ୟ ଅବଶ୍ୟ ଦରକାର
ସେଇଟା ମଣିଷ ର ହେଉ କି ପଶୁର
ସେଥିରେ କିଛି ବାଛି ବିଚାର ନଥାଏ ।

■■■

ଅଧ୍ୟାପିକା,ଓଡ଼ିଆ ବିଭାଗ
ବହୁଗ୍ରାମ ଡିଗ୍ରୀ କଲେଜ,
ବହୁଗ୍ରାମ, କଟକ



# ନାରୀ

ଅନ୍ନଦା ମିଶ୍ର



ନାରୀ ଏକ ଶବ୍ଦ  ନୁହେଁ
ଅମୃତ ର ଧାରା
ଜୀବନ ର ବୀଜମନ୍ତ୍ର
ଝରୁଥାଏ  ପରା
ନାରୀ ଏକ ଶବ୍ଦ ନୁହେଁ
ଅନେକ ଆତ୍ମାର ସମ୍ଭାର
କୁଳୁକୁଳୁ ବହେ ଯହିଁ ସୃଜନୀର ଧାର ।

କେବେ ସେ ଜନନୀ ପୁଣି
ଚିରସ୍ରୋତା ମମତାର  ଅଟେ ନିର୍ଝରିଣୀ
ଭଗିନୀ ରୂପେ ସ୍ନେହଶୀଳା ପୁଣ୍ୟତୋୟା
କେବେ ଅବା କନ୍ୟା ପୁଣି
କେବେ ଅଟେ ଜାୟା
ସବୁ ରୁପେ  ସର୍ବଂସହା ଶକ୍ତି ସ୍ୱରୁପିଣୀ
ସେଥିପାଇଁ ଧରାଧାମେ  ଅଟେ ବିଜୟିନୀ ।

ନାରୀ ଏକ ବସ୍ତୁ ନୁହେଁ
ବାଜିଲାଗେ ଝିମିଟି  ଖେଳରେ
ନାରୀ ଏକ ସମ୍ଭାବନା ସ୍ୱର୍ଣ୍ଣିମ ନୂତନ ସୂର୍ଯ୍ୟର
କୁରୁସଭା ସ୍ଥଳେ ଅବା ମଣିପୁରରେ
ବାର ବାର ହେଉଛି ଲୁଣ୍ଠିତା
ଏ ଧରା ବୁକୁରେ ।

ସମସ୍ତଙ୍କୁ ଆପଣାଏ
ତା ଅତ୍ମୀୟତା ପଣେ
ସମସ୍ତଙ୍କୁ  ବାନ୍ଧିରଖେ
ସ୍ନେହ ଶ୍ରଦ୍ଧା ବେଳେ
ନାରୀ ନୁହେଁ ଶବ୍ଦ ଏକ
ନାରୀ ଅଟେ ଗୀତା
ପୁଣି କେବେ ସେ ଧର୍ଷିତା
କେବେ ପୁଣି ପାଏ ଉପହାର
ସେ  ଯେ ବନ୍ଧ୍ୟା ଆଉ ଚରିତ୍ରହୀନାର
କର୍ତ୍ତବ୍ୟ ର ବୋଝ ତଳେ ନିତି ନିତି
ସ୍ୱପ୍ନ ତା'ର ହୁଏ ଛାରଖାର

ନାରୀ ଏକ ଶବ୍ଦ ନୁହେଁ
ନାରୀ ତ୍ୟାଗ ର ଭଣ୍ଡାର
ସ୍ନେହ ପ୍ରେମ କର୍ତ୍ତବ୍ୟର
ମୂର୍ତ୍ତିମନ୍ତ ଅବତାର

■■■



ବାଲିଅନ୍ତା, ଭୁବନେଶ୍ୱର
ମୋ-୮୨୪୯୪୪୧୦୮୪

ଇ-ପତ୍ରିକା
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା, ୧ ଅଗଷ୍ଟ ୨୦୨୩

# ପ୍ରିୟତମ

ପ୍ରବାସିନୀ ମିଶ୍ର



ମୋ ସହର ଯେବେ ତୁମ ଦ୍ୱିପାଦ ଛୁଇଁଲା
ପୁଲକରେ ହୃଦୟ ମୋ ଉଠିଲା ପଡିଲା
କେଜାଣି କେଉଁ ମୁହୂର୍ତ୍ତ ଥିଲା ମୋର ପାଇଁ
ତୁମ ଆଖି ସଙ୍ଗେ ଆଖି ମିଶିଗଲା ଯାଇ ।

ମେଘରୁ ମୁକୁତା ସବୁ ଝରି ଝଲସିଲା
ଫଗୁଣର ଫୁଲବନ ମହକି ଉଠିଲା
ଅବେଳରେ ଚାନ୍ଦ ଉଇଁ ଜୋଛନା ଢାଳିଲା
ମୋ ମନ ସାଗରର ଢେଉ ଉଚ୍ଛୁଳି ଉଠିଲା ।



ପଉଷ ପତର ସବୁ ପଲ୍ଲବିତ ହେଲେ
କୁଞ୍ଜବନେ କୋଇଲି ଯେ କୁହୁକୁହୁ କଲେ
ବିନା ଆଶ୍ୱିନରେ ଜହ୍ନିଫୁଲଙ୍କର ମେଳା
ମୋ ଆଖି ସହରେ ସପନ ଭିଡ଼ ଜମିଲା ।

ତୁମେ ମୋର ଆଉ କେହି ନୁହଁ ଜାଣିଗଲି
ନିଜଠାରୁ ପ୍ରିୟ ମୋର ପ୍ରିୟତମ ବୋଲି ।

■■■


ସମ୍ପାଦିକା, ଦିବ୍ୟ ଦର୍ଶନ, ପୁରୀ

# ସ୍ୱଭାବ କବି

ବୀରେଶ୍ୱର ମହାନ୍ତି



ପାବନ ଶ୍ରାବଣ ମାସରେ
ଜୋଛନା ପ୍ଲାବିତ ପୂର୍ଣମୀ ଜହ୍ନରେ
ହସୁଥିଲା ନଦୀ ପୁଷ୍କରିଣୀ କୂଳ
ଝଲସୁଥିଲା ବରପାଲି ବାଟଘାଟ
ପ୍ରକୃତି ଆନନ୍ଦେ ବିଭୋର
ଜନମିଛି କୋଳେ ପୂଜାରୀଟେ ତାର ।



ଓଡ଼ିଆଟେ ଯେବେ ଆଜି
ନିଜକୁ ଚିହ୍ନି ପାରେ ନାହିଁ
ବାଟ ବଣା ହୁଏ ଠିକଣା ହଜେଇ
ମାତୃଭାଷାରେ ପଦେ କଥା ହେବାପାଇଁ,
ନିଜ ଭାଷାକୁ ହତାଦର କରି
ଅନ୍ୟ ଭାଷା ପାଣ୍ଡିତ୍ୟରେ ଦେଖାଏ ବାହାଦୁରୀ !
ମନେ ପଡିଯାନ୍ତି ଆମ ପୂଜ୍ୟ ଗଙ୍ଗାଧର
ମାତୃଭୂମି ମାତୃଭାଷାରେ ଥିଲା ଯାହାଙ୍କ ଆଦର ।

ଥାଇ ସରଗରେ ହେ କବି ସ୍ୱଭାବ!
ଦେଖୁଥିବ ଓଡ଼ିଆଙ୍କ ହୀନମନା ଭାବ
ଉଚ୍ଚାରଣେ ଏ କି ବିଚିତ୍ର ବେଶଭୂଷା
ବୁଝି ହୁଏ ନାହିଁ ଓଡ଼ିଆ ନା
ଆଉ କେଉଁ ଭାଷା!

ଉତ୍କଳ ସମ୍ମିଳନୀ ମହାସ୍ରୋତେ
ନିଜକୁ ମିଶେଇ
ଦେଖିଛ ସ୍ୱପ୍ନ ସ୍ୱତନ୍ତ୍ର ଓଡିଶା
ଗଠନ ପାଇଁ ।

ହେ ପ୍ରକୃତି ଉପାସକ
ସ୍ୱଭାବ କବି ଗଙ୍ଗାଧର!
ପୂଜାରୀ ଓଡ଼ିଆ ଭାଷାର
ସ୍ୱତନ୍ତ୍ର ଓଡ଼ିଶାର କର୍ଣ୍ଣଧାର!
ତୁମକୁ ଓଡ଼ିଆ ଜାତିର
କୋଟି କୋଟି ନମସ୍କାର ।

■■■

ସି – ୧୦୫, ଶୁଭମ୍ ରୟାଲ,
ଘାଟିକିଆ, ଭୁବନେଶ୍ୱର
ମୋ.- ୯୯୩୮୬୧୫୬୭୧

# ଆସ ଆଜି ବର୍ଷାରେ ଭିଜିବା

ସ୍ୱର୍ଣ୍ଣଲତା ମହାପାତ୍ର



ଆସ ଆମେ ଆଜି ବର୍ଷାରେ ଭିଜିବା
ଦୁହେଁ ଦୁହିଁଙ୍କର ମୁହଁ ଚାହିଁ,
ଟୁପୁରୁ ଟାପୁରୁ ରିମ୍ ଝିମ୍ ସୁରେ
ପ୍ରୀତିଗୀତ ପଦେ ଗାଇ ଗାଇ ।

ସରଗର ପରୀ ଓହ୍ଲେଇ ଆସିବ
ଆଖିରେ ଆଖିଏ ସ୍ୱପ୍ନ ମାଖି,
ପୁନେଇଁର ଜହ୍ନ ଉଙ୍କି ମାରୁଥିବ
ଆମରି ଦୁହିଁଙ୍କ ପ୍ରେମ ଦେଖି।
ନୀଳ ସରସୀରେ ଝାଉଁଳି ପଡିବ
ଲାଜଲାଜ ହୋଇ ନୀଳକଇଁ,
ଆସ ଆମେ ଆଜି ବର୍ଷାରେ ଭିଜିବା
ଦୁହେଁ ଦୁହିଁଙ୍କର ମୁହଁ ଚାହିଁ ।



ଜୀବନ ମରୁରେ ଶ୍ରାବଣ ଆସିଛି
ପ୍ରାଣ ହୁଏ ଆଜି ପୁଲକିତ,
ମଉଳା ମନଟା କଅଁଳି ଉଠୁଛି
ସପନ ମୋହର ଲାଗେ ସତ।
ଅତୀତର ଯେତେ ରାଗ-ଅଭିମାନ
ବରଷାରେ ସବୁ ଦେବା ଧୋଇ,
ଆସ ଆମେ ଆଜି ବର୍ଷାରେ ଭିଜିବା
ଦୁହେଁ ଦୁହିଁଙ୍କର ମୁହଁ ଚାହିଁ ।

ଭସା ବାଦଲକୁ କି ଅବା ଭରସା
ଉଡୁ ଦିନେ ଦେବ ବଦଳେଇ,
ଋତୁ ବଦଳିଲେ ବରଷା ଫେରିବ
ମନ ଅଗଣାର ସୀମା ଛୁଇଁ।
ଏଇ ଧରାଧାମେ ଜନମିଛେ ଆମେ
ଜଣେ ଜଣଙ୍କର ସାଥୀ ହୋଇ,
ଆସ ଆମେ ଆଜି ବର୍ଷାରେ ଭିଜିବା
ଦୁହେଁ ଦୁହିଁଙ୍କର ମୁହଁ ଚାହିଁ ।

■■■

ନୀଳାଦ୍ରୀ ବିହାର, ଭୁବନେଶ୍ୱର
ମୋ - ୯୦୪୦୬୮୮୦୧୨

# ପ୍ରେମ

ନୀଳମଣି ଚାନ୍ଦ



ପ୍ରେମ ବାରମାସୀ ବିହଙ୍ଗ ନୁହଁରେ
ବଦଳେଇ ଦେବ ରଙ୍ଗ
ପ୍ରେମ ଏମିତିକା ପାରିଜାତ ପୁଷ୍ପ
ଯେ ତୋଳେ ସେ ଲଭେ ସଙ୍ଗ ।

ଇନ୍ଦ୍ରଚାତ ସମ ହୁଏ ପ୍ରତିଭାତ
ତ୍ୱରିତ ଅସ୍ତ ନ ଯାଏ
ସେ ସୁବର୍ଣ୍ଣଯର୍ଣ୍ଣ ସମ ବହ୍ନିରେ ଥାଇ
ସର୍ବଦା ଝଟକୁ ଥାଏ ।

ନୁହଁଇ ଅଳିକ ସେ ପରା ଶାଶ୍ୱତ
ପ୍ରେମ ଜାହ୍ନବୀର ଧାର
ମମତା ମନ୍ତ୍ରିତ ଶବ୍ଦଟିଏରେ
ସିଏରେ ଅଲିଭା ଗାର ।

■■■



ମନ୍ତ୍ର ମାନୋର୍, ଗୋଠପାଟଣା
ଭୁବନେଶ୍ୱର
ମୋ-୯୫୮୩୨୦୨୩୫୭

# ମିଛ

ଆଶୁତୋଷ ଦାଶ





ନା ଶ୍ରାବଣୀ ସଂଜରେ
ନା ଫଗୁଣର ରଙ୍ଗମଖା ଅପରାହ୍ନେ
ଏବେ ଆଉ କାହା ଅପେକ୍ଷା ହିଁ ନାହିଁ,
ନା ବର୍ଷାରେ, ନା କାକରରେ
ନା ଫୁଲରେ, ନା ରେଣୁରେ
ନା ମହୁରେ, ନା ମହକରେ
କୋଉଠି ବି ନାହଁ ତୁମେ
ନାହିଁ ବି ତୁମ ପରଶର ପସରା,
ଏବେ ଖାଲି ଲିଭିଥିବା ପାଦଚିହ୍ନ
ହଜିଥିବା ଠିକଣା
ଆଉ ତୁଛ ବାହାନା ଭିତରେ
ତୁମ ମିଛ ପ୍ରତିଶୃତି ଛଡା
କଣ ଅଛି ଯେ  !!

■■■

ନବାଟୀ ଶାସନ, ବାଲିପାଟଣା, ଖୋର୍ଦ୍ଧା
ମୋ - ୬୩୬୩୭୬୫୮୭୧

# କଳ୍ପନାର କଳ୍ପବଟ

ବାସନ୍ତୀ ବାରକ୍



ହୃଦ-କନ୍ଦରର ନିଭୃତ-ତନ୍ତ୍ରୀର
ଆବେଗିକ-ଅନ୍ତଃସ୍ୱର,
କଳ୍ପନା-କଳ୍ପିତ ନିଃଶବ୍ଦ-ଭାବର
ଲିପିର ଶବ୍ଦ-ସ୍ୱାକ୍ଷର ।

ଭାବ,ଭାଷା,ଶବ୍ଦ, ରସ,ସ୍ୱର,ଛନ୍ଦ
କବି-କଳ୍ପନାର ସ୍ୱର,
ଶବ୍ଦ-ବର୍ଣ୍ଣମାଳା ବ୍ୟଞ୍ଜିତ-ଲିପିର
ଭାବମୟ-ହସ୍ତାକ୍ଷର ।



ଭାବ-ଅନୁବନ୍ଧ ନିବନ୍ଧିତ-ଛନ୍ଦେ
ଶବ୍ଦର ତରଙ୍ଗ ଖେଳେ,
କଳ୍ପନା-ତନ୍ତ୍ରୀର ସର୍ଜନା ମନ୍ତ୍ରରେ
କବିତା କଲ୍ଲୋଳ ତୋଳେ ।

ବାଗ୍ଦେବୀ-ପ୍ରଦତ୍ତ କୃପା-ଅମୃତରେ
ଅନ୍ତଃରଙ୍ଗ-ଚିତ୍ରାଙ୍କନ,
ବାଣୀ-ଭାରତୀଙ୍କ ଭାଷା-ଭଣ୍ଡାରର
ସାରସ୍ୱତ-ସମ୍ମୋହନ ।

ପ୍ରାଣରେ ସ୍ପନ୍ଦିତ ଭାବ-ଉନ୍ମେଷର
ଆବେଗିକ-ଉତ୍ତରଣ,
ସମାଜ-ସମସ୍ୟା ଜୀବନ-ଯନ୍ତ୍ରଣା
କାବ୍ୟିକ-ଭାବ ବ୍ୟଞ୍ଜନ ।

କାମନା-ତୃଷ୍ଣାର ବିମୁଗ୍ଧ-ବାସ୍ନାରେ
ବିମୋହିତ-ଚିତ୍ରପଟ,
କବି-କଳ୍ପନାର ଲାଳିତ୍ୟ-ଲିପିରେ
କଳ୍ପନାର କଳ୍ପବଟ ।

■■■

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି.ଡି.ଏ କଲୋନୀ, ଫେଜ୍ -୧,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୭୩୭୨୦୮୪୭୧୫

# ଭାଗ୍ୟର ଭଗ୍ନାଂଶ

ମାନଗୋବିନ୍ଦ ବାରିକ୍



ଯା' ଭାଗ୍ୟ-ଗଗନେ ବିଭାସ ହୁଏନି
ବିଳାସ-ପୂର୍ଣ୍ଣିମାଜହ୍ନ,
ଯା' ଜୀବନ-ପଥ ସଦା-କଣ୍ଟକିତ
ନୈରାଶ୍ୟର-ମରୁଦ୍ୟାନ ।

ଭୋକ-ଭୁଗୋଳର ଦୁଃଖ-ମାନସାଙ୍କ
କଷଣ-ଗଣିତ ଖାତା,
ଭୋକିଲା-ପେଟର ଶୁଖିଲା-କାହାଣୀ
ଅନ୍ତର ଅକୁହା-କଥା ।

ଆଶା-ଆକାଶରେ ନିରାଶା-ଅନ୍ଧାର
ଶୋକର ତମସା-ରାତି,
ଜୀବନ-ସାଗର ଲହୁ-ଲହରୀରେ
କୋହର ଉଷୁମ ତାତି ।

ଅଭାବ, କଷଣ କ୍ଷୁଧା,ଅନାଟନ
ଯନ୍ତ୍ରଣାର ଜଉଘର ,
ଯାତନା-ଜୁଇରେ କୁହୁଳା ଧୂଆଁର
ଉଛୁଳା ଲୁହର ଧାର ।

ଜରାୟୁରୁ ଜୁଇ ଜୀବନ-ଯାତନା
ଜାତକେ ଯାହାର ଲେଖା,
ଅନ୍ତର-ବ୍ୟଥାର ଅବ୍ୟକ୍ତ-ବେଦନା
ତା' ଜୀବନେ ଚିରସଖା ।

ଅଭିଶପ୍ତ -ଯୋଗ ଅନାହାର-ଭୋଗ
ତା' ଜୀବନ ଇସ୍ତାହାର,
ଭାଗ୍ୟ-ବିଡ଼ମ୍ବନା ଦାରିଦ୍ର୍ୟ-ଯନ୍ତ୍ରଣା
ତା' କପାଳେ ବିଧିଗାର ।

ଶ୍ରମ-ଭାଗଶେଷ ଭାଗ୍ୟର ଭଗ୍ନାଂଶ
ଅବିଭକ୍ତ - ରୂପରେଖ,
କର୍ମ,ଶ୍ରମ,ତ୍ୟାଗ, ସେବାର ସାରାଂଶ
ଅବଶୋଷ ଅଭିଲେଖ ।

■■■



ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି.ଡି.ଏ କଲୋନୀ, ଫେଜ୍ -୧ ,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୯୪୩୭୨୬୬୬୩୫

# ନୀରବତା

ଡ. ପ୍ରିୟମ୍ବଦା ସାମଲ



ନିର୍ଜନର ଏଇ ନୀରବ ନିଶୀଥେ
ନିରବଧି ଜାଗେ ସ୍ମୃତି
ନିମିଷକ ନିରତି ନୀରସ ପ୍ରାୟ
ନୟନର ତୁମେ ଜ୍ୟୋତି ।

ଭାବନାରେ ଯେବେ ଭାସିଆସ ସତେ
ଭାବ ସାଗରର ନାବେ
ଭସା ବାଦଲର ବରଷା ଟୋପାସେ
ପ୍ରୀତିର ବାରିରେ ଡୁବେ ।



ଶୂନ୍ୟତାର ଅନ୍ତରଙ୍ଗ ଅନୁଭବେ
ନୀରବତା ନିର୍ଜନତା
ନୀରବ ଉପତ୍ୟକାର ମଲାନଈ
ତପସ୍ୱିନୀ ନିର୍ବସିତା ।

ଅଞ୍ଜୁଳାରେ ଭରା ଆକୁଳତା ଧରି
ହୃଦକୁ ଆହତ କରେ
ଅନୁରାଗ ଭରା ନୀରବତା ସତେ
ପ୍ରାଣକୁ ଦହନେ ଭରେ ।

ଦୂର ଦିଗନ୍ତର ମଧୁମୟ ଛବି
ହଜାଏ ଆଖିର ନିଦ
ତୁମ ନୀରବତା ଜଳାଏ ବୋଲି କି
କରୁଛ ମୋ ସାଥେ ବାଦ ।

■■■

ନନ୍ଦନ ବିହାର, ଭୁବନେଶ୍ୱର

# ଅନ୍ତରର ଭାବନା

ଗୀତା ପଟ୍ଟନାୟକ



ସମୟର ନାଟ ଦେଖି ଲୁହଝରେ
ଜଣାଉଛି ହାତ ଟେକି,
ସେ ସମୟ ଦିନେ ହିସାବ କରିବ
ରଖିବନି କିଛି ବାକି ।

ସମୟ ହାତରେ ସାଜିଥିଲି ଦିନେ
କାଠର ପିତୁଳା ଟିଏ,
ଭାବି ତ ନ ଥିଲି ରଙ୍ଗ ଛାଡି ଗଲେ
ଲୋଡିବେନି ମୋତେ କିଏ ।

ଆଖିରେ ଆଖିଏ ସପନ ସଜେଇ
ନାଚୁ ଥିଲି ଦିନ ରାତି,
ଖାତିରି ନଥିଲା ଖରା ବରଷାକୁ
ନ ଥିଲା କାହାକୁ ଭୀତି ।



ଭୁଲି ଯାଇଥିଲି ଦେହ ମନ ମୋର
ସୁନେଲି ସକାଳ ପାଇଁ,
ସେ ସକାଳ ଆଜି ଘୂର୍ଣ୍ଣିଝଡ ମୟ
କାହାକୁ ପାରୁନି କହି ।

ଅନ୍ତର ବେଦନା ଅନ୍ତରେ ମରଇ
ଭାବୁଅଛି ଦିନ ରାତି,
ତୁମେ ଅନ୍ତର୍ଯ୍ୟାମୀ ସବୁ ତ ଜାଣିଛ
କରେ ତୁମକୁ ମିନତୀ ।

ଦୋଷ ଯଦି ଅଛି ଦଣ୍ଡ ଦିଅ ମୋତେ
ସହିବି ମୁଁ ମଥାପାତି,
ଧର୍ମ ରେ ଥିଲେ ସହା ହୁଅ ମୋତେ
ଉଡାଇ ଧର୍ମର ଛତ୍ରି ।

ଜାଣିଛି ମୁଁ ନିଶ୍ଚେ ଅଧର୍ମ ହାରିବ
ସତ୍ୟର ହେବ ଜୟ,
ପତନ ଘଟଇ ଅଧର୍ମୀର ସଦା
ଧର୍ମ ର ହୁଏ ବିଜୟ ।

■■■

ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ
ଆଦର୍ଶ ବିହାର
ମୋ-୭୯୭୮୯୦୨୩୭୩

# ବାୟା ଚଢ଼େଇ

**କବିତା ନାୟକ**





ଲତା ଦୋଳେ ଦୋହଲୁଛି
ବାୟା ଚଢେଇ ବସା
ବାୟା ସଙ୍ଗେ ଖେଳୁଅଛି
ଚିଁ ଚିଁ କହି ଭାଷା ।
କେଉଁଠି ଲାଗିଛି ନିଆଁ
କେଉଁଠି ବା ଧୂଆଁ
କା ଘର ଉଜୁଡ଼ି ଲାଣି
କା ଘରେ କୋକୁଆ।
କେଉଁଠି ଖଟେ ଶିଶୁଟି
ଶ୍ରମିକ ବେଶରେ
ଦାଦନ ଖଟୁଛି କିଏ
ଦେଶ ବିଦେଶରେ।
କେଉଁଠି ବିକୁଛି ମା
କୋଳର ଶିଶୁକୁ
ସାହାରା ଦେଇ ପାରୁନି
କନ୍ୟା ସନ୍ତାନକୁ ।
ଘରେ ଘରେ ହିଁସା କେତେ
ଉଜାଡେ ଜୀବନ
ସବୁରି ଇଲାକେ ଶୁଭେ
ହତ୍ୟା ଓ ଧର୍ଷଣ।



କପଟ ଜାଲରେ କିଏ
ହେଲାଣି ଶିକାର
ଚୋରି ଠକେଇରେ ଆଜି
ଭରିଛି ସହର।
କେଉଁଠି ଯୌତୁକ ଜୁଇ
ଜଳେ ହୁତୁ ହୁତୁ
ଆତ୍ମହତ୍ୟା ପ୍ରବଣତା
ଭାଙ୍ଗିଲାଣି ସେତୁ।
ଘନ ଘୋର ଅନ୍ଧକାର
ମାଡି ଆସିଲାଣି
ବ୍ୟଭିଚାର  ଦିନୁ ଦିନ
ବଢିତ ଗଲାଣି ।
ସବୁ ଛାରଖାର ହେଲେ
କି ଯାଏ ବାୟାର
ବାଆ କୋଳେ ଝୁଲେ ସୁଖେ
ନୁହେଁ ସେ କାହାର ।

■■■

ଏମ୍. ଆଇ. ଜି. - ୨, ୭୭/୪
ଓ.ଏସ୍.ଏଚ୍.ବି. କଲୋନୀ, ଭୁବନେଶ୍ୱର - ୧୬
ମୋ : ୭୭୩୫୯୧୬୧୧୧

ଇପତ୍ରିକା
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା, ୧ ଅଗଷ୍ଟ ୨୦୨୩

# ଶବ୍ଦ

**ପ୍ରିୟଦର୍ଶିନୀ ନାୟକ**



ଶବ୍ଦ ଖୋଜାର ଯାତ୍ରା
କାହିଁ କେତେ ଶତାବ୍ଦୀରୁ
ନଦୀରେ ବାଲିଗରଡ଼ା
ସାଗରେ ଶାମୁକା ମୁକୁତା
ବନସ୍ତେ ଡାକୁଛି ଗଜ
ଗଛ ଡାଳେ କୋଇଲିର
କୁହୁ କୁହୁ ମଧୁର ତାନ
ଦୂରଦିଗବଳୟର ନିସ୍ତବ୍ଧତା
ଖୋଜା ପଡ଼େ ନିଶବ୍ଦ ଭିତରେ
ଅନେକ କିଛି କହିଦେବାର କାଇଦା
ଓଦା ଓଦା ନୀରବ ପଣରେ
ଭିଜା ଭିଜା ଶବ୍ଦ ଉକୁଟିଉଠିବା
ହୃଦୟର ନିବୁଜ କୋଠରୀରେ
କାହିଁ କେତେଦିନୁ ବନ୍ଦୀ ଥିବା 'ସେ'
ଆଖିରେ ଫୁଟିଉଠେ ତା ଗଭୀରତା
ଏଠି ଶବ୍ଦ ବ୍ୟକ୍ତ କରେ ଭାବନା
ଶବ୍ଦ ଯାଦୁଗରୀ ନିଆରା ଭଙ୍ଗୀ
ସବୁ ଏଠି ଶବ୍ଦର ହିଁ ଖେଳ
କିଏ ଜାଣେ ତାର ଚାତୁରୀ
ବେଳେବେଳେ ଅନେକ କିଛି କହିଯାଏ,
ଅନେକ ସମୟରେ,
କିଛି ନ କହି ବି ଶୀର୍ଷକୁ
ନିର୍ଦ୍ୱନ୍ଦ୍ୱରେ ଛୁଇଁଯାଏ ।



■■■

ଅଧ୍ୟାପିକା,ଓଡ଼ିଆ ବିଭାଗ,
ସିମୁଳିଆ ମହାବିଦ୍ୟାଳୟ,
ତଳାଙ୍ଗ, ଭଦ୍ରକ

# ପ୍ରୀତି

ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ



ପ୍ରୀତି ଏମିତିକା ସମ୍ପତ୍ତି ଅଟଇ
ଆପେ ଆପେ ମିଳି ଯାଏ
ପ୍ରୀତିକୁ ସାଇତି ରଖିବା ପାଇଁକି
ସିନ୍ଦୁକ ଲୋଡ଼ା ନ ଥାଏ ।
ଯେତେ ବାଣ୍ଟୁଥିଲେ ସେତେ ବଢୁଥାଏ
ହୃଦୟେ ସଞ୍ଚିତ ଥାଏ
ବେଳୁ ବେଳ ସିଏ ବଢୁଥାଏ ପୁଣି
ହୃଦୟ ବି ବଡ଼ ହୁଏ ।
ଟଙ୍କା, ସୁନା, ଧନ ଲୋଡ଼ା ନାହିଁ ମନ
ଏକା ତା' ର ଏକ ଭାବ
ଭାବରେ ଭାବରେ ପ୍ରୀତିର ଭାବରେ
ଘୁଞ୍ଚିଯାଏ ଟି ଅଭାବ ।
ରଖିବାକୁ ତାକୁ ଅବା ସଞ୍ଚିବାକୁ
ଲୋଡ଼ା ତ ନାହିଁ ବାକସ
ଆସିବାକୁ ସେ ତ ଲୋଡ଼ା ତ ନ ହୁଏ
କ୍ଷେତ ବାଡ଼ି ସୁଟ୍‌କେଶ ।
ଥରେ ଭାବ ପ୍ରୀତି ଅଟେ କି ସମ୍ପତ୍ତି
ଭୁଲିଯାଅ ନାହିଁ ତାକୁ
ସେ ହିଁ ବାନ୍ଧିପାରେ ସେ ହିଁ ରଖିପାରେ
ସାହିତ୍ୟ ଓ ସଂସ୍କୃତିକୁ ।



■■■

ବରମୁଣ୍ଡା ହା. ବୋ. କଲୋନୀ
ଭୁବନେଶ୍ୱର
ମୋ - ୯୪୩୭୨୭୯୧୬୨

# କବିତ୍ୱର ପରିଚୟ

ମଧୁସ୍ମିତା ସାହୁ



ଆହାଃ କି ସୁନ୍ଦର ମନୋହର ସୃଷ୍ଟି,
କବିତ୍ୱର ପରିଚୟ,
ଜଗତରେ ବାଛି ବାଛି ରହିଅଛି,
ସୌଜନ୍ୟର ମଧୁମୟ ।।

ମୂର୍ଚ୍ଛିତକୁ ଜୀବନ୍ୟାସ କରିଦିଏ,
ମୃତ୍ୟୁଞ୍ଜୟ  ରୋମାଞ୍ଚକ,
ଆଗ୍ରହୀର  ଯୌବନକୁ ରସାୟନ,
ମାଧୁର୍ଯ ନୀର ଛିଞ୍ଚକ।।



ପୁଷ୍ପ ସଦୃଶ୍ୟ ମହକ ଆଣିଦିଏ,
ସୁଗନ୍ଧରେ ପାରାବାର,
ସମ୍ମାନର ଫୁଲପେଛା ସୁସଜ୍ଜିତ,
ଐଶ୍ବରୀୟ ସମାହାର।।

ତେଜସ୍ୱୀର ଦିଗନ୍ତରେ ମୂଲ୍ୟବାନ,
ତୃପ୍ତିମୟ  ଉପହାର,
ଅମୂଲ୍ୟ ସୌଧକୁ ଗଢି ତୋଳି ଦେଇ,
କୈବଲ୍ୟ ମହତ୍ୱ ଧାର ।।

ଅନୁପମା କୂଳେ ଅନୁକମ୍ପା ମୂଳେ,
ସୃଷ୍ଟି ଏହି ଜଗତର,
ଅସୀମା  ଆଶାର ନୂତନ ଉନ୍ମାଦ,
ଅନନ୍ତ କବିତ୍ୱ ଧାର ।।

■■■

ବ୍ରହ୍ମ ନଗର, ବ୍ରହ୍ମପୁର, ଗଞ୍ଜାମ
ମୋ :୯୪୩୮୨୮୫୪୧୬

ପତ୍ରିକା
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା, ୧ ଅଗଷ୍ଟ ୨୦୨୩

# ନିଦାଘର ପ୍ରୀତି

**ମଧୁସ୍ମିତା ମହାପାତ୍ର**



ବେଦରଦୀ ବୈଶାଖ ଟା
କାହିଁ କେଜାଣି ମୋତେ ଏତେ ଭଲ ପାଏ
ତା ଝାଞ୍ଜି ମୋ ଦେହ ରେ
ସବୁ ବେଳେ ଲେଶି ଦେଉ ଥାଏ।
ତା ପରଶେ ମୋ ଶରୀରୁ
ଶ୍ରାବଣ ର ବାରି ଧାରା
ବୋହି ଯାଉ ଥାଏ ।
ଗ୍ରୀଷ୍ମ ର ତାତି କୁ ବେଖାତିର କରି
କୋଇଲି କରେ କୁହୁତାନ
ନିରୋଳା ଦ୍ୱିପ୍ରହରେ ପହଞ୍ଚାଏ
ପ୍ରିୟତମ ଙ୍କ ସମ୍ଭାଷଣ।
ଚମ୍ପା,ମଲ୍ଲି,ହେନା ର
ଭୂରି ଭୂରି ବାସନା
ପ୍ରଭାତୀ ମରୁତେ
ମୋତେ କରେ ଆନମନା।
ବାସ ହୀନ କୃଷ୍ଣଚୂଡ଼ା ର ରକ୍ତିମା
ବୟସ କୁ ଭୁଲାଇ ଦିଏ
ଭରି ଦିଏ ରୋମାଞ୍ଚ ଓ କାମନା ।
ଅଦିନିଆ ଝଡ଼ ରେ ଧରାଶାୟୀ ଆମ୍ର
ବାଙ୍କୁଲି ବାଡି ର ମୋହ କରି ଥାଏ ଦୂର
ଆକର୍ଷିତ କରି ନିଏ ତୋଟା ପାଶ
ଫେରାଇ  ନିଏ କିଛି କ୍ଷଣ
ହଜାଇ ଦିଏ ଛାଡ଼ି ଆସି ଥିବା
ମୋ ପିଲା ଦିନ।



■■■

**ନୀଳାଦ୍ରୀ ବିହାର, ଭୁବନେଶ୍ୱର**

# ତ୍ରିରଙ୍ଗା ଉଡୁଛି ଫରଫର

ତରୁଣବାଳା ମହାପାତ୍ର



ତ୍ରିରଙ୍ଗା ଉଡୁଛି ଫରଫର ହୋଇ
ବାଣ୍ଟୁଛି ମୈତ୍ରୀ ର ବାର୍ତ୍ତା
ଭାରତ ମାତାର ଜୟଗାନ କରେ
ଉଚ୍ଚେ ତୋଳି ତାର ମଥା।
ନାରଙ୍ଗି ଧବଳ ସବୁଜ ରଂଗରେ
ତ୍ରିରଙ୍ଗା ତନୁ ଶୋଭିତ
ବକ୍ଷସ୍ଥଳେ ଶୋଭା ଅଶୋକ ଚକ୍ର
ନୀଳ ରଂଗରେ ଆବୃତ।
ସେହି ତ୍ରିରଙ୍ଗାକୁ କରୁଛୁ ସଲାମ
ଗରବେ ଫୁଲାଇ ଛାତି
ସ୍ୱାଧୀନ ଦେଶର ସନ୍ତାନ ଆମେରେ
ନାହିଁ ମନେ ଆମ ଭ୍ରାନ୍ତି।
ହଟିଛି ତମସା ପରାଧୀନତାର
ବିତିଛି କେତେ ଦୁର୍ଦ୍ଦିନ
ପ୍ରାଣବଳି ଦେଲେ କେତେ ସୁରବୀର
ଜାତିପାଇଁ ସେ ମହାନ ।
ତାଙ୍କ ସ୍ମୃତି ଆଜି ମନେ ଜାଗିଉଠେ
ଶ୍ରଦ୍ଧାଂଜଳି ତାଙ୍କ ପାଦେ
ଭାରତମାତାର ଯୋଗ୍ୟ ସନ୍ତାନ ସେ
ତାଙ୍କ ପାଇଁ ହୃଦ କାନ୍ଦେ।
ସ୍ୱାଧୀନ ଭାରତ ଗାଏ ଜୟଗାଥା
ଭୂମିରୁ ଭୂମାକୁ ବ୍ୟାପେ
ଜଳ ସ୍ଥଳ ଗିରି କେଦାର କାନନ
ଗଗନ ପବନ କମ୍ପେ ।
ପ୍ରତି ଗୃହେ ଆମେ ଉଡାଇ ତ୍ରିରଙ୍ଗା
ବାର୍ତ୍ତା ବାଣ୍ଟିବା ପ୍ରେମର
ପରସ୍ପର ମଧ୍ୟେ ରଖିବା ସଦ୍ଭାବ
ଜୀବନ ହେବ ମଧୁର।
ତ୍ରିରଙ୍ଗା ଚରଣେ କରୁ ପ୍ରଣିପାତ
ଜୟ ଜୟ ଶବଦରେ
ଜୟ ଜବାନ ଜୟ କିଷାନ ଧ୍ୱନି
ପ୍ରତି ଭାରତୀୟ ସ୍ୱରେ।

■■■



ମାଧବପୁର, ଜଳେଶ୍ୱର - ୭୫୬୦୩୨
ମୋ - ୮୧୪୪୮୫୧୦୪୫

# ମୋ ଗାଆଁ

କମଳିନୀ ଦେବୀ



ଭଲ ଲାଗେ ମୋ ଗାଆଁ ସଞ୍ଜ ସକାଳ
ତାର ଧୂଳି ଧୂସରିତ ବଙ୍କିଳ ପଥଧାର
ସବୁଜିମା ଧାନ କ୍ଷେତ ବିସ୍ତୀର୍ଣ୍ଣ ପ୍ରାନ୍ତର ।।
ତା ପୋଖରୀ ଗାଧୁଆ ତୁଠ କେତେ ଭଲ ସତେ
ସରଳା ବାଳିକା ନୂଆ ବୋହୂଙ୍କ ସହିତେ
ହାସ୍ୟାରୋଳ, ବାକ୍ୟାଳାପ, ସୁଖ,ଦୁଃଖ ଭାବ
ଅତି ହିଁ ଆପଣାପଣା ଜାଗେ ଅନୁରାଗ ।।
ଝିପି ଝିପି ବର୍ଷାର କାଦୁଅ ପଚ୍ ପଚ୍ ରାସ୍ତା
ଚାଲିବାକୁ କେତେ ଭଲ ସତେ
ନୂଆ ଆଷାଢର ପୂର୍ଣ୍ଣଗର୍ଭା ପୋଖରୀର ଦୃଶ୍ୟ
କଇଁ, ପଦ୍ମର ଲାଜ କୁଳି ହସ
ବେଙ୍ଗର କେଁ କଟର ଝିଙ୍କାରିର ଝିଁ ଝିଁ ଶବ୍ଦ
କେତେ ଭଲ ସତେ ।।
ମଲ୍ଲୀ, କେତକୀ, କିଆ, ଟଗର, ସେବତୀ
କାଠଚମ୍ପା କନିଅର, ଜୁଇ,ଜାଇ ଓ ମାଳତୀ
ନାନା ବର୍ଣ୍ଣ ପୁଷ୍ପ ନାନା ସୁଗନ୍ଧରେ ଭରି
ଚତୁର୍ଦ୍ଦିଗ ମହକାଏ ମନ ଯାଏ ଭରି
ପଦ୍ମପତ୍ର, ପଦ୍ମପୁଷ୍ପେ ଶୋଭେ ସରୋବର
ପାଣି ଲୁଚକାଳି ଖେଳ ମନ ମୋହେ ମୋର
ଓଦା ସଡ ସଡ ଲୁଗା ଗୁଡାଇ ଦେହରେ
ଗାଧୁଆ ତୁଠରୁ ଫେରିଲେ ଘରକୁ
କି ପରମ ତୃପ୍ତିଲାଗେ ଦେହକୁ ମନକୁ
ପହିଲି ବର୍ଷାରେ ଭିଜା ମାଟିର ବାସ୍ନା
ମହକାଇ ଦେଇ, ଉଠେ ଅନ୍ତରରେ
ଶିଶୁର ଭାବନା ।।



■■■

ବଦ୍ରୀପ୍ରସାଦ ଆପାର୍ଟମେଣ୍ଟ୍
ବରଗଡ଼

# ଆହାଃ

ସୁଧୀର ମେହେର

ସଭିଁଙ୍କ ତୁଣ୍ଡରେ ଥିଲା
ସେଇ ଗୋଟିଏ ପଦ-
ଆହାଃ !।

ପୋକ ମାଛି ପରି
ଭିଡ଼ ଭିତରୁ
କେହି ଜଣେ ବି ଆଗେଇ ଆସିଲେନି
ଲମ୍ବେଇ ଦେବାକୁ
ନିଜ ନିଜର କାନ୍ଧ ,
କେହି ଜଣେ ବି
ନିଜ ଗାମୁଛା ଚିପୁଡି
ପିଆଇ ଦେଲେନି ପାଣି ମୁନ୍ଦାଏ,
ବାନ୍ଧି ଦେଲେନି ରୁମାଲ ଚିରି
କ୍ଷତ ସ୍ଥାନ ।।



କିଏ ଆହାଃ କଲା ତ
କିଏ ଚୁଁ ଚୁଁ,
କିଏ
ଫଟୋ ଉଠେଇବା ରେ ବ୍ୟସ୍ତ ତ,
କିଏ ଭିଡିଓ ବନେଇବା ରେ.....
କିଏ ପୁଣି ମୁରବୀପଣିଆରେ
ଦେଉ ଥା'ନ୍ତି ପରାମର୍ଶପରେ ପରାମର୍ଶ,
କୋଣେ ଦୂରରୁ ଜଣେ ବିକଳାଙ୍ଗ ବୁଢ଼ା ଯାହା
ଚିତ୍କାର କରି କହୁଥାଏ,
ଆରେ ବାବା, ତା'କୁ ଆଗ ଡାକ୍ତରଖାନା ନିଅ,
ବଞ୍ଚାଅ ।।

ହେଲେ,
ଶୁଣୁଚି କିଏ...
ସଭିଏଁ ବ୍ୟସ୍ତ ନିଜ ନିଜ କାମରେ,
କିଏ ସୁଟିଙ୍ଗ ରେ
ତ ,କିଏ ପୁଣି ବ୍ୟସ୍ତ
ତା'ର ଟିକିନିଖି ଖବର ନେବାରେ ,
ତଡକା ମସଲା ଛୁଙ୍କ ଦେଇ
ଛାପିବାକୁ ଖବରକାଗଜରେ। ।।

ହାୟରେ ମଣିଷ !
ହାୟରେ ଯୁଗ !!

■■■

ଚଟେଗୁଡ଼ା, ଜୁନାଗଡ଼
କଳାହାଣ୍ଡି

# ମା

**ମଣିରାଜ ମହାରଣା**

ତୋ ବିନା ଆଜି, ଲାଗେ ଖାଲି ଖାଲି
ମନ ବୁଝେ ନାହିଁ କିଛି
ଭଲ ମନ୍ଦ ସବୁ, ଲାଗେ ଫାଙ୍କା ଫାଙ୍କା
ମନ ମାନେ ନାହିଁ କିଛି ।।

ଛାଡି ଚାଲିଗଲୁ, ଅଧା ବାଟରେ ଲୋ
ହଜି ଗଲା ଆମ ସତ୍ତା
ପିଲା ଆମେ ତୋର, ଚାହିଁ ରହିଗଲୁ
ଶୁଣିବାକୁ ତୋର କଥା ।।

କଥାରେ କଥାରେ, ମନେ ପଡି ଯାଏ
ତୋ ଗୀତ, ତୋର ବାଣି
ପିଲା ଆମେ ଆଜି, ଭୁଲି ପାରୁନାହୁଁ
ସଜ ସଜ ତୋ କାହାଣୀ ।।

ସୁଖ ଦୁଃଖ ଆଜି, ଏକାପରି ଲାଗେ
ଭଲ ଲାଗେ ନାହିଁ ମନ
ତୁ ନାହୁଁ ଆଜି, ଆମ ପାଖରେ ଲୋ
ହୃଦୟଟା ଛିନ୍ନ ଭିନ୍ନ ।।

ଥିଲା ବେଳେ ଆମେ, ବୁଝିପାରିଲୁନି
ମନ ତଳର ତୋ ଭାବ,
ଆଜି ଭାବୁ ଅଛୁ, ତୋ କଥା ମା
ତୋ ପରି କିଏ ହବ ।।
ସୁଖର ଦୁଃଖର ଏ ସାଗର ଉପରେ
ରହିଲୁ ଲୋ ମା' ତୁ ଯାଇ
ମନେ ରଖିଥିବୁ, ପିଲାମାନେ ତୋର
ଏ ସଂସାରେ ଅଛନ୍ତି ରହି ।।

ସ୍ୱପ୍ନର ରଥରେ ବୁଲି ଆସୁଥିବୁ
ଘର ମୁହାଁ ଟିକେ ହୋଇ,
ଆପଦେ ବିପଦେ ସାହା ହେଉଥିବୁ
ଆର୍ଶୀବାଦ ତୋର ଦେଇ ।।



ନୟା ବଜାର, କଟକ

■■■

# ଚାଲ ଫେରିଯିବା ଗାଁ କୁ

କ୍ଷଣପ୍ରଭା ମହାନ୍ତି



ଚାଲ ଫେରିଯିବା ଗାଁ କୁ,
ଯେଉଁଠି ଆକାଶ ଛୁଁ ଥିବ ମାଟି କୁ।
ଜୀବନ ଜିଁ ବାର ବୀଜ ମନ୍ତ୍ର ଅଙ୍କୁର ଥିବ
ସେ ବସୁଧାରୁ ।
ଜୀବନ୍ତ ଦେବତା ମାନଙ୍କର ଆତ୍ମୀୟ ତା
ର ସ୍ୱର ଶୁଭୁଥିବ ପ୍ରତି ଘରୁ।

ଚାଲ ଫେରିଯିବା ଗାଁ କୁ,
ଯେଉଁଠି ଶାଗ ପଖାଳ ଭିତରେ,
ଫିକ୍ ଫିକ ହସୁଥିବ ଜୀବନ
ସେଠି ନଥିବ ଅହଙ୍କାର ର ପାଦ ଚିହ୍ନ।
ପଥର ଦେହରେ ମ ଖା ଥିବ ସିନ୍ଦୂର
ମାଟିରୁ ସୁଭୁଥିବ ଓଁକାର।
ତୁଠ ପଥର କହୁ ଥିବ ସୁଖ ,ଦୁଃଖର
କଥା, ଜୀବନ ଜଞ୍ଜାଳ ର ବ୍ୟଥା।
କାଚ କେନ୍ଦୁ ପରି ଥିବ ସବୁ ମନ ନିର୍ମଳ।
ମାଟି ମା ହସି ହସି ଶୋଷି ନେଉଥିବ
ଶ୍ରମ ସିକ୍ତ ଶରୀରର ଝାଳ।



ଚାଲ ଫେରି ଯିବା ଗାଁ କୁ।
ମନ ଭରି ଶୁଣି ନେବା ଆଇ ମା' ଠୁ
ବୁଢ଼ୀ ଅସୁରୁଣୀ ଆଉ ରଜା ପୁଅ କଥାକୁ।
ଉପଭୋଗ କରୁଥିବା ବିହଙ୍ଗମ ର କାକଳି
ରେ ଉଛୁଳି ପଡୁଥିବା
ଘଂଚ ବନାନୀ କୁ ।
ଶୁଣି ନେବା ଖେତୁଆଳର
ମଗ୍ନ ମାଟିର ଗୀତ କୁ ।

ଚାଲ୍ ଆମେ ଫେରିଯିବା ଗାଁ କୁ।

ଭୁବନେଶ୍ୱର

■■■

# ମୁକ୍ତିର ମହା ଆନନ୍ଦ

ଡ. ମନୋରଞ୍ଜନ ବିଷୋୟୀ





ଚିହ୍ନା ମୁହଁ ସବୁ
ଲୁଚି ଯିବାକୁ ବସିଲେଣି
ପରିଚିତ ଓଠମାନଙ୍କର
ଭାଷା ବଦଳିଗଲାଣି
ଇଚ୍ଛା ସବୁ ମରି ଆସିଲାଣି
ସ୍ମୃତିସବୁ ହଜିଯିବାକୁ
ଲାଗିଲାଣି
ତଥାପି ମନର ଏକାନ୍ତ ଇଲାକାରେ
ବଞ୍ଚି ରହିଛି ସ୍ୱପ୍ନ
ନିମିଷକ ପାଇଁ ହେଉପଛେ
ସ୍ୱପ୍ନ ଦେଉଛି
ସକଳ ହତାଶା ଆଉ ଯନ୍ତ୍ରଣାରୁ
ମୁକ୍ତିର ମହାଆନନ୍ଦ ।

■■■

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୭୨୭

ଇ-ପତ୍ରିକା
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା, ୧ ଅଗଷ୍ଟ ୨୦୨୩

# ବର୍ଷା ପାଇଁ

**ପ୍ରମୋଦ କୁମାର ମହାପାତ୍ର**



ଆକାଶରେ କଳାହାଣ୍ଡିଆ ମେଘ ଘନେଇ,
ବିଜୁଳି, ଘଡ଼ଘଡ଼ିର ତାଣ୍ଡବ ନେଇ,
ତୁହାକୁ ତୁହା ବର୍ଷିଗଲ ତୁମେ
ଭୟଭୀତ ହେଲି ମୁଁ
ମୁହଁ ଲୁଚେଇ ନେଲି
ମା'ର ପଣତକାନି ତଳେ
ହୁଏତ ଏହି ପ୍ରେମ ଥିଲା
ମୁଁ ବୁଝିବା ବାହାରେ....
ଆଉ ଜେବେ ଆସିଲ ସେଦିନ,
ବାହାରି ଆସିଲି ମୁଁ ଅଗଣା ଡେଇଁ
ଭୟ ନୁହେଁ
ଢେର୍ ଖେଳିଲି ତୁମ ସହ,
ତୁମ ପ୍ରେମ ଧାରରେ
ଭସେଇ ଦେଲି ମୋ କାଗଜ ଡଙ୍ଗା
କିନ୍ତୁ ହାୟ,ଏହି ପରିଣତି
କିଛି ଦୁର ଯାତ୍ରା,
ତା' ପରେ ସଲିଳ ସମାଧି !

ଅନ୍ଧାର ରାତିରେ ଦିନେ,
ଛପି ଛପି ଆସିଥିଲ
ଅନେକ କାମନା ନେଇ
ଆଖିରେ ବିଦ୍ୟୁତ୍ ଚମକ
ଭିଜା ଭିଜା ଶରୀର
ଶ୍ରାବଣର ଧାର
ଉଛୁଳା ନଈ, ଅକାତ ପାଣି
ଯୌବନର ଭଉଁରୀରେ
ହେଲି ବାଟ ବଣା
ତୁମକୁ କ୍ଷତ ବିକ୍ଷତ କଲି,
ଖଣ୍ଡ ବିଖଣ୍ଡିତ କଲି ସଞ୍ଚିତ ସମ୍ଭାର



ପାଷାଣ ହୃଦୟରେ ଛେଦିଲି
ତୁମରି ବିସ୍ତାର !
ଭାସିଗଲି କେଉଁ ଏକ ଅନ୍ଧ ମୁହାଣୀରେ
ହେଲେ ତୁମେ ତ ନଥିଲ !
ଚାଲି ଯାଇଥିଲ ଅନେକ ଦୂରକୁ,
ହୋଇପାରେ ନିଷିଦ୍ଧ ଇଲାକାରେ !

ବର୍ଷା!
ତୁମକୁ ଖୋଜୁଛି ଏବେ
ନଈ ତଟେ, ପାହାଡ଼ ଶିଖରେ
ମରୁ ପ୍ରାନ୍ତେ, ସାଗର ବେଳାରେ
ନିଘଞ୍ଚ ବନର ଅଜଣା ଠିକଣାରେ!
ଦୁର୍ବାର ଚକୋର ପିପାସା !
ଯଦି କେବେ ମିଳିଯାଅ
ସାଇତି ରଖିବି ଏ ହୃଦ-କୁଞ୍ଜବନେ
ହୋଇଯିବ ଏକାକାର
ତନୁ-ମନ ନଗ୍ନ-ମଗ୍ନ
ହଜିଯିବା ଶାଶ୍ୱତ ପ୍ରେମରେ
ନିରନ୍ତର ରହିଥିବ
ଏ ବନ୍ଧନ ଜନ୍ମଜନ୍ମାନ୍ତର!

■■■

ଭାରତ ସଞ୍ଚାର ନିଗମ୍ ଲିମିଟେଡ୍, ଭୁବନେଶ୍ୱର
ମୋ :୯୪୩୭୫୭୮୩୧୧

# କହିଛି ତ ! ସେଇ କଥା

ଧର୍ମ କୁମାର ଶତପଥୀ





କ'ଣ ଏମିତି କହିଦେଇଛି ଯେ
ଆକାଶଟା ଦି ଫାଳ ହୋଇଯାଇଛି,
ମଝିରେ ଉଠିଯାଇଛି ସୁଉଚ୍ଚ ପାଚେରୀ,
ଓଲଟି ଯାଇଛି ଦୁନିଆଁ ,
ଏ ପଟର ପବନ ସେପଟକୁ ଯିବାକୁ ମନା
ବୁନ୍ଦାଏ ପାଣି ଗଳୁ ନ ଥିବା ସମ୍ପର୍କରେ
ଆସିଛି ଜୁଆର।
ଏବେ ସେଇଠି ତିଆରି ହୋଇଛି,
ବିରାଟ ପାକ୍ ପ୍ରଣାଳୀ।
ଅଲଂଘନୀୟ ଦୁର୍ବାର ସେ ।

କହିଛି ତ !
ଅନ୍ତର ଫିଟାଇ,ଖୋଲା ଖୋଲି
ସାପର କାନ ନାହିଁ,
ଘୋଡାର ସିଙ୍ଗ ନାହିଁ,
ସିଂହ ପଶୁରାଜ ଅଟେ,
ବାଘ ଶିକାର କରି ତାଜା ମାଂସ ଖାଏ
ଅଣ୍ଡାରୁ ଚିଆଁ ଫୁଟେ ପୁଣି ଚିଆଁ କୁକୁଡ଼ା ପାଲଟେ ।

କହିଛି ତ, ସେଇକଥା !
ଯାହା କହେ ବେଦ ଓ ପୁରାଣ,
ଯା' କହନ୍ତି ସାଧୁ ସନ୍ଥ ଜ୍ଞାନୀ ଗୁଣୀ ଜନ,
ପିଲାଟି ଦିନରୁ ଯାହା ଶିଖିଛି ଗୁରୁଠୁଁ,
ଯାହା ଗାନ୍ଧୀଙ୍କୁ କରିଛି ମହାତ୍ମା,
ଏ ଜାତିର ପିତା !

ସେଇକଥା
ଯାହା ଶୁଣିବାକୁ ଲାଗେ ପିତା
ଲାଗେ ଖୁବ୍ ନିଷ୍ଠୁର, ନିର୍ମମ !
ଯେଉଁ କଥା ଶ୍ରୁତି କଟୁ ହେଲେ ବି
କାମରେ ଲଗାଇବା ପାଇଁ
ଲୋଡା ଥାଏ ଧୈର୍ଯ୍ୟ ଓ ଧୀଶକ୍ତି,
ସେଇ କଥା ପ୍ରକାଶ କରିବି
ଅଲବତ ପ୍ରକାଶ କରିବି,
ଯଦି କିଛି ଅପରାଧ ହେଲା
ତେବେ ସେଥିରେ ବା ମୋର
ଦୋଷ କ'ଣ ?
ମୁଁ ନାଚାର, ମୁଁ କବନ୍ଧ, ମୁଁ
ବେଲାରସେନ।  ।

■■■

ପ୍ରଧାନ ଶିକ୍ଷକ (ଓ.ଇ.ଏସ. ୨)
ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟ,
ପଦ୍ମପୁର, ବରଗଡ଼

# ଶ୍ରାବଣ ସନ୍ଧ୍ୟା

ସମିତା ସ୍ୱାଇଁ



ଧାରା ଶ୍ରାବଣର ସଂଧ୍ୟା ଆସର
ନୀଳନଭ ଦେଶ ଦିଶେ ସୁନ୍ଦର ।।

ସବୁଜ ଶ୍ୟାମଳ  ଧରଣୀ  ରାଣୀ
ବରଷା ଝରାଏ ଆଖିରୁ ପାଣି।।

ନାନା ଜାତି ଭରା ପୁଷ୍ପ  ସମ୍ଭାର
ମହକ ଭରନ୍ତି ମନେ ଅପାର।।

ଶ୍ୟାମକାନ୍ତି ଶୋଭା ନବ ନୀରଦ
ତୁଳନା ତା ନାହିଁ ମଣ୍ଡିତ  ହୃଦ।।

ବନଭୂମି ନାଚେ ବିଭୋର ଛନ୍ଦେ
ରାଧା ତମାଳର ମହକ ଗନ୍ଧେ।।

ନିର୍ମଳ ମନରେ ଭାବୁକ ପ୍ରିୟା
ସଂଜ୍ଞା ତାର ନାହିଁ ଅବର୍ଣ୍ଣନୀୟା।।

କେତେ ପବିତ୍ର ସେ ଜଗାଏ ପ୍ରୀତି
ସରଳ ମଧୁର  ସନ୍ତୋଷ ଅତି।।

କଳା କୃଷ୍ଣ ମେଘ ମହ୍ଲାର ଗାଇ
ଜୀବନ ଯାତ୍ରାର ଛବି ଆଙ୍କଇ।।

ପ୍ରକୃତି ଚିନ୍ତନ ଜଗତ ହିତ
ଶୀତଳତା ଭରା ଶାନ୍ତି ଅମୃତ।।

■■■



ଏମ୍. ଆଇ. ଜି. -୭/୮, ଶୈଳଶ୍ରୀ ବିହାର,
ଭୁବନେଶ୍ୱର - ୨୧

# ଚାଷୀ ଭାଇ

ଡ.ସୁଶାନ୍ତ କୁମାର ପରିଡ଼ା





ସୁନ୍ଦର ସୃଷ୍ଟକୁ ଯିଏ ବଞ୍ଚେଇଛି
ଆପଣା ରକତ ଢାଳି
ସବୁଜ ଫସଲ ଭାଙ୍ଗଇ ଲହଡ଼ି
ବାଜି ଯା.. କୋଦାଳ କୋଡ଼ି
ନୂଆଣି ଚାଳର କାଠର ଚୁଲ୍ଲୀରେ
ଖାଏ ଯିଏ ପୋଡ଼ା ପୋଡ଼ି
ସେହି ତ ଜଗତ ଦ୍ୱିତୀୟ ଈଶ୍ୱର
କୃଷକ ଭାଇ ଆମରି

ପଖାଳ କଂସାରେ ସପନ ଯାହାର
ନିତି କରେ ଆତ୍ମହତ୍ୟା
ପ୍ରତି ମୁହୂର୍ତ୍ତରେ ଜୀବନେ ଯାହାର
ଆସୁଥାଏ ବନ୍ୟା ବାତ୍ୟା
ଅଭାବକୁ ଧରି ବୁଡ଼ି ମରେ ଯିଏ
ଲହୁକୁ ମାଟିରେ ଲିପି
ସେହି ଏକା ବନ୍ଧୁ ଦୁନିଆ ପାଳୁଛି
ସିଏ ସେବାର ତ ପ୍ରତିଲିପି !

ବୈଶାଖର ଖରା ଶ୍ରାବଣର ଧାରା
ମାଘ ମାସ ଜାଡ଼ ସହି
ମାଟି ମମତାରେ ସଂସାର ଜଞ୍ଜାଳ
ଚାଲିଥାଏ ବୋହି ବୋହି
ଯିଏ ଗାଉଥାଏ ସ୍ୱାଧୀନର ବାଣୀ
ସ୍ୱଗୃହରେ ନିଜେ ରହି
ସେହି ଏକା ବନ୍ଧୁ ଅଭାବ ଭିତରେ
ଜ୍ଞାନଭରା ଏକ ବହି

ଚାଷୀ ରୂପେ ଯା..କୁ ଜଗତ ଜାଣିଛି
ଅର୍ଣ୍ଣଦାତା ଅଟେ ସେହି
ଲୁଣ ଆମ୍ବୁଲରେ ଯାହାର ସଂସାର
ମାଟିର ମଣିଷ ଏହି
ଯିଏ ଗାଏ ସଦା ଲୁହର ସଙ୍ଗୀତ
ବିଲ ମୁଣ୍ଡେ ରହି ରହି
ଷୋଳପଣ କ୍ଷେତ ଫଳେଇବା ପାଇଁ
ସପନକୁ ନିତି ମାଟିରେ ମିଶାଏ
ସିଏ ଆମ ଚାଷୀ ଭାଇ

ଧନ୍ୟରେ କୃଷକ ଧନ୍ୟ ତୋର ସେବା
ତୋହର ଉପମା ନାହିଁ
ଜଗତ ତୋ ପାଖେ ଚିରଦିନ ଋଣୀ
ତୋ କାର୍ଯ୍ୟ କଳାପ ପାଇଁ
ଯେତେ ଦିନ ଥିବ ଏ ସୁନ୍ଦର ସୃଷ୍ଟି
ରହିବୁ ଉଚ୍ଚରେ ତୁହି
ଜୟ ଜୟ କାର ଶୁଭୁଥିବ ତୋର
ନଥିବେ ସମାନ କେହି ।

■■■

ଅଧ୍ୟାପକ,ଓଡ଼ିଆ ବିଭାଗ
ବିନାୟକ ଆଚାର୍ଯ୍ୟ କଲେଜ୍, ବ୍ରହ୍ମପୁର

# ସମୟର ଆହ୍ୱାନ

ଅଞ୍ଜଳା ପରମଗୁରୁ



ଏବେ ବି ସମୟ ଅଛି
ଭୁଲ ସୁଧାରିବାର
ମଣିଷ ହିଁ ପାଇଛି ଶକ୍ତି
ବିଚାର କରିବାର
ଅକର୍ତ୍ତବ୍ୟକୁ କର୍ତ୍ତବ୍ୟ ମଣି
ଯାହା କରି ଯାଇଛି ସେ
ଅବିବେକିତାରେ
ପ୍ରଶ୍ରୟ ଦେଇଛି
ବିନାଶର ତାଣ୍ଡବ ରଚନାରେ
ଜ୍ଞାନ ବିଜ୍ଞାନ ଆଉ ଧି-ମତ୍ତାର
ପରିଚୟ ଦେବାରେ ।
ସମୟ ଆସିଛି ଏବେ
ପୂର୍ଣ୍ଣ-ସମୀକ୍ଷାର,
ମାଟି ମାତୃକାକୁ ଅନ୍ତଃକରଣରେ
ସମ୍ମାନ ଦେବାର
ଯାହାର ବ୍ୟତିରେକେ
ପାତାଳ ନିବାସ ହେବ
ସୁନିଶ୍ଚିତ ତା'ର ।



■■■

ନୀଳଚକ୍ର ନଗର, ଟିଟିଲାଗଡ଼
ବଲାଙ୍ଗିର

# ଅବୁଝାପଣ

**ମମତାବାଳା ହୋତା**



ସନ୍ତାନ କି ବୁଝି ପାରେ
ମାଆର ମମତା !
ଯେପର୍ଯ୍ୟନ୍ତ ନ ହୋଇଛି ସିଏ
ମାତା କିମ୍ବା ପିତା।
ମାଆର ଛଳଛଳ ଲୁହକୁ
ଦେଇପାରେ ଛଳନାର ଆଖ୍ୟା,
ବୁଝି ବି ଅବୁଝା ହୁଏ ତା ପାଇଁ
ମମତାର ବ୍ୟାଖ୍ୟା।
ପିତୃତ୍ବର ଅନାବିଳ ସ୍ନେହକୁ ସେ
କରିଥାଏ, ନିର୍ବିକାରରେ ଉପେକ୍ଷା।
ତାଙ୍କ ସୋହାଗରେ ଖୋଜିବସେ
ଉପମା,ରୂପକ,ଉତପ୍ରେକ୍ଷା ।
ଅହଂଗ୍ରସ୍ତ ମନ ତା'ର କରିବସେ
ଲାଭ ଓ କ୍ଷତିର ହିସାବ ବେଉସା।
ଅବୋଧ ହୋଇଯାଏ ତା ପାଇଁ
ପିତାଙ୍କ ହୃଦୟର ରକ୍ତ ନିଗିଡା ଭାଷା।
ତା ଅବୁଝାପଣର ନିକିତି ରେ
ତଉଲି ତଉଲି
କରିବସେ ଆଶାତୀତ ଆଶା।
ତା ମନତଳେ ଉଙ୍କିମାରେ
ଅନ୍ତହୀନ ଅନନ୍ତ ଜିଜ୍ଞାସା।
କସ୍ତୁରୀ ମୃଗ ପ୍ରାୟେ ଖୋଜିବସେ
ସ୍ନେହ ଆଉ ମମତାର ଭାଷା।
ଭଲ ଓ ମନ୍ଦର ବିଚାର କରି କରି
ଜୀବନରେ ଭରିଯାଏ ହା ଓ ହତାଶା।
ହେ ଅପତ୍ୟମାନେ, ଏବେ ବି ସମୟ ଅଛି
ବିଶ୍ବାସରେ ଲଭିବ ସତ୍ୟତା।
ତାଙ୍କ ଆଶୀର୍ବାଦେ ପାଇ
ଯୁଗେ ଯୁଗେ ହେଉଥାଅ ଜଗତଜିତା।



■■■

ତପସ୍ୟା, ସମଲ ବ୍ୟାରେଜ, ଅନୁଗୁଳ
ମୋ - ୯୮୬୧୧ ୧୮୨୧୨

# ଆଜିର ନାରୀ

ଅନସୂୟା ବାରିକ





ଆଗୋ ନାରୀ ତୁମେ ରୁପର
ରୂପେଲି ବନ୍ୟା
ସୃଷ୍ଟି ର ତୁମେ ଶ୍ରେଷ୍ଠ ସାଧନ
କର୍ତ୍ତବ୍ୟ ରେ ତୁମେ ଧନ୍ୟା ।
ତୁମେ ଆକାଶର ଚମକ ଚାନ୍ଦିନୀ ପରି
ପରିବାର ପାଇଁ ସୁଖଶାନ୍ତି ଆଣ ତୋଳି
ଅନ୍ତରେ ସାଇତା ଅସରା ଦୁଃଖ କୁ
ସଞ୍ଜେ ଦିଅ ସଞ୍ଜ ଜାଳି ।
ସୁନ୍ଦର ଏଇ ସୃଷ୍ଟିର ତୁମେ ଆଧାର
ତ୍ୟାଗରେ ତୁମର ଗଢ଼ା
ପ୍ରୀତି ପରିବାର
ସମୟର ସଞ୍ଜ ଲେଉଟାଣି ବେଳେ
ତୁମେ ପ୍ରାତଃ ଅଂଶୁମାଳୀ କର ।
ଆଜି ଆସିଛି ସମୟ
ଦେବାପାଇଁ ପରିଚୟ
ଆମେ ଅବଳା କିବା ଦୁର୍ବଳା
ନୋହୁଁ ନିଶ୍ଚୟ
ପ୍ରତି କ୍ଷେତ୍ରରେ
ଚଲାପଥ ଧାରେ
ଆମେ ରେ ଅପରାଜେୟ ।

ରାଣୀ ଲକ୍ଷ୍ମୀବାଇ
ଇନ୍ଦିରା ଙ୍କ ସମ ଆମେ
ଡରିଯିବୁ ନାହିଁ ମରିଯିବୁ ନାହିଁ
ଭ୍ରମେ କୃପାଣ ଧରିବୁ
ସ୍ନେହ ବି ବାଣ୍ଟିବୁ
ନର ରାକ୍ଷସ ନ ରହିବେ ଧାମେ ।
ଉତ୍କଳ ର ନାରୀ ଆପଣା
ଜ୍ଞାନ ର ବଳେ
ଏ ସାରା ଦେଶରେ
କ୍ରାନ୍ତି ର ସୁର ତୋଳେ
ଅନ୍ୟାୟ ଅବା ଅତ୍ୟାଚାର ଆଉ
ଚଳିବ ନାହିଁ ଉତ୍କଳେ ।
ନାରୀ, କୁଳୁକୁଳୁ ଝରଣାର ମଧୁସୁର
ଦୟାକ୍ଷମାର ସେ ପ୍ରିତୀମୟୀ ଅବତାର
ନାରୀ ପ୍ରଗତିରେ  ଜାତିର ଉନ୍ନତି
ସେ ଯେ ପାଲଟେ ମମତା ଝର
ପରିବାର ହୁଏ ସ୍ୱର୍ଗପୁର
ଏହି ପରିଚୟ ନାରୀଟିର ।

■■■

ବି.ଡି.ଏ. କଲୋନୀ, ଚନ୍ଦ୍ରଶେଖରପୁର
ଭୁବନେଶ୍ୱର

# ଶ୍ରାବଣୀ ଗୋ

ନିରଞ୍ଜନ ସାହୁ



ବରଷା ଆଖିର ଲୁହ ଧାର ଯେବେ
ଶ୍ରାବଣ ମାସରେ ଝରେ
ଲୋକେ କହୁଥାନ୍ତି ମୌସୁମୀ ବରଷା
ଝରୁଅଛି ଏକାନ୍ତରେ ।

ବରଷା ନାସାରେ ଦୀର୍ଘ ଶ୍ୱାସ ଏତେ
ପବନ ବହଇ ଖରେ
ବରଷା ଛାତିରେ କୋହ ଉଠୁଥିଲେ
ବଜ୍ର ମାରେ ଛାତି ଥରେ
ବର୍ଷା ଆଖି ବୁଜି ଆଖି ଖୋଲିଦେଲେ
ବିଜୁଳି ଚମକ କରେ ।



ଶ୍ରାବଣରେ ଯଦି ବରଷା ନ କାନ୍ଦେ
ପୃଥିବୀ ନ ହୁଏ ଖୁସି
ଅନ୍ନଦାତା ଚାଷୀ ଇନ୍ଦ୍ରଙ୍କ ଉପରେ
ଅଭିମାନେ ଥାଏ ରୁଷି
ବରଷା କାନ୍ଦିଲେ ମର୍ତ୍ତ୍ୟରେ ଆନନ୍ଦ
ଶ୍ରାବଣରେ ଖେଳେ ଘରେ ।

■■■

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ-୧୬
ମୋ-୯୯୩୮୭୪୧୫୮

ଇ-ପତ୍ରିକା
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା, ୧ ଅଗଷ୍ଟ ୨୦୨୩

# ଚାରୋଟି ଏକପଦୀ

କୁଞ୍ଜ ବିହାରୀ ସାହୁ



-୧ -

ଘର ଲୋକ ଯଦି କୁମ୍ଭୀର ହୁଏ
କେମିତି ରହିବି କୁହ !
ଦିଆସିଲି କାଠି ଜାଳିଲେ ନିଆଁ
ଆଖିରୁ ଝରିବ ଲୁହ ।

-୨ -

କଣ୍ଟାବାଡ଼େ ଲୁଗା ଶୁଖେଇ ଯିଏ
କଳି କରୁଥାଏ ଆଗକୁ ଆସି,
ଜାଣିଶୁଣି ସିଏ ପକାଏ ଛେପ
ବଇରୀ କଥାରେ ନିଇତି ଭାସି ।

-୩ -

ବିଧବା ହୋଇ ବି ସଧବା ବେଶେ
ବୁଲୁଥାଏ ଯିଏ ସାହିକି ସାହି,
ଅଣ୍ଟି ଛୁରୀ ସିଏ ତଣ୍ଟିକୁ କାଟେ
ତାଆରି କବଳୁ ମିଳେନା ତ୍ରାହି ।



-୪ -

ବିବାହିତା ଝିଅ ସ୍ୱାମୀକୁ ଆଡ଼େଇ
ଫୁଟାଣି ମାରେ,
ବିଧବା ମାଆର ମନ୍ତ୍ରଣା ଦିଅଇ
ଇସାରା ଧାରେ ।

■■■

ଏଲ୍. ଆଇ. ଜି. -୧୫, ନୟାପଲ୍ଲୀ ବ୍ରିଟ୍ କଲୋନୀ
ଭୁବନେଶ୍ୱର
ମୋ - ୯୪୩୭୯୨୯୮୭୯

# ଧୋକା

କରିସ୍ମା ତ୍ରିପାଠି



କଥା ଦେଇ କଥା ରଖିଲନି ତୁମେ
କରିଦେଲ ସାତ ପର
ପୁରୁଣା ହୋଇଲି ଭାବି ଏଡାଇଲ ,
ନୂଆଁ କୁ କଲ ନିଜର ।

କେମିତି ବଦଳି ଗଲ କହ ପ୍ରିୟ ,
କଲ ମୋତେ ଆନମନା
ଯାହାକୁ ମୁଁ ଦିନେ ଭାବି ଥିଲି ସତ,
ସେ ସବୁ ଥିଲା ଛଳନା ।

ମିଥ୍ୟା ସମ୍ପର୍କ ଟେ ଗଢିଥିଲ ତମେ
ଶରୀର ର ଭୋକ ତେଜି
ମିଥ୍ୟା ମରୀଚିକା ପଛେ ଧାଉଥିଲି
ଅଧା ବାଟେ ଗଲି ହଜି !

ଦେଇଥିଲ କେତେ ମିଥ୍ୟା ପ୍ରତିଶୃତି
ସାଜିଥିଲ ମୋର ମନର ମୁରତି
ସ୍ୱାର୍ଥକୁ ଆପଣା କରିନେଲ ପ୍ରିୟ
ଆଉ କାହା ସାଥୀ ହୋଇ ।

■■■



ଭୁବନେଶ୍ୱର

# ବର୍ଷାର ସ୍ପର୍ଶ

ବୀଣାପାଣୀ ଚୌଧୁରୀ

ଯାଉଁଳି ଯାଉଁଳି ମେଘ
ପାଲଟି ଯାଏ କଳା ବାଦଲ
ଆକାଶର ଓଲଟ ବୃକ୍ଷରେ,
ତୃଷିତା ଧରଣୀ ଚାହିଁ ଥାଏ
ପାଇବାକୁ ବର୍ଷାର ଚୁମ୍ବନ ।

ବର୍ଷା ବୁଝେ ଭିଜାଭିଜା ମାଟିର ସପନ
ଗଭୀର ପ୍ରୀତିରେ ତୋଳିନିଏ
ସ୍ପର୍ଶ ଦିଏ ଘନ ଘନ ।

ଚାରିଆଡେ ଖେଳିଯାଏ ଜଳର ପ୍ଲାବନ
ମାଟିର ଜରାୟୁରେ ସୃଷ୍ଟି ହୁଏ
ମଧୁର କମ୍ପନ ।

ବର୍ଷା ଆଉ ଧରିତ୍ରୀର ମିଳନରେ
ଜଗତକୁ ମିଳିଯାଏ
ସବୁଜ ଆସ୍ତରଣ ନୂଆ ଇନ୍ଦ୍ରଧନୁ ।



■■■

ମାଧମିକ ଶିକ୍ଷା ପରିଷଦ, ଓଡିଶା
ଭୁବନେଶ୍ୱର - ୧୩
ମୋ - ୯୮୬୧ ୪୪୬ ୦୧୬

# ତେଲ

**ଶମ୍ଭୁନାଥ ରାଉଳ**



ସବୁ ତେଲର ଦର ଆକାଶ ଛୁଆଁ
ତଥାପି ଆମେ ଭଲପାଉ
ତେଲ ବୋଳିବାକୁ ମୁଣ୍ଡରେ ଦେହରେ
ଯେଉଁଠି ଯେମିତି ଦରକାର
ସେ ତେଲର କେତେ ଆବଶ୍ୟକତା
ବୋଲୁଥିବା କିମ୍ବା ବୋଳା ଖାଉଥିବା
ବ୍ୟକ୍ତି ବିଶେଷ ଅନୁଭବୀ
ବିଶେଷ ମାତ୍ରାରେ ।
ସେଥି ।ଇଁ 'ତେଲିଆ ମୁଣ୍ଡରେ ତେଲ'ର
ବିଶେଷ ଆଦର
ସବୁ ସମୟରେ ସବୁ ଯୁଗରେ
ଆଜି କାଲି ଉପଯୋଗ ଅନେକ ମାତ୍ରାରେ ।
ଏମିତି ଏ ତେଲ ବୋଳା ଦେଖି ଦେଖି
କାହାର କଳିଜା ଫାଟିଯାଏ
କାହାର କଲମରୁ ତୀର୍ଯ୍ୟକ୍‌ର
ଉତ୍ପତ୍ତି ଘଟେ
ଅଭିମାନ, ସ୍ୱାଭିମାନ, ଅପମାନରେ
ହୃଦୟ ଭାଙ୍ଗିଯାଏ ଅଣୁ ପରମାଣୁ ମାତ୍ରାରେ
ଆଗରେ ଧୂସର ମରୁଭୂମି
ପଛରେ ଜଳି ଯାଇଥିବା ପୃଥିବୀ
ଉପରେ ଘମାଘୋଟ ମେଘର ଆସ୍ତରଣ
ଲେଖନୀରେ ଯୁଗ ଯୁଗ ଶୁସ୍ତତା
ତୃଷାର୍ତ୍ତ ପ୍ରାଣ, ଅର୍ଦ୍ଧ ଦଗ୍ଧ ହୃଦୟ
ଠିକ୍ ଭୁଲର ସଂଘର୍ଷ
ମହାତ୍ମାଗାନ୍ଧୀଙ୍କ ଦର୍ଶନରେ
ପ୍ରଭାବିତ ହେବାର ଅସ୍ଖଳନ
ଦୁର୍ବାର ଅଭିସାର
ପ୍ରତିଥର ଠେଲି ଦିଏ ଆହୁରି ପଛକୁ
ଆହୁରି ପଛକୁ
କେବେ ହୁଏତ ପୋତି ହେଇଯିବ
ଅଚାନକ ଭୂସ୍ଖଳନ
କିମ୍ବା ପୃଥିବୀକୁ ଭେଦ କରି
ସୃଷ୍ଟି କରି ପାରିବ ଶୁଷୋଭିତ
ଏକ ଅମର ଆତ୍ମାର ମନ୍ଦିର ।



■■■

ଇନ୍ଦିରା ହାଉସିଂ କଲୋନି
ମୃତ୍ୟୁଂଜୟ ବିହାର,ଶିଶୁପାଳଗଡ
ଭୁବନେଶ୍ୱର -୦୨
ମୋ - ୯୩୩୮୦୧୧୧୮୩

# "ଇ ପତ୍ରିକା" ର ଦ୍ୱିତୀୟ ବର୍ଷ, ପ୍ରଥମ ସଂଖ୍ୟା (ଜୁଲାଇ) ଏବଂ କବିତା ପାଠୋତ୍ସବ ସମୟର କିଛି ସ୍ମୃତି ୨୬.୦୬.୨୦୨୩ (ସୋମବାର)






















# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ,ଭୁବନେଶ୍ୱର

# ଇ ପତ୍ରିକା

ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା, ୧ ଅଗଷ୍ଟ ୨୦୨୩
Vol. - II, 2nd Issue, 1st August 2023

**Publisher : Newtra Creations, Bhubaneswar**

Email : epatrika.cspursahityasansad@gmail.com
Website: www.newtracreations.com / www.cspursahityasansad.com